# ଜନବାର୍ତ୍ତା

**ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର**

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE

THE JANABARTTA ଜନବାର୍ତ୍ତା

• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Janabartta_thenews

Janabartta Live

www.janabartta.com

epaper.janabartta.com

05 JULY to 11 JULY 2026

୦୫ ଜୁଲାଇ ଠାରୁ ୧୧ ଜୁଲାଇ, ୨୦୨୬

VOL- 1 ● ISSUE- 20 ବର୍ଷ-୧ ● ସଂଖ୍ୟା- ୨୦ | PRGI NO- ORORI/26/A0341. ● WEEKLY EDITION | ପୃଷ୍ଠା-୮ ● ମୂଲ୍ୟ-୮/- PAGES - 8 ● PRICE- 8/-


## ବ୍ୟଙ୍ଗ ପ୍ରମାଦ



ଅଯୋଧ୍ୟା ପରେ ବଦ୍ରିନାଥଙ୍କ  
ଖାଇଗଲ କେତେ ଧନ  
ରାମ ମନ୍ଦିରରେ ସ୍କାମ କରିଲ  
ଜାଣିଲେ ଭକତ ଜନ  
ଧନ ଅର୍ଜନ ପାଇଁ ଲୋକେ  
କରିଥିଲେ ଦାନ  
ଦାନ ଅର୍ଥ ହଡ଼ପ କରିଲ  
ଧନ୍ୟ ଟ୍ରଷ୍ଟି ତୁମେ ଧନ୍ୟ ଧନ୍ୟ  
ମସ୍‌ଜିଦ୍ ଭାଙ୍ଗିଲା ମନ୍ଦିର ହେଲା  
ରାମଙ୍କର ଜୟ ଗାନ  
ଟ୍ରଷ୍ଟି ହୋଇ ଟ୍ରଷ୍ଟ ଗଢ଼ିଲ  
ସାଧୁ ବେଶେ ଚୋର ମନ

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ସାଧାରଣରେ ଗୋଟିଏ ଧାରଣା ଅଛି ଯେ, ଯନ୍ତ୍ର ନିଯୁକ୍ତିକୁ କମାଏ। ଏକ ସମୟରେ ଶିଳ୍ପଗୁଡ଼ିକ ନିଯୁକ୍ତି ସୃଷ୍ଟିର ଉତ୍ସ ଥିଲେ। ସମଗ୍ର ପୃଥିବୀରେ ଲକ୍ଷ ଲକ୍ଷ ଲୋକ ନିଜର ଗାଁ ଛାଡ଼ି କାରଖାନାମାନଙ୍କରେ କାମ କରିବାକୁ ସହରରେ ଆସି ବସବାସ କରିଥିଲେ। ଦିନେ ରାଉରକେଲା ଇସ୍ପାତ କାରଖାନାରେ ୨୦ ହଜାରରୁ ଅଧିକ ବ୍ୟକ୍ତି ନିଯୁକ୍ତି ପାଇଥିଲେ। କିନ୍ତୁ ଆଜି ତାହାର ଠିକ ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି। ଶିଳ୍ପଟି ଯେତେ ବଡ଼ ନିଯୁକ୍ତି ସେତେ ଅଳ୍ପ। ଯେଉଁ କାର୍ଯ୍ୟ ପାଇଁ ମଣିଷ ମାନେ ବ୍ୟବହୃତ ହେଉଥିଲେ ତାହା ଏବେ ମେସିନ ଦ୍ୱାରା ନିଖୁଣ ଭାବରେ ସମ୍ପାଦିତ ହେଉଛି। ରାଉରକେଲା ଇସ୍ପାତ କାରଖାନାର ତିନି ଗୁଣ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନାରେ ଆଜି ମାତ୍ର ୨ ହଜାର ବ୍ୟକ୍ତି ନିଯୁକ୍ତି ପାଉଛନ୍ତି। ଦିନେ ଭାରତରେ ଲକ୍ଷ ଲକ୍ଷ ଇଞ୍ଜିନିୟର ଆଇଟି ଶିଳ୍ପରେ ନିଯୁକ୍ତ ହେଉଥିଲେ। ଆଜି ଉକ୍ତ କାର୍ଯ୍ୟଗୁଡ଼ିକ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ନିମିଷକରେ ସମ୍ପାଦିତ ହେଉଛି। ସେଥିପାଇଁ ଏକ ଧାରଣା ସୃଷ୍ଟି ହୋଇଛି ଯେ ଯନ୍ତ୍ର ମଣିଷର ବିରୋଧୀ। ଏହା ଦ୍ୱାରା ନିଯୁକ୍ତି ହ୍ରାସ ପାଏ। କିନ୍ତୁ ଯନ୍ତ୍ର ବ୍ୟବହାର କଲେ ନିଯୁକ୍ତି ଯେ ବୃଦ୍ଧି ପାଇବ ତାହା ଲୋକେ ସହଜରେ ଗ୍ରହଣ କରନ୍ତି ନାହିଁ। ଏହାର ପ୍ରମାଣ ଆମେ ଦେଖିବା କୃଷି କ୍ଷେତ୍ରରେ ।



ବିଜୟ କୁମାର ପଟ୍ଟନାୟକ

ଆଜି ମଧ୍ୟ କବିତା ବା ଚିତ୍ରକଳାରେ ଗ୍ରାମାଞ୍ଚଳର ଚିତ୍ର କହିଲେ ଯୋଡ଼ି ବଳଦ ପଛରେ ମୁଣ୍ଡ ଝାଳ ତୁଣ୍ଡେ ମାରୁଥିବା ଚାଷୀ ବାପୁଡ଼ା, ଶଗଡ଼, ଚାଳଘର, ଖୋଲା କୂଅ, ଅଙ୍କାବଙ୍କା ମାଟି ରାସ୍ତା, ମୁକ୍ତ ଆକାଶରେ ଉଡୁଥିବା ଚଢ଼େଇ ଆଦି ଦୃଶ୍ୟମାନ ହୁଏ। କିନ୍ତୁ ଆଜି ନା ଯୋଡ଼ି ବଳଦ ଅଛି ନା ଶଗଡ଼। ଜମି ହଳ କରିବା ପାଇଁ ଆଜି ଅଛି ଟ୍ରାକ୍ଟର ବା ପାୱାର ଟିଲର। ଅନେକ ସ୍ଥାନରେ ଗ୍ରାମୀଣ ମହିଳାଙ୍କ ଦ୍ୱାରା ଧାନ ରୁଆ ନ ହୋଇ ଧାନରୁଆ ଯନ୍ତ୍ର ବ୍ୟବହୃତ ହେଉଛି। ଶସ୍ୟ ଅମଳ ପାଇଁ ନା ଅଛି ଦାଆ' ନା କୁଲା'। ତା ବଦଳରେ ଆଜି ଅଛି ହାରଭେଷ୍ଟର ଓ ଫୋର୍କ ଲିଫ୍ଟ। ଏ ସବୁର ବ୍ୟବହାର ଫଳରେ ନିଯୁକ୍ତି ବଢ଼ିଛି ନା କମିଛି ? ଏହାର ଉତ୍ତର ଉଭୟ 'ହଁ' ଏବଂ 'ନା'।

ଗୋଟିଏ ଚାଷୀର ଜମିରେ ଯନ୍ତ୍ର ପ୍ରୟୋଗ ଫଳରେ କୃଷି ଶ୍ରମିକ ମାନଙ୍କର ଆବଶ୍ୟକତା କମିଛି ଓ ତାହାର ଚାଷ ଲାଭପ୍ରଦ ହୋଇଛି। ନ ହେଲେ ଚାଷୀ ଟି ଯନ୍ତ୍ର ବ୍ୟବହାର କରନ୍ତା ନାହିଁ। କିନ୍ତୁ ଯଦି ସମଗ୍ର କୃଷି କ୍ଷେତ୍ରକୁ ଅନୁଧ୍ୟାନ କରାଯାଏ ତେବେ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି। ଆଜି ଯଦି ଓଡ଼ିଶାର ଯେ କୌଣସି ଗାଁ କୁ ଦେଖନ୍ତି ତେବେ କାମ କରିବା ପାଇଁ ଲୋକ ଅଭାବ ଲକ୍ଷ୍ୟ କରାଯିବ। କର୍ମଠ ଯୁବକମାନେ ଗାଁ ଛାଡ଼ି ସୁଦୂର ତାମିଲନାଡୁ, କେରଳ, ସୁରଟ ବା ହାଇଦ୍ରାବାଦକୁ ଚାଲିଯାଇଛନ୍ତି। ସେମାନଙ୍କ ପ୍ରକୃତ ସଂଖ୍ୟାର ତଥ୍ୟ କେଉଁଠାରେ ନାହିଁ। ତେବେ ଅନୁମାନ କରାଯାଏ ଯେ, ପ୍ରାୟ ପଚାଶ ଲକ୍ଷ ଲୋକ ଓଡ଼ିଶା ବାହାରେ ଶ୍ରମିକ ଭାବରେ କାମ କରୁଛନ୍ତି। ଚାଷ କାମ ପାଇଁ ତାଙ୍କ ନିଜ ଗାଁରେ ଲୋକ ଅଭାବ। ଫଳରେ ଜମି ପଡ଼ିଆ ପଡୁଛି। ଉଦ୍‌ବେଗର ବିଷୟ ଯେ, ଜଳସେଚିତ ଜମି ପାଇଁ ମଧ୍ୟ କୃଷି ଶ୍ରମିକ ମିଳୁ ନାହାନ୍ତି। ଯଦି ଧାନ ଚାଷରେ ଯନ୍ତ୍ର ବ୍ୟବହାର ହେଉ ନ ଥାଆନ୍ତା ତେବେ ଆହୁରି ଜମି ପଡ଼ିଆ ପଡ଼ନ୍ତା। ସଠିକ ସମୟରେ ଚାଷ କାମ ହୋଇ ପାରନ୍ତା ନାହିଁ। ଫଳରେ ସାମଗ୍ରିକ ଭାବରେ ନିଯୁକ୍ତି ସୁଯୋଗ ସଙ୍କୁଚିତ ହୋଇଯାନ୍ତା। ଯନ୍ତ୍ର ବ୍ୟବହାର ଫଳରେ ଗୋଟିଏ ଜମିରୁ ଏକାଧିକ ଫସଲ ଉତ୍ପାଦନ କରାଯାଇ ପାରୁଛି। ସେଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅଧିକ ଲୋକ ନିଯୁକ୍ତ ହେଉଛନ୍ତି। ଆମେ ଏହି ଦୃଶ୍ୟକୁ ଅନ୍ୟ ଏକ ଦୃଷ୍ଟିକୋଣରୁ ଦେଖିବା ଉଚିତ। ତାହା ହେଉଛି ଯୁବକ/ଯୁବତୀମାନଙ୍କୁ କାମ ଯୋଗାଇବା ପରିପ୍ରେକ୍ଷୀରେ। ବିଗତ ସପ୍ତାହ ମାନଙ୍କରେ ଆମେ ଆଲୋଚନା କରିଛେ କିଭଳି ଭାବରେ ଶିକ୍ଷିତ ପିଲାମାନେ ଅଳ୍ପଶିକ୍ଷିତ ପିଲାଙ୍କଠାରୁ ଆଜି କମ୍ ଦରମା ପାଉଛନ୍ତି। ଜଣେ ସିକ୍ୟୁରିଟି ଗାର୍ଡ ଜଣେ ଡିପ୍ଲୋମା ହୋଲ୍ଡରଠାରୁ ଅଧିକ ଦରମା ପାଉଛି। ଓଡ଼ିଶାରେ ବର୍ତ୍ତମାନ ଶିକ୍ଷିତ ବେକାର ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ସଂଖ୍ୟାଧିକ କଳା ସ୍ନାତକ। ତାଙ୍କର ଡିଗ୍ରୀ ଚାକିରି ପାଇବାରେ ସହାୟକ ନୁହେଁ। ଯେତେ ଶିଳ୍ପ ବସାଇଲେ ମଧ୍ୟ ସେମାନଙ୍କୁ ସେଥିରେ ନିଯୁକ୍ତି ଦେବା ସମ୍ଭବ ନୁହେଁ। ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ହେବ। ସ୍ୱାବଲମ୍ବୀର ଅର୍ଥ ନୁହେଁ ବେକାରି ଭତ୍ତା। ସେମାନଙ୍କ ପାଇଁ ଆତ୍ମ ନିଯୁକ୍ତିର ବ୍ୟବସ୍ଥା କରିବାକୁ ହେବ। ନିଜ ଗାଁରେ ନିଜ ଘରେ ରହି ମାସିକ ୧୦ ରୁ ୧୫ ହଜାର ଟଙ୍କା ଉପାର୍ଜନ କରିବାର ଏକ ମାତ୍ର ପନ୍ଥା ହେଲା କୃଷି ବା କୃଷି ସମ୍ବନ୍ଧିତ ପ୍ରକଳ୍ପ କରିବା। ଏହି ଉଦ୍ଦେଶ୍ୟ ନେଇ ୧୯୯୬ ମସିହାରେ ପ୍ରଣୀତ ପ୍ରଥମ 'କୃଷିନୀତି'ରେ 'ଆପିକଲ' ସଂସ୍ଥାର ପରିକଳ୍ପନା କରାଯାଇଥିଲା। ଯୁବକ/ଯୁବତୀମାନଙ୍କୁ କୃଷି ଉଦ୍ୟୋଗ ପ୍ରତି ଆକୃଷ୍ଟ କରିବା ପାଇଁ ଓ ଉକ୍ତ ଉଦ୍ୟୋଗଗୁଡ଼ିକ ସ୍ଥାପନ କରିବା ସାହାଯ୍ୟ ଯୋଗାଇବା ପାଇଁ ଏହା ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ମଧ୍ୟ ଉକ୍ତ ସଂସ୍ଥା କାର୍ଯ୍ୟ କରୁଛି।

କୃଷିକୁ ଉଦ୍ୟୋଗରେ ପରିଣତ କରିବା ରାସ୍ତାରେ ଏକ ପ୍ରତିବନ୍ଧକ ରହିଛି। କୃଷି ଉଦ୍ୟୋଗ ପାଇଁ ତ ପ୍ରୋଜେକ୍ଟ ରିପୋର୍ଟ ତିଆରି କରିଦେଇ ହେବ। କିନ୍ତୁ ତାକୁ କାର୍ଯ୍ୟକାରୀ କରିବା ସହଜ ନୁହେଁ। ଉଦାହରଣ ସ୍ୱରୂପ ଫୁଲଚାଷ ପାଇଁ ପ୍ରୋଜେକ୍ଟ ରିପୋର୍ଟ ତିଆରି ହୋଇଯିବ, ଲାଭ କ୍ଷତିର ତାଲିକା ପ୍ରସ୍ତୁତ ହୋଇଯିବ। କିନ୍ତୁ ଫୁଲଚାଷ କରିବା ପାଇଁ ମାଳି ମିଳିବେ ତ ? ଯଦି କୃଷି ଶ୍ରମିକ ବା ମାଳିମାନେ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟରେ ଥିବେ ତେବେ ଚାଷ କରିବ କିଏ ? ଶିକ୍ଷିତ କୃଷି ଉଦ୍ୟୋଗୀମାନଙ୍କ ପାଇଁ ତାହା ଏକ ସମସ୍ୟା। ତାହାର ଏକ ମାତ୍ର ସମାଧାନ ହେଉଛି ଯନ୍ତ୍ରର ବ୍ୟବହାର।

ଆଜିର ଯୁବପିଢ଼ୀ ମାଟିର ମଣିଷ ହେବା ପାଇଁ ପଶ୍ଚାତପଦ। ସେମାନେ ଲଙ୍ଗଳ ପଛରେ କାଦୁଅ ଭିତରେ ଚାଲିବା ପାଇଁ ଅନିଚ୍ଛୁକ । କାରଣ ତାହା ସେମାନଙ୍କ ପାଇଁ ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟ ନୁହେଁ। କିନ୍ତୁ ସେହି କାର୍ଯ୍ୟ ଯନ୍ତ୍ର ମାଧ୍ୟମରେ କରିବା ସେମାନଙ୍କ ପାଇଁ ବେଶ ଉତ୍ସାହପ୍ରଦ। ଜଣେ ଯୁବକ ବାଳକଟା ସେଲୁନ କରିବାକୁ ଅନିଚ୍ଛୁକ କିନ୍ତୁ ୟୁନିସେକ୍ସ ପାର୍ଲର ବସାଇବାରେ ଅସୁବିଧା ନାହିଁ। ଧୋବା କାମ କରିବାକୁ ସେ ଅନିଚ୍ଛୁକ କିନ୍ତୁ ଡ୍ରାଏ କ୍ଲିନିଂ ୟୁନିଟ ବସାଇବାରେ ଅସୁବିଧା ନାହିଁ। ସବୁ ଗ୍ଲାମରର କଥା। ଚାଷ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ। ବିଭିନ୍ନ ମିଟର ମାଧ୍ୟମରେ ଜଳୀୟ ଅଂଶ ନିରୂପଣ କରିବା, ସାର ଦେବା, ଜଳସେଚନ କରିବା, ଔଷଧ ପ୍ରୟୋଗ କରିବା ଆଦି କାର୍ଯ୍ୟ ଯନ୍ତ୍ର ମାଧ୍ୟମରେ କରି ତାକୁ କମ୍ପିଉଟର ଦ୍ୱାରା ନିୟନ୍ତ୍ରିତ କଲେ ଚାଷରେ ମଧ୍ୟ ଗ୍ଲାମର ଅଛି। ଥରେ ଶିକ୍ଷିତ ଯୁବକ/ଯୁବତୀମାନେ ଚାଷ କରିବାରେ ଆନନ୍ଦ ପାଇଲେ ସେଥି ପ୍ରତି ଆକୃଷ୍ଟ ହେବେ। ଯନ୍ତ୍ର ଓ ବୈଜ୍ଞାନିକ ଉପାୟରେ ମଣିଷର ଅଭାବକୁ ମେଣ୍ଟାଯାଇ ପାରିବ ଓ ଶିକ୍ଷିତ ଯୁବକ/ଯୁବତୀମାନେ ସେହି କାର୍ଯ୍ୟ ନିପୁଣତାର ସହ କରି ପାରିବେ। ଏହା କଲେ ଅଧିକରୁ ଅଧିକ ଶିକ୍ଷିତ ପିଲାମାନେ ନିଜ ଘରେ ରହି ଫୁଲ ବା ଫଳ ଚାଷ କରିପାରିବେ ଓ ସାମଗ୍ରିକ ଭାବରେ ଗାଁର ବା ସେ ଅଞ୍ଚଳର ଅର୍ଥନୀତି ଉନ୍ନତ ହେବ। ଅର୍ଥନୀତିର ଉନ୍ନତି ହେଲେ ଆପେ ଆପେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୟୁନିଫର୍ମ ଓ ଜୋତା ପିନ୍ଧି, ମୁଣ୍ଡରେ କ୍ୟାପ, ହାତରେ ଗ୍ଲୋଭ ଲଗାଇ ଯେତେବେଳେ ଓଡ଼ିଶାର ଯୁବକ ଯୁବତୀମାନେ କୃଷି ଉଦ୍ୟୋଗ କରିବେ ସେତେବେଳେ ଗ୍ରାମାଞ୍ଚଳର ପାରମ୍ପରିକ ଦୃଶ୍ୟ ବଦଳିଯିବ। ଶ୍ରମଭିତ୍ତିକ ଚାଷ ବଦଳରେ ଯନ୍ତ୍ରଚାଳିତ ଚାଷ ହେବ ଓ ଏକ ଆଧୁନିକ କୃଷି ଉଦ୍ୟୋଗୀ ସମାଜ ଗଠିତ ହେବ। ବିଦେଶରେ ଆମେ ଠିକ ଏହି ଦୃଶ୍ୟ ଦେଖୁ।

## ଯାନ୍ତ୍ରିକରଣ ଦ୍ୱାରା ନିଯୁକ୍ତି ସୃଷ୍ଟି

କୃଷି ଯାନ୍ତ୍ରିକରଣର ନିଯୁକ୍ତି ସୁଯୋଗ ବୃଦ୍ଧି କରିବାରେ ଆଉ ଏକ ସମ୍ଭାବନା ରହିଛି। ପ୍ରତ୍ୟେକ ପ୍ରକାରର କୃଷି କାର୍ଯ୍ୟ ପାଇଁ ଯନ୍ତ୍ର ଉଦ୍ଭାବିତ ହୋଇ ନାହିଁ। ଉଦାହରଣ ସ୍ୱରୂପ - ଧାନ ବା ଗହମ ଚାଷ ପାଇଁ ଅନେକ ପ୍ରକାରର ଯନ୍ତ୍ର ଉଦ୍ଭାବିତ ହୋଇ ସାରିଛି । ହଳ କରିବା ପାଇଁ ଟ୍ରାକ୍ଟର ବା ପାୱାର ଟିଲର, ଧାନ ରୋଇବା ପାଇଁ ଟ୍ରାନ୍ସପ୍ଲାଣ୍ଟର, ବେଉଷଣ ପାଇଁ ଉଇଡର, ପୋକ ଦମନ ପାଇଁ ସିଂଚନ ଯନ୍ତ୍ର, ଜଳସେଚନ ପାଇଁ ପମ୍ପ, ଅମଳ ପାଇଁ ହାରଭେଷ୍ଟର ଇତ୍ୟାଦି। ଚିନାବାଦାମ ପାଇଁ ଉଦ୍ଭାବିତ ହୋଇଛି ସିଡ୍ ଡ୍ରିଲ୍, ଡିଗର ଇତ୍ୟାଦି। କିନ୍ତୁ ନଡ଼ିଆ ଚାଷ ପାଇଁ ଟ୍ରାକ୍ଟର ବା ପମ୍ପ ଭଳି କେତେକ ସାଧାରଣ ଯନ୍ତ୍ର ଛଡ଼ା ନଡ଼ିଆ ତୋଳିବା ଭଳି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଯନ୍ତ୍ର ଉପଲବ୍ଧ ହୋଇ ନାହିଁ। ଆଖୁଚାଷ ବା କଦଳୀ ଚାଷ ପାଇଁ ଯନ୍ତ୍ରପାତି ନାହିଁ। ବିଭିନ୍ନ ପ୍ରକାରର ଅର୍ଥକରୀ ଫସଲ ପାଇଁ ଯନ୍ତ୍ର ଉଦ୍ଭାବିତ ହୋଇ ନାହିଁ। ଧନୀ ରାଷ୍ଟ୍ରମାନଙ୍କରେ ଚାଷ ପାଇଁ ଅନେକ ପ୍ରକାରର ଯନ୍ତ୍ର ଉଦ୍ଭାବିତ ହୋଇ ସାରିଛି । କିନ୍ତୁ ସେଗୁଡ଼ିକ ଭାରତ ବା ଓଡ଼ିଶା ପାଇଁ ଉପଯୁକ୍ତ ନୁହେଁ । କାରଣ ଉନ୍ନତ ରାଷ୍ଟ୍ର ମାନଙ୍କର ଫାର୍ମ ଗୁଡିକର ଆକାର ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ କ୍ଷେତ ଠାରୁ ଅନ୍ତତଃ ଶହେ ଗୁଣ ବଡ଼। ଆମ ଚାଷୀଙ୍କ ପାଇଁ ଉପଯୁକ୍ତ ଯନ୍ତ୍ର ଉଦ୍ଭାବନ କରିବା ଏକାନ୍ତ ଆବଶ୍ୟକ। ସେଥିପାଇଁ ଆମର ଶିକ୍ଷାନୁଷ୍ଠାନ ଗୁଡିକ ଯଥେଷ୍ଟ ଧ୍ୟାନ ଦେଉ ନାହାନ୍ତି। ଉକ୍ତ ଗବେଷଣା ପାଇଁ ଆବଶ୍ୟକ ଅର୍ଥ ବରାଦ ହେଉ ନାହିଁ। ବୈଷୟିକ ଜ୍ଞାନ ସମ୍ପନ୍ନ ଆମର ଶିକ୍ଷିତ ଇଞ୍ଜିନିୟର ବା ବୈଜ୍ଞାନିକ ମାନଙ୍କ ପାଇଁ ଏହା ଏକ ପ୍ରଶସ୍ତ ସୁଯୋଗ। ଆଜିକାଲି ଷ୍ଟାର୍ଟ ଅପ୍‌ର ଯୁଗରେ ଏଥିପାଇଁ ଯଥେଷ୍ଟ ସୁଯୋଗ ଓ ସାମାଜିକ ସ୍ୱିକୃତି ଅଛି। ଏହା ବ୍ୟତୀତ, କୃଷି ପାଇଁ ଉଦ୍ଦିଷ୍ଟ ଯନ୍ତ୍ରଗୁଡ଼ିକ ତିଆରି କରିବା ପାଇଁ ଅନେକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗଢ଼ି ଉଠିପାରିବ। ଯେହେତୁ ଓଡ଼ିଶାରେ ଅନେକ ବୃହତ ଇସ୍ପାତ ଓ ଷ୍ଟେନଲେସ ଷ୍ଟିଲ କାରଖାନା ସ୍ଥାପିତ ହୋଇ ସାରିଲାଣି, କୃଷି ଯନ୍ତ୍ର ଓ ଯନ୍ତ୍ରପାତି ତିଆରି ପାଇଁ ଗୋଟିଏ ଦୁଇଟି ସ୍ଥାନରେ ଶିଳ୍ପପୁଞ୍ଜି ବସାଯାଇ ପାରିବ। ସେଥିରେ ହଜାର ହଜାର କାରିଗରଙ୍କୁ ନିଯୁକ୍ତି ଦିଆ ଯାଇପାରିବ। କୃଷି ଯନ୍ତ୍ର ଉତ୍ପାଦନ ପାଇଁ ସମଗ୍ର ଭାରତ ବର୍ଷରେ ବା ବିଦେଶରେ ଓଡ଼ିଶା ନିଜ ପାଇଁ ଏକ ପରିଚୟ ସୃଷ୍ଟି କରି ପାରିବ। ଦିନ ଥିଲା ଶିଳ୍ପ ଓ କୃଷି ମଧ୍ୟରେ ଏକ ପ୍ରତିଯୋଗିତା ଚାଲିଥିଲା। ଚାଷ କାମ ଛାଡ଼ି ଶ୍ରମିକ ମାନେ ଶିଳ୍ପ କାରଖାନାରେ କାର୍ଯ୍ୟରତ ହେଉଥିଲେ। ସେତେବେଳେ ତର୍କ ହେଉଥିଲା କୃଷି ଭଲ ନା ଶିଳ୍ପ। କିନ୍ତୁ ଆଜି ସେଥିରେ ପରିବର୍ତ୍ତନ ଆସିଛି। କୃଷି ଓ ଶିଳ୍ପ ପରସ୍ପରର ପ୍ରତିଯୋଗୀ ବା ବିକଳ୍ପ ନୁହନ୍ତି। ସେମାନେ ଉଭୟଙ୍କ ପାଇଁ ପରିପୂରକ। ଯନ୍ତ୍ର ନିଯୁକ୍ତି କମ୍ ନାହିଁ, ତାହାର ପ୍ରସାର କରେ।

# ଓଡ଼ିଶା ମୁହାଁ ଗୁଜୁରାଟ କମ୍ପାନୀ

## ୬୭,୦୦୦ କୋଟି ଟଙ୍କାର ଗ୍ରୀନ୍ ଏନର୍ଜି ପ୍ରକଳ୍ପ କରିବ ଗୁରୁଗ୍ରାମର ଏସିଏମଇ ଗ୍ରୁପ୍




- ଆସୁଛନ୍ତି ଶହ ଶହ କମ୍ପାନୀ, ଓଡ଼ିଶା ଗରିବ ସେମାନେ ଧନୀ
- ଗୁଜୁରାଟ ବ୍ୟବସାୟୀ ସବୁଠୁ ଆଗରେ
- ଆଦାନୀ ଦ୍ୱାରା ୧.୦୮ ଲକ୍ଷ କୋଟିର ଆଲୁମିନିୟମ ପ୍ରକଳ୍ପ
- ଉତ୍କର୍ଷ ଓଡ଼ିଶା ଓ ଇନ୍‌ଭେଷ୍ଟର୍ସ ମିଟ୍ ପାଇଁ ବଡ଼ ପୁଞ୍ଜି ନିବେଶ
- ଟାଟା ଗ୍ରୁପ୍ ଗଞ୍ଜାମରେ ୧୦,୦୦୦ କୋଟିର ସୋଲାର ପ୍ଲାଣ୍ଟ ସ୍ଥାପନ କରିବ

ଭୁବନେଶ୍ୱର, ୦୪/୦୭ (ଜେଏନ୍‌ଏସ୍): ଓଡ଼ିଶାରେ ବିଜେପି ସରକାର ଗଠନ ହେବା ପରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦେଶର ବିଭିନ୍ନ ପ୍ରମୁଖ ରାଜ୍ୟ (ଯେପରିକି ଗୁଜୁରାଟ, ମହାରାଷ୍ଟ୍ର, ଦିଲ୍ଲୀ, ହରିୟାଣା) ଏବଂ ବିଦେଶୀ କମ୍ପାନୀ (ୟୁଏଇ ଓ ଜାପାନ)ର ବଡ଼ ବଡ଼ ଶିଳ୍ପପତି ଓ ବ୍ୟବସାୟୀମାନେ ଓଡ଼ିଶାରେ ବିପୁଳ ପୁଞ୍ଜିନିବେଶ ପାଇଁ ଆଗକୁ ଆସୁଛନ୍ତି। ବର୍ତ୍ତମାନ (ଜୁଲାଇ ୨୦୨୬ ସୁଦ୍ଧା) ଆସିଥିବା ସବୁଠାରୁ ବଡ଼ ନିବେଶ ଏବଂ କମ୍ପାନୀଗୁଡ଼ିକ ହେଲା ଗୁଜୁରାଟ ଓ ୟୁଏଇ ର ମେଗା ପ୍ରକଳ୍ପ ।

ଅଦାନୀ ଏଣ୍ଟରପ୍ରାଇଜେସ୍ ଏବଂ ଆବୁଧାବିର ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ ମିଳିତ ଭାବେ ଓଡ଼ିଶାରେ ୧.୦୮ ଲକ୍ଷ କୋଟି ଟଙ୍କାର ଏକ ବିରାଟ ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହା ଓଡ଼ିଶା ଇତିହାସର ସବୁଠାରୁ ବଡ଼ ପ୍ରତ୍ୟକ୍ଷ ବିଦେଶୀ ନିବେଶ । ସେହିଭଳି ହରିୟାଣା ଗୁରୁଗ୍ରାମର ଏସିଏମଇ ଗ୍ରୁପ୍ ଓ ଜାପାନ ଆଇଏଚ୍ଆଇ କର୍ପୋରେସନ୍। ଓଡ଼ିଶା ସରକାର ଏହି ଦୁଇ କମ୍ପାନୀ ସହ ୬୭,୦୦ କୋଟି ଟଙ୍କାର ଚୁକ୍ତି କରିଛନ୍ତି। ଏମାନେ ରାଜ୍ୟରେ ଗ୍ରୀନ୍ ଏନର୍ଜି (ସ୍ୱଚ୍ଛ ଶକ୍ତି) ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ୩ଟି ବଡ଼ ପ୍ରକଳ୍ପ ଆରମ୍ଭ କରୁଛନ୍ତି। ଆହୁରି ମଧ୍ୟ ଦିଲ୍ଲୀରେ ଆୟୋଜିତ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଦେଶର ଅନେକ ଶୀର୍ଷ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି, ଯେଉଁମାନେ ଓଡ଼ିଶା ଆସୁଛନ୍ତି । ମହାରାଷ୍ଟ୍ର (ମୁମ୍ବାଇ)ର ଗୋଦ୍ରେଜ୍ ଗ୍ରୁପ୍ ଓ ହିନ୍ଦୁଜା ଗ୍ରୁପ୍ ଏହି ଦୁଇ ପ୍ରମୁଖ ଗ୍ରୁପ୍ ରାଜ୍ୟରେ ନିବେଶ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେହିଭଳି ୱେଲ୍ସପନ୍ ୱାର୍ଲ୍ଡ ଓ କଲ୍ୟାଣୀ ଷ୍ଟିଲ୍ସ: ଏହି କମ୍ପାନୀଗୁଡ଼ିକ ମଧ୍ୟ ଉତ୍ପାଦନ ଓ ଷ୍ଟିଲ୍ ସେକ୍ଟର ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଟାଟା ପାୱାର୍ ରିନିଉଏବଲ୍ ଏନର୍ଜି ୧୦,୦୦୦ କୋଟି ଟଙ୍କା ନିବେଶରେ ଏକ ସୋଲାର ପିଭି ସେଲ୍ ଏବଂ ୱେଫର ନିର୍ମାଣ କାରଖାନା ପ୍ରତିଷ୍ଠା କରୁଛି।

> **ଗୁଜୁରାଟ, ମହାରାଷ୍ଟ୍ର, ଦିଲ୍ଲୀ, ହରିୟାଣା, ବିହାର, ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶ ଉପରେ ନିର୍ଭର ଓଡ଼ିଶା**

ଗୁଜୁରାଟର ହୀରା ବ୍ୟବସାୟୀ(ଲ୍ୟାବ୍ ଗ୍ରୋନ୍ ଡାଏମଣ୍ଡ) ଏବଂ କିରା ଡାଇମଣ୍ଡ : ଗୁଜୁରାଟର ଏହି ସୁରତ-ଭିତ୍ତିକ କମ୍ପାନୀ ଖୋର୍ଦ୍ଧାରେ ଲ୍ୟାବ୍-ଗ୍ରୋନ୍ (କୃତ୍ରିମ) ହୀରା କାରଖାନା ପ୍ରତିଷ୍ଠା ପାଇଁ ପୁଞ୍ଜି ବିନିଯୋଗ କରୁଛି, ଯାହା ଓଡ଼ିଶାରେ ପ୍ରଥମ। କେନ୍ଦ୍ରୀୟ ଉଦ୍ୟୋଗ ପାରାଦୀପରେ ୫୮,୦୪୨ କୋଟି ଟଙ୍କାର ନାପ୍ଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା କରୁଛି। ଗୋପାଳପୁରରେ ଏଲ୍‌ଏନ୍‌ଜି ଟର୍ମିନାଲ୍ ସ୍ଥାପନ କରୁଛି। ବିଜେପି ସରକାର ଆସିବା ପରେ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରି 'ଉତ୍କର୍ଷ ଓଡ଼ିଶା' ଅଧୀନରେ ଶିଳ୍ପ ମଞ୍ଜୁରୀ ପ୍ରକ୍ରିୟାକୁ ଦ୍ରୁତ କରାଯାଇଛି, ଯାହା ଦ୍ୱାରା ଦେଶ ବିଦେଶର ବଡ଼ ବଡ଼ ବ୍ୟବସାୟୀ ଓଡ଼ିଶା ମୁହାଁ ହେଉଛନ୍ତି। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଏବଂ ସମ୍ପ୍ରତି ଅନୁଷ୍ଠିତ ହୋଇଥିବା ଉତ୍କର୍ଷ ଓଡ଼ିଶା ଓ ଇନଭେଷ୍ଟର୍ସ ମିଟ୍ ଆଧାରରେ ଗୁଜୁରାଟ, ମହାରାଷ୍ଟ୍ର ଏବଂ ହରିୟାଣା ରାଜ୍ୟର ବ୍ୟବସାୟୀ ଓ ବଡ଼ ବଡ଼ କମ୍ପାନୀଗୁଡ଼ିକ ସବୁଠାରୁ ବେଶୀ ଓଡ଼ିଶା ମୁହାଁ ହେଉଛନ୍ତି। ଏହି ତିନୋଟି ରାଜ୍ୟର ବ୍ୟବସାୟୀମାନେ ଓଡ଼ିଶାରେ ସର୍ବାଧିକ ପୁଞ୍ଜିନିବେଶ କରୁଛନ୍ତି, ଯାହାର ମୁଖ୍ୟ କାରଣ ହେଲା ,ନିକଟରେ ଗୁଜୁରାଟର ବାଦୋଦରା ଓ ଅହମଦାବାଦରେ ଆୟୋଜିତ "ଓଡ଼ିଶା ନିବେଶକ ସମ୍ମିଳନୀ" ରୁ ଓଡ଼ିଶାକୁ ୪୮,୩୩୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଗୁଜୁରାଟର ଅଦାନୀ ଗ୍ରୁପ୍ ଓଡ଼ିଶାରେ ଏକ ବିଶାଳ ଆଲୁମିନିୟମ ପ୍ରକଳ୍ପ ସ୍ଥାପନ କରୁଛି। ଏହା ସହିତ ସୁରତର ପ୍ରସିଦ୍ଧ ହୀରା ବ୍ୟବସାୟୀ କମ୍ପାନୀ ଓଡ଼ିଶାର ଖୋର୍ଦ୍ଧାରେ କୃତ୍ରିମ ହୀରା ତିଆରି କାରଖାନା ବସାଉଛନ୍ତି। ମୁମ୍ବାଇର ବଡ଼ ବଡ଼ ପୃଷ୍ଠା-୭

### ବଙ୍ଗୋପ ସାଗରରେ ସକ୍ରିୟ ଲଘୁଚାପ

## ଜୁଲାଇ ୭ ପର୍ଯ୍ୟନ୍ତ ବର୍ଷା : ଚିନ୍ତାରେ ଚାଷୀ

ଭୁବନେଶ୍ୱର, ୦୪/୦୭ (ଜେଏନ୍‌ଏସ୍) : ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ଯୋଗୁଁ ଆଜି ସମଗ୍ର ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି, ଯେଉଁଥିପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ହାଇ ଆଲର୍ଟ ଜାରି କରାଯାଇଛି। ମାଲକାନଗିରି ଓ କୋରାପୁଟ ସମେତ ୪ଟି ଜିଲ୍ଲାରେ ଅତି ପ୍ରବଳରୁ ପ୍ରବଳତମ ବର୍ଷା (୨୦ ସେମିରୁ ଅଧିକ) ହେବାର ସମ୍ଭାବନା ଥିବାରୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ କୁହାଯାଇଛି।



ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଏବଂ ଗଜପତି ସମେତ ୯ଟି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର, କଟକ ଏବଂ ଉପକୂଳ ଓଡ଼ିଶାର ଅନ୍ୟ ୧୨ଟି ଜିଲ୍ଲାରେ ମଧ୍ୟମ ଧରଣରୁ ପ୍ରବଳ ବର୍ଷା ସହ ଘଡ଼ଘଡ଼ିର ସମ୍ଭାବନା ରହିଛି । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ଅନୁଯାୟୀ, ଏହି ପ୍ରବଳ ବର୍ଷାର ପ୍ରଭାବ ଆସନ୍ତା ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଲାଗି ପୃଷ୍ଠା-୭

## ନବୀନ-ପାଣ୍ଡିଆନଙ୍କୁ କୋର୍ଟ ସମନ

ଭୁବନେଶ୍ୱର, ୦୪/୦୭ (ଜେଏନ୍‌ଏସ୍) : ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କର ପୂର୍ବତନ ବ୍ୟକ୍ତିଗତ ସଚିବ ତଥା ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଭୁବନେଶ୍ୱରର ଖୋର୍ଦ୍ଧା ଜିଲ୍ଲା ଓ ଦୌରା ଜଜ୍ କୋର୍ଟ ସମନ୍ ଜାରି କରିଛନ୍ତି। ବିଜେଡି ଶାସନ କାଳରେ ସରକାରୀ ପାଣ୍ଠି ଏବଂ ହେଲିକପ୍ଟରର ଅପବ୍ୟବହାର ଅଭିଯୋଗ ମାମଲାରେ କୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ହାଇପ୍ରୋଫାଇଲ୍ ମାମଲଟି ହେଲା ୩୦୦ରୁ ଅଧିକ ହେଲିକପ୍ଟର ଗସ୍ତ ନେଇ ଅଭିଯୋଗ ଥିଲା। ଅଭିଯୋଗ ଅନୁଯାୟୀ, ବିଜେଡି ସରକାର ସମୟରେ ଭି.କେ. ପାଣ୍ଡିଆନ ଓଡ଼ିଶାର ବିଭିନ୍ନ ଜିଲ୍ଲା ଗସ୍ତ କରି ସଭା ସମିତି କରିବା ପାଇଁ ୩୦୦ରୁ ଅଧିକ ଥର ହେଲିକପ୍ଟର ଓ ଚାର୍ଟାର୍ଡ ଫ୍ଲାଇଟ୍ ବ୍ୟବହାର କରିଥିଲେ। ଈରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ: ଆବେଦନକାରୀଙ୍କ ଦର୍ଶାଇବା ଅନୁଯାୟୀ, ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପୃଷ୍ଠା-୭

> **୩ ଶହରୁ ଅଧିକ ହେଲିକପ୍ଟର ଗସ୍ତ ନେଇ ହୋଇଥିଲା ହାଇପ୍ରୋଫାଇଲ ମାମଲା**

## ରହସ୍ୟ ଘେରରେ ମହିଳା ଆଇଆଇସିଙ୍କ ମୃତ୍ୟୁ



- ମୃତ୍ୟୁର କାରଣ ଅସ୍ପଷ୍ଟ
- କବାଟ ଭାଙ୍ଗି ମୃତଦେହ ଉଦ୍ଧାର କଲା ପୋଲିସ
- ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ଗସ୍ତ
- ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା

କଟକ, ୦୪/୦୭ (ଜେଏନ୍‌ଏସ୍): କଟକ ଚାଉଳିଆଗଞ୍ଜ ଥାନାର ମହିଳା ଇନ୍ସପେକ୍ଟର-ଇନ୍-ଚାର୍ଜ ବ୍ୟୁଟି ମହାନ୍ତିଙ୍କ ଝୁଲନ୍ତା ମୃତଦେହ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ଉଦ୍ଧାର କରାଯାଇଛି। ଚଳିତ ଶନିବାର ସକାଳେ ଏହି ଅଭାବନୀୟ ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ବିଭାଗ ତଥା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଛି। ଆଜି ସକାଳେ ବ୍ୟୁଟି ମହାନ୍ତି କ୍ୱାର୍ଟର୍ସର କବାଟ ଖୋଲିନଥିଲେ ଏବଂ ତାଙ୍କ ମୋବାଇଲକୁ କରାଯାଇଥିବା ଅନେକ ଫୋନ୍ କଲ୍‌ର କୌଣସି ଜବାବ ମିଳିନଥିଲା। ଏହା ପରେ ଥାନାର କର୍ମଚାରୀମାନେ ସନ୍ଦେହ କରି କ୍ୱାର୍ଟର୍ସକୁ ଯାଇ କବାଟ ବାଡ଼େଇଥିଲେ। ଭିତରୁ କୌଣସି ଶବ୍ଦ ନମିଳିବାରୁ ବରିଷ୍ଠ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ପରେ ପୋଲିସ ଉପସ୍ଥିତିରେ କ୍ୱାର୍ଟର୍ସର କବାଟ ପୃଷ୍ଠା-୭

## ବିଧାୟକଙ୍କ ନାଁରେ ଫେକ୍ ଆକାଉଣ୍ଟ



ଭୁବନେଶ୍ୱର, ୦୪/୦୭ (ଜେଏନ୍‌ଏସ୍) : ଭଦ୍ରକ ଜିଲ୍ଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ଅଶୋକ କୁମାର ଦାସଙ୍କ ନାଁରେ ସାଇବର ଠକମାନେ ଏକ ଫେକ୍ ହ୍ୱାଟସଆପ୍ ଆକାଉଣ୍ଟ ଖୋଲି ଲୋକଙ୍କଠାରୁ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି. ଏହି ଘଟଣା ସାମ୍ନାକୁ ଆସିବା ପରେ ସେ ସାଇବର ଥାନାରେ ଏକ ଆନୁଷ୍ଠାନିକ ଏତଲା ଦାୟର କରିଛନ୍ତି। ସାଇବର ଅପରାଧୀମାନେ ବିଧାୟକ ଅଶୋକ ଦାସଙ୍କ ଫଟୋକୁ ପ୍ରୋଫାଇଲ୍ ପିକ୍ଚର ଭାବେ ବ୍ୟବହାର କରି ଏକ ଅଜଣା ନମ୍ବରରୁ ହ୍ୱାଟସଆପ୍ ଆକାଉଣ୍ଟ ସକ୍ରିୟ କରିଥିଲେ। ସେହି ଫେକ୍ ଆକାଉଣ୍ଟ ମାଧ୍ୟମରେ ବାସୁଦେବପୁର ଅଞ୍ଚଳର ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି, ଦଳୀୟ କର୍ମୀ ପୃଷ୍ଠା-୭

### ତିନି ଦିନିଆ ଓଡ଼ିଶା ଗସ୍ତ

## ଓଡ଼ିଶା ଗସ୍ତରେ କଂଗ୍ରେସ ପ୍ରଭାରୀ




- ଶୃଙ୍ଖଳା ରକ୍ଷା ପାଇଁ କଡ଼ା ଚେତାବନୀ
- ଜିଲ୍ଲା ସଭାପତିଙ୍କ ସହ ୱାନ୍-ଟୁ-ୱାନ୍ ସମୀକ୍ଷା
- ପିଏସି ବୈଠକରେ ଅଧ୍ୟକ୍ଷତା
- ଆନ୍ଦୋଳନ ପାଇଁ ରଣନୀତି

ଭୁବନେଶ୍ୱର, ୦୪/୦୭ (ଜେଏନ୍‌ଏସ୍) : ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା କଂଗ୍ରେସ ପାଇଁ ଏକ ବଡ଼ ସାଂଗଠନିକ ପରିବର୍ତ୍ତନ କରାଯାଇ ଲାଲଜୀ ଦେଶାଇଙ୍କୁ ଓଡ଼ିଶା କଂଗ୍ରେସର ନୂଆ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ସେ ପୂର୍ବତନ ପ୍ରଭାରୀ ଅଜୟ ଲଲ୍ଲୁଙ୍କ ସ୍ଥାନ ନେଇଛନ୍ତି। ଓଡ଼ିଶାରେ କଂଗ୍ରେସର ସଂଗଠନକୁ ତୃଣମୂଳ ସ୍ତରରୁ ପୁନରୁଦ୍ଧାର କରିବା ପାଇଁ ହାଇକମାଣ୍ଡ ଏହି ନିଷ୍ପତ୍ତି ନେଇଛନ୍ତି।

ଲାଲଜୀ ଦେଶାଇ ଗୁଜୁରାଟର ଜଣେ ବରିଷ୍ଠ ତଥା ପ୍ରଭାବଶାଳୀ ସାଂଗଠନିକ ନେତା। ସେ ୨୦୧୮ ମସିହାରୁ କଂଗ୍ରେସ ସେବା ଦଳର ମୁଖ୍ୟ ସଂଗଠକ ଭାବେ ସଫଳତାର ସହ କାର୍ଯ୍ୟ କରିଆସୁଛନ୍ତି। ସେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ର ଜଣେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ। ନିର୍ବାଚନ ପରିଚାଳନା, କ୍ୟାଡର ପ୍ରଶିକ୍ଷଣ ଏବଂ ସଦସ୍ୟତା ଅଭିଯାନ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି, ଯାହା ଓଡ଼ିଶାରେ ଦଳକୁ ମଜବୁତ କରିବାରେ ସାହାଯ୍ୟ କରିବ। ଲାଲଜୀ ଦେଶାଇ ନିଜର ଦାୟିତ୍ୱ ଗ୍ରହଣ କରିବା ପରେ ଭୁବନେଶ୍ୱରକୁ ଏକ ୩ ଦିନିଆ ଗସ୍ତରେ ଆସି କାର୍ଯ୍ୟ ଆରମ୍ଭ କରିଛନ୍ତି । କଂଗ୍ରେସ ଭବନରେ ପହଞ୍ଚିବା ପରେ ତାଙ୍କୁ ଜୋରଦାର ସ୍ୱାଗତ କରାଯାଇଥିଲା। ସେ ଦଳୀୟ କର୍ମୀମାନଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇ କହିଛନ୍ତି ଯେ— "ଜନତାଙ୍କ ହୃଦୟ ଜିତିବା ଆମର ଲକ୍ଷ୍ୟ ଏବଂ କର୍ମୀଙ୍କ ନିଷ୍ପତ୍ତି ହିଁ ଆମର ଆଗାମୀ ରଣନୀତି ହେବ"। ସେ ରାଜ୍ୟର ସମସ୍ତ ଜିଲ୍ଲା ସଭାପତିମାନଙ୍କ ସହ ସିଧାସଳଖ ବୈଠକ କରି ତୃଣମୂଳ ସ୍ତରର ସମସ୍ୟା ଏବଂ ସାଂଗଠନିକ ଦୁର୍ବଳତା ବିଷୟରେ ପୃଷ୍ଠା-୭




ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)


# ଏ-ବର୍ଷ ବର୍ଷାକୁ ଭରଷା ନାହିଁ



କୋରାପୁଟ, ୫।୭(ଶରତ ନାୟକଙ୍କ ରିପୋର୍ଟ) : ଏସନ କୋରାପୁଟ ଜିଲ୍ଲାରେ ବରଷା କୁ ଭରଷା ନଥିବା ଭଳି ପ୍ରତିୟମାନ ହେଉଛି । ଦିନ ଥିଲା କୋରାପୁଟ ଜିଲ୍ଲାରେ ଚାରି ମାସ ଧରି ଝଡ଼ି ବର୍ଷା ଲଗି ରହୁଥିଲା ଯେଉଁଥିପାଇଁ ଲୋକମାନେ ବାହାରିବା କଷ୍ଟ ହୋଇ ଯାଉଥିଲା। ଏପରି ବର୍ଷା ଲଗି ରହିବା କାରଣରୁ ଖାଦ୍ୟା ଭାବରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ସମେତେ ଦଶମନ୍ତପୁର, କାଶୀପୁର ଓ କଳାହାଣ୍ଡି ଜିଲ୍ଲାର ମଦନପୁର ରାମ ପୁର ବ୍ଲକରେ ବିଭିନ୍ନ



## ଚାତକ ପରି ଚାହିଁଛି ଚାଷୀ

ଅଖାଦ୍ୟ ଖାଇ ଝାଡାବାନ୍ତିରେ ଅନେକ ଲୋକ ମୃତ୍ୟୁବରଣ କରୁଥିଲେ।

ତେବେ କିଛି ବର୍ଷ ହେଲା ବର୍ଷାର ପରିମାଣ କମି କମି ଯାଉଛି। ତେବେ ଚଳିତ ବର୍ଷ ବର୍ଷାକୁ ଆଉ ଚାଷୀ ମାନଙ୍କର ଭରଷା ପାଉନାହିଁ। ଯେଉଁଥିପାଇଁ ଚାଷ ବାଷ କାମ ଆଗେଇ ପାରୁନାହିଁ। ପ୍ରାୟ ପନ୍ଦର କୋଡ଼ିଏ ବର୍ଷ ପୁର୍ବେ କୋରାପୁଟ ଜିଲ୍ଲାରେ ମେ ମାସରୁ ବର୍ଷା ଆରମ୍ଭ ହୋଇଯାଏ। ଯାହା ଅଗଷ୍ଟ ମାସ ପର୍ଯ୍ୟନ୍ତ ଲାଗି ରହୁଥିଲା।ଏପରିକି ସୁର୍ଯ୍ୟୋଦୟ ଓ ସୁର୍ଯ୍ୟାସ୍ତ ଦେଖିବାକୁ ମିଳେ ନାହିଁ। ତେବେ ଜଙ୍ଗଲ ଓ କ୍ଷୟ କାରଣରୁ କ୍ରମଶଃ କୋରାପୁଟ ଜିଲ୍ଲାରେ ବର୍ଷାର ପରିମାଣ ହ୍ରାସ ପାଇବାରେ ଲାଗିଛି। ଏପରିକି ଅଳ୍ପ ପରିମାଣର ବର୍ଷା ଆବଶ୍ୟକ ଥିବା ମାଣ୍ଡିଆ ଓ ସୁଆଁ ଆଦି ୨୦୨୫ ମେ ମାସରେ କୋରାପୁଟ ଜିଲ୍ଲାରେ ବର୍ଷା ର ପରିମାଣ ଅଧିକ ଥିଲା। ସୂଚନା ମୁତାବକ ୨୦୨୫ ରେ ବୃଷ୍ଟିପାତ ୨୪ ବର୍ଷ ର ରେକର୍ଡ ଭାଙ୍ଗିଥିଲା। ସେହିପରି ୨୦୨୩ ରେ ଜିଲ୍ଲାର ୧୪ ବ୍ଲକରେ ହାରାହାରି ୧୫୦୦ ମିଲିମିଟର ବର୍ଷା ହୋଇଥିଲା। ୨୦୨୪ ମଶିହାରେ ଜିଲ୍ଲାରେ ପ୍ରାୟ ୧୭ ଶହ ମିଲିମିଟର ରୁ ଉର୍ଦ୍ଧ୍ୱ ବୃଷ୍ଟିପାତ ହୋଇଥିଲା। ସେହିପରି ୨୦୨୪ ଜୁନ ମାସରେ ୧୦୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା ବେଳେ ୨୦୨୫ ୧୯୦ ମିଲିମିଟର ବର୍ଷା ହୋଇଥିଲା। ତେବ ଚଳିତ ବର୍ଷ ବର୍ଷା ପରିମାଣ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ବର୍ଷା ପରିମାଣ ଜିଲ୍ଲାରେ ୧୩୫ ମିଲିମିଟର ରେକର୍ଡ କରାଯାଇଛି, ଯାହା ପୁର୍ବ ବର୍ଷ ତୁଳନାରେ ୬୦ ମିଲିମିଟର କମ୍ ରହିଛି। ଯେଉଁଥିପାଇଁ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଚାଷ କାମ ଆଗେଇ ପାରୁ ନାହିଁ। ଏପରିକି ଚାଷୀ ମାନଙ୍କ ଠାରୁ ଶୁଣିବାକୁ ମିଳୁଛି ଯଦି ଏହିଭଳି ଅବସ୍ଥା ଲାଗିରହେ ତା ହେଲେ ଜିଲ୍ଲାରେ ମରୁଡ଼ି ସମ୍ଭାବନା କୁ ଏଡାଇ ହେବ ନାହିଁ। ତେବେ ବର୍ତ୍ତମାନ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ବର୍ଷା ନିଅଣ୍ଟିଆ ବର୍ଷ ପରିମାଣକୁ ଭରଣା କରି ପାରୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା। ବନ୍ଧୁଗାଁ ବ୍ଲକରରେ ଗତବର୍ଷ ଜୁନ୍ ମାସରେ ୧୩୬ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା ବେଳେ ବୈପାରୀଗୁଡ଼ା ବ୍ଲକରେ ୨୮୩ ମିଲିମିଟର ସେହିପରି ବୋରିଗୁମ୍ମା୧୮୬, ଦଶମନ୍ତପୁର ୧୫୬ , ଜୟପୁର , କୋରାପୁଟ ୧୮୦, କୋଟପାଡ ୨୨୧, କୁନ୍ଦୁରା ୩୪୫, ଲମତାପୁଟ ୧୭୭ , ଲକ୍ଷ୍ମୀପୁର ୪୦୮ , ନନ୍ଦପୁର ୧୬୬ , ନାରାୟଣପାଟଣା ୯୮, ପଟ୍ଟାଙ୍ଗି ୧୮୫ ଓ ସେମିଳିଗୁଡା ୨୩୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ୨୦୨୬ ଜୁନ ମାସରେ ବନ୍ଧୁଗାଁ ବ୍ଲକରରେ ଚଳିତ ବର୍ଷ ଜୁନ୍ ମାସରେ ୧୨୮ ମିଲିମିଟର ବର୍ଷା ହୋଇଥିବା ବେଳେ ବୈପାରୀଗୁଡ଼ା ବ୍ଲକରେ ୧୦୯ ମିଲିମିଟର, ବୋରିଗୁମ୍ମା ୧୨୨, ଦଶମନ୍ତପୁର ୫୮ ,ଜୟପୁର ୧୩୦, କୋରାପୁଟ ୨୨୦, କୋଟପାଡ ୧୭୯, କୁନ୍ଦୁରା ୧୧୪ ,ଲମତାପୁଟ ୮୨,ଲକ୍ଷ୍ମୀପୁର ୧୭୧, ନନ୍ଦପୁର ୯୬ , ନାରାୟଣପାଟଣା ୨୦୮ ,ପଟ୍ଟାଙ୍ଗି ୧୫୨ ଓ ସେମିଳିଗୁଡା ୧୨୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ମହ୍ଲାର ବସ୍ତିରୁ ପାଠଶାଳା

# ମହକିଲା ବଣ ମଲ୍ଲି

ଅନୁଗୁଳ, ୦୪/୦୭ (ବିଜୟ କୁମାର ସ୍ୱାଇଁ) : ଆତ୍ମ ପ୍ରଚାରଠୁ ଦୁରେଇ ରହି ସେବା କରିବାର ପଣ ନେଇଛନ୍ତିସେବା ମନୋଭାବ ସମ୍ପନ୍ନ କିଛି ବ୍ୟକ୍ତି ବିଶେଷ । ସମାଜ ପାଇଁ କାମ କରିବାରେ ନିଜର କର୍ତ୍ତବ୍ୟ ବୋଲି ଗ୍ରହଣ କରି ନେଇଛନ୍ତି। ଅବହେଳିତ ଜନ ଜାତିର ଶିଶୁମାନଙ୍କୁ ଶିକ୍ଷିତ କରିବାକୁ ଉଦ୍ୟମରତ ବୁଦ୍ଧିଜୀବୀମାନଙ୍କ ମାନସିକତାରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ଜଡ଼ିତ ନୁହେଁ । ଏହି ସାମାଜିକା ଚିନ୍ତନ ବ୍ୟକ୍ତି ବିଶେଷ ବଣ ଜଙ୍ଗଲରେ ରହୁଥିବା ମହ୍ଲାର ଏବଂ କୋହ୍ଲ ଜନ ଜାତିର ଶିଶୁ ମାନଙ୍କୁ ପାଠ ପଢିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ବାପା ମାଆ ମାନଙ୍କ ସହିତ ବଣ ପାହାଡରେ ଘୁରି ବୁଲୁଥିବା ଜନଜାତିର ପିଲା ମାନଙ୍କୁ ସ୍କୁଲ ଯିବାରେ ସହାୟତା ଯୋଗେଇ ଦେଇଥିବା କିଛି ସାମଜୀକ କର୍ମି ଏବେ ପ୍ରଶଂଶାର ପାତ୍ର ହୋଇଛନ୍ତି। ନିଜର କର୍ମ ବ୍ୟସ୍ତ ଜୀବନରେ ନିଜ ପରିବାର ପ୍ରତି ଯେତିକି ସଚେତନ ତତ୍ ସହିତ ସମାଜରେ ରହୁଥିବା ଅବହେଳିତ ବର୍ଗ ମାନଙ୍କ ବିକାଶ ପାଇଁ ସେମାନେ ନିଜର କର୍ତବ୍ୟ ବୋଲି ମନ ସ୍ଥିର କରବା ପରି ଘଟଣା ବିରଳ ଉଦାହରଣ ଅଟେ। ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ପାଠ୍ୟ ଉପକରଣ ସହିତ ପୋଷାକ ପତ୍ର ଦେଇ ଜନ ଜାତିଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିପାରିଛନ୍ତି। ଶିଶୁ ମାନଙ୍କ ବାପା ମାଆ ମାନଙ୍କୁ ଏ ଦିଗରେ ପ୍ରେରଣା ଦେଇ ମାନସିକ ସ୍ତରରେ ନିଜର ପିଲା ମାନଙ୍କୁ ସ୍କୁଲ ପଠାଇବାରେ କିଛି ମାତ୍ରାରେ ସଫଳ ହୋଇ ପାରିଛି। ଏହି ସଫଳତା ରେ ଉଦ୍ୟମରତ ଏହି ସମାଜ ସେବୀ ମାନେ ପ୍ରଚାର ସର୍ବସ୍ୱରୁ ନିଜକୁ ଦୁରେଇ ରଖି କାମ କରିବା ଘଟଣା ଲୋକ ଲୋଚନରେ ଏବେ ପ୍ରଶଂଶନୀୟ ହୋଇ ପାରିଛନ୍ତି। ଫଟୋ ଛାପି ଆତ୍ମ ପ୍ରଚାର ବଦଳରେ ନିରନ୍ତର ଚେଷ୍ଟା କରୁଥିବା ବୁଦ୍ଧିଜିବୀ ମାନଙ୍କ ପାଇଁ ଅଁଧାରୀ ମୁଲକରେ



ଦେଖିବାକୁ ମିଳିଛି ଶିକ୍ଷାର ଦୀପ ଶିଖା। ବଣର ମଲ୍ଲିକୁ ବଣରେ ଝଡିବା କୁ ଦେଇ ନାହାନ୍ତି। ସେମାନଙ୍କୁ ସ୍କୁଲ ପଠାଇ ପାଠ ପ୍ରତି ଆଗ୍ରହ ସୃଷ୍ଟି କରି ପାରିଛନ୍ତି। ସ୍ୱାଧିନତା ପର ଠାରୁ ବଣ ଜଙ୍ଗଲରେ ରହୁଥିବା ଅନେକ ପ୍ରକାର ଜନ ଜାତିର ବସ୍ତୀରେ ଏବେ ବି ଶିକ୍ଷା ଅପହଂଚ। କାରଣ ସେମାନେ ସଭ୍ୟ ସମାଜରୁ ବହୁ ଦୂରରେ ବଣ ପାହଡରେ ରହିବାକୁ ପସନ୍ଦ କରି ଥାଆନ୍ତି। ଅବହେଳିତ ଏହି ଜନ ଜାତିର ବିକାଶ କେବଳ ସରକାରଙ୍କ ପ୍ରଚାରରେ ସିମୀତ ରହି ଯାଇଛି। ବାସ୍ତବ କ୍ଷେତ୍ରରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ କିମ୍ବା ଲୋକ ପ୍ରତିନିଧି ମାନେ ସମାଜର ଏହି ଅବହେଳିତ ବର୍ଗର ସାମାଜୀକ ଉନ୍ନତି ନିମନ୍ତେ ଆଗ୍ରହ ପ୍ରଦର୍ଶନ କରିବାକୁ ସେମାନଙ୍କ ପାଖରେ ସମୟ ନାହିଁ। ଅବହେଳିତ ତଥା ହାତୀ ଉପଦୃତ ଅଁଧାରୀ ମୁଲକର ଜଣେ ଶିଶୁ ଦୂର ପଥ ଅତିକ୍ରମ କରି ପ୍ରତିଦିନ ସ୍କୁଲ କୁ ପାଠ ପଢିବାକୁ ଯିବା ଆସିବାକୁ ହେଲେ ପରିବାର ଲୋକର ସହାୟତା ନିହାତି ଆବଶ୍ୟକ। ସର୍ବୋପରି ଜନ ଜାତି ବସ୍ତୀରେ ବସ ବାସ କରୁଥିବା ଶିଶୁ ମାନଙ୍କୁ ପାଠ ପଢା ପ୍ରତି ମାନସିକ ରାଜୀ କରିବା କଷ୍ଟକର ହେଲେ ମଧ୍ୟ ପ୍ରଚେଷ୍ଟାର ସଫଳତା ଏବେ ମିଳି ପାରିଛି। ଅନୁଗୁଳ ଜିଲ୍ଲାର ବଣ ଜଙ୍ଗଲ ଘେରା ରେ ଅନେକ ମହ୍ଲାର ବସ୍ତୀ ରହିଛି। ଏହି ବସ୍ତୀ ଗୁଡିକରେ ରହୁଥିବା ଜନ ଜାତିର ଲୋକମାନେ ଅଧିକାଂଶ ସମୟରେ ସପରିବାର ବଣଜଙ୍ଗଲରେ ବୁଲି ଫଳ ମୁଳ ସଂଗ୍ରହ କରି ଥାଆନ୍ତି। ବିଶେଷ କରି ଜଙ୍ଗଲରୁ ମହୁ ଝୁଣା ଇତ୍ୟାଦି ସଂଗ୍ରହ କରିବାକୁ ଜଙ୍ଗଲ ଭିତରେ ଅନେକ ଦିନ ପର୍ଯ୍ୟନ୍ତ ବୁଲିବାକୁ ପସନ୍ଦ କରନ୍ତି। ଅନ୍ୟ ସମୟରେ ନିକଟସ୍ଥ ଶସ୍ୟକ୍ଷେତ୍ରରେ ଅଥବା ଅନ୍ୟ କୌଣସି କାମ ଧାମ କରି କିଛି ରୋଜଗାର କରନ୍ତି। ଏମିତି ଏକ ପରିବେଶରେ ଜନ୍ମ ନେଉଥିବା ଶିଶୁ ମାନଙ୍କୁ ପାଠ ପଢିବା ଏକ ସ୍ୱପ୍ନ। ପାଠ ପଢିବା ପାଇଁ ପରିବେଶ ଅଭାବରୁ ପିଢି ପରେ ପିଢି ଏମିତି ଜୀବନ ବିତାଇ ଥାଆନ୍ତି। ସେମାନଙ୍କ ମଧ୍ୟରୁ ଅନେକ ମହ୍ଲାର ବସ୍ତୀର ଲୋକ ମାନଙ୍କ ଆଧାର କାର୍ଡ ନାହିଁ। ସେପରି ସ୍ଥଳେ ଶିଶୁ ମାନଙ୍କ ଆଧାରକାର୍ଡ ଆସିବ କୋଉଠୁ। ଏ ସବୁ ସତ୍ୱେ ଏମିତି ଶିଶୁ ମାନଙ୍କ ବାପା ମାଆ ମାନଙ୍କ ମାନସିକତାରେ ପରିବର୍ତ୍ତନ ସମ୍ଭବ ହୋଇ ପାରିଛି। ସେମାନଙ୍କ ମାନସିକତାରେ ପରିବର୍ତ୍ତନ ହୋଇ ପାରିଛି। ଏମିତି ପ୍ରୟାଶ କରିଥିବା ସାମଜୀକ ଚିନ୍ତନଶୀଳ କିଛି ବ୍ୟକ୍ତି ମାନଙ୍କ ଉଦ୍ୟମ ରେ ନନ୍ଦପୁର ପଂଚାୟତର ହିଂସାଲୋଇ ପରି ମହ୍ଲାର ସାହୀରୁ ପ୍ରଥମ କରି ଜଣେ ଶିଶୁ କରତପଟା ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖେଇବା ପରି ବିରଳ ଘଟଣା ପ୍ରଥମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ପ୍ରଭାବରେ ସେହି ବସ୍ତୀର ଆଉ ତିନି ଜଣ ଶିଶୁ ମଧ୍ୟ କିଛି ଦିନ ହେବ କରତପଟା ପ୍ରାଥମିକ ବିଦ୍ୟାଳୟ କୁ ନିୟମୀତ ପାଠ ପଢିବାକୁ ଯିବା ଆରମ୍ଭ କରିଛନ୍ତି। ହାତୀ ଉପଦୃତ ଅଂଚଳ ହୋଇ ଥିବା ଯୋଗୁ ମୁଲ ମଜୁରୀ କରି ପେଟ ପୋଷୁଥିବା ଶିଶୁର ବାପା ମା ନିଜର ସସନ୍ତାନ ମାନଙ୍କୁ ଘର ପାଖରୁ ପ୍ରାୟ ଦେଢ କିମି ଦୂର ସ୍କୁଲକୁ ନେବା ଆଣିବା ପାଇଁ ସମୟ ବାହାର କରିବା ଅନ୍ୟ ଏକ ସମସ୍ୟା ଅଟେ। ତଥାପି ଏହା ସମୟ କ୍ରମରେ ଧିରେ ଧିରେ ବାପା ମାଆ ମାନଙ୍କ ପାଇଁ ରୋଟିନ କାର୍ଯ୍ୟରେ ପରିଣତ ହୋଇ ପାରିଛି। ସେମାନଙ୍କ ମାନସିକ ସ୍ତରରେ ପରିବର୍ତନ ଅନ୍ୟ ମାନଙ୍କୁ ପ୍ରଭାବିତ କରିପାରିବ। ସ୍କୁଲ ଯାଉଥିବା ଏହି ଶିଶୁ ମାନଙ୍କ ପରିବାର ସହିତ ନିୟମୀତ ଯୋଗା ଯୋଗ ରଖିବା ସହିତ ସେମାନଙ୍କୁ ଏ ଦିଗରେ ଉତ୍ସାହିତ କରିବାକୁ ଏହି ବୁଦ୍ଧିଜିବୀ ମାନେ ନିୟମୀତ ଭାବରେ ସଂପର୍କ ରଖିଥିବା ପ୍ରକାଶ । ଏ ପ୍ରକାର ଉଦ୍ୟମ ଯୋଗୁ ଚାରି ଜଣ ମଲହାର ଶିଶୁ ସ୍କୁଲ ମୁହାଁ ହେବା ଘଟଣା ଚର୍ଚ୍ଚାର ବିଷୟ ଅଟେ। ଅନ୍ୟ ମାନଙ୍କ ପାଇଁ ଏହା ଉଦାହରଣ ପାଲଟି ଯାଇଛି। ଜିଲ୍ଲାରେ ମହ୍ଲାର ଶିଶୁ ପାଠ ପଢିବା ବୋଧ ହୁଏ ଏହା ପ୍ରଥମ ଘଟଣା ହେବ। ଛଅ ଗୋଟି ଶିଶୁକୁ ପରିବାର ଲୋକେ ପାଳି କରି କରତପଟା ପ୍ରାଥମିକ ବିଦ୍ୟାଳୟକୁ ନେବା ଆଣିବା କରିବା ଶୁଭ ସଙ୍କେତ ଅଟେ। ବଣ ମଲ୍ଲିକୁ ଆଉ ବଣରେ ଝଡିବାକୁ ଦିଆଯିବ ନାହିଁ। ଏହି କିଛି ସମାଜସେବୀ ମାନଙ୍କ ଉଦ୍ୟମ ଏବେ ସହାୟକ ହେବ ବୋଲି ସବୁ ମହଲରେ ପ୍ରଶଂଶାର ସୁଅ ଛୁଟୁଛି।

# ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସ ପାଳିତ



## ନୂଆ ପିଢ଼ୀ ପାଇଁ ନୂଆ ସମବାୟ ଗଠନ ମୂଳ ଲକ୍ଷ୍ୟ -ମନ୍ତ୍ରୀ ପ୍ରଦୀପ ବଳସାମନ୍ତ

ଭୁବନେଶ୍ୱର, ୦୪/୦୭(ଜେଏନ୍‌ଏସ୍): ସମବାୟ ବିଭାଗ,ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରସ୍ଥିତ ସମବାୟ ଭବନ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଦ୍ୱାରା ନୂତନ ଭାବରେ ପ୍ରତିଷ୍ଠିତ ସମବାୟ ମନ୍ତ୍ରଣାଳୟର ପାଂଚବର୍ଷ ପୂର୍ତ୍ତୀ ଅବସରରେ ଜନସାଧାରଣଙ୍କୁ ସମବାୟ ଆନ୍ଦୋଳନ ସହ ଯୋଡ଼ିବା ପାଇଁ ତା.୨୯.୦୬.୨୦୨୬ ରିଖ ଠାରୁ ତା.୦୬.୦୭.୨୦୨୬ରିଖ ପର୍ଯ୍ୟନ୍ତ ଭାରତ ସରକାର ସମବାୟ ବିଭାଗର ସୁଫଳକୁ ଦେଶର ପ୍ରତିଟି ପ୍ରାନ୍ତରରେ ପହଂଚାଇବା ନିମନ୍ତେ ଏକ ବୃହତ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକର ପରିବର୍ତ୍ତନ, କୃଷକଙ୍କୁ ସମ୍ମାନ, ବୃକ୍ଷରୋପଣ ମାଧ୍ୟମରେ ସବୁଜ ସମବାୟ ସୃଷ୍ଟି, ସମବାୟ ପରିସରରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ, ଯୁବକ ଓ ମହିଳାମାନଙ୍କୁ ସଂଯୋଗ କରିବା, ନୂତନ ପିଢ଼ୀ ପାଇଁ ନୂଆ ସମବାୟ ଗଠନ, କୃତ୍ରିମ ବୁଦ୍ଧିମତା ଓ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଭଳି ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଉକ୍ତ ଅଭିଯାନର ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ଉଦ୍‌ଘାଟନୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ମାନ୍ୟବର ସମବାୟ,ବୟନ,ହସ୍ତଶିଳ୍ପ,ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସର୍ବପ୍ରଥମେ ମାନ୍ୟବର ସମବାୟ ମନ୍ତ୍ରୀ ସମବାୟ ଭବନ ପରିସରରେ ସମବାୟ ପତାକା ଉତୋଳନ କରିଥିଲେ। ଏହାପରେ ସମବାୟ ଭବନଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ର ଦିପ ବଳ ସାମନ୍ତ, ମୁଖ୍ୟ ଅତିଥି। ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ,ଶ୍ରୀଯୁକ୍ତ ମନୀଷ ଅଗ୍ରୱାଲ, ଆଇ.ଏ.ଏସ୍, ଅନ୍ୟତମ ସମ୍ମାନିତ ଅତିଥିଭାବରେ ନିର୍ଦ୍ଦେଶକ, କୃଷି ବିପଣନ ଏବଂ ମେମ୍ବର ସେକ୍ରେଟାରୀ,ଓସ୍‌ମା ବୋର୍ଡ ଶ୍ରୀଯୁକ୍ତ କେ.ସୁଦର୍ଶନ ଚକ୍ରବର୍ତ୍ତୀ,ଆଇ.ଏ.ଏସ ଯୋଗଦାନ କରିଥିଲେ ଏବଂ ସଭାପତିତ୍ୱ କରିଥିଲେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ। ମାନ୍ୟବର ସମବାୟ ମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କର ଦୂରଦୃଷ୍ଟି ଚିନ୍ତାଧାରା ସମବାୟରୁ ସମୃଦ୍ଧି ଅଭିଯାନକୁ ରାଜ୍ୟରେ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ସମସ୍ତ ପ୍ରୟାସ କରିବା ସହିତ ଏହି ଅଭିଯାନକୁ ଫଳପ୍ରଦ କରିବା ପାଇଁ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଓଡ଼ିଶାର ପ୍ରତିଟି ପଂଚାୟତରେ ଗୋଟିଏ ଗୋଟିଏ କୃଷିଋଣ ସମବାୟ ସମିତି / ଦୁଗ୍ଧ ସମବାୟ ସମିତି / ମତ୍ସ୍ୟ ସମବାୟ ସମିତି ଗଠନ ହେବା ପ୍ରକ୍ରିୟା ଜାରି ରହିଛି। ପ୍ୟାକ୍ସ ଗୁଡ଼ିକୁ ଏମ୍-ପ୍ୟାକ୍ସରେ ପରିଣତ କରାଇ ଏହା ମାଧ୍ୟମରେ ବିଭିନ୍ନ ବ୍ୟବସାୟିକ ତଥା ଉତ୍ପାଦନକ୍ଷମ କାର୍ଯ୍ୟମାନ ହାତକୁ ନିଆଯାଇଛି। ସମବାୟ ସମିତି ସମୂହର ନିବନ୍ଧକ ମନୀଷ୍ ଅଗ୍ରୱାଲ ,ଅନ୍ୟତମ ସମ୍ମାନୀତ ଅତିଥି ରୂପେ ଯୋଗଦାନ କରି ଓଡ଼ିଶାର ସମବାୟ ଆନ୍ଦୋଳନକୁ ଆଜି ଅଧିକରୁ ଅଧିକ କ୍ରିୟାଶୀଳ କରିବା ପାଇଁ ଭିତିଭୂମିର ବିକାଶ ଏକାନ୍ତ ଆବଶ୍ୟକ। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ୟୁନିୟନର ସଭାପତି ସୁଶ୍ରୀ ପ୍ରବାସିନୀ ଷଡଙ୍ଗୀ । ଏହି ଉଦ୍‌ଘାଟନୀ ସଭା ଅବସରରେ ୟୁନିୟନ ଦ୍ୱାରା ପ୍ରକାଶିତ ସମବାୟ ସମାଚାରର ସ୍ୱତନ୍ତ୍ର ସଂଖ୍ୟା ଓ ସମବାୟ ସର୍କୁଲାର ପୁସ୍ତକକୁ ମାନ୍ୟବର ସମବାୟ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଉକ୍ତ ଉଦ୍‌ଘାଟନୀ ସଭାରେ ପରିଚାଳନା ପରିଷଦ ସଦସ୍ୟ ରଂଜନ କୁମାର ଦାସ, ସମ୍ପାଦକ ସୁନିତା ପତି, ଓ.ଏସ୍.ଡି ଶ୍ରୀ ବ୍ରହ୍ମାନନ୍ଦ ପରିଡା,ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ଅତିରିକ୍ତ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ସଚିବ ତଥା ବିତ ପରାମର୍ଶ ଦାତା ସୁରେନ୍ଦ୍ର କୁମାର ସାହୁ, ପ୍ରମୁଖ ଯୋଗ ଦେଇଥିଲେ ।

# ୩୩% ମହିଳା ଆରକ୍ଷଣକୁ ନେଇ ମହିଳା କଂଗ୍ରେସର ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୦୪/୦୭(ଜେଏନ୍‌ଏସ୍): ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ମହିଳା କଂଗ୍ରେସ ର ସଭା ନେତ୍ରୀ ଆଡଭୋକେଟ୍ ଉର୍ମିଳା ମାଝୀ ଙ୍କ ଅଧ୍ୟକ୍ଷତା ରେ ଶହ ଶହ ମହିଳା ଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି । ଉକ୍ତ ସମ୍ମିଳନୀ ରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ର ସମ୍ପାଦିକା ଶ୍ରୀମତୀ ରୀତା ପଣ୍ଡା ଓ ରାଜ୍ୟ ମହିଳା କଂଗ୍ରେସ ମିଡିଆ ସେଲ ର ଅଧ୍ୟକ୍ଷା ଶ୍ରୀମତୀ ଜୟସ୍ମିତା ମହାନ୍ତି ପ୍ରଭାରୀ ରୂପେ ଯୋଗ ଦେଇଥିଲେ । ୩୩% ମହିଳା ସଂରକ୍ଷଣ ସହ ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଜନଜାତି ମହିଳା ମାନଙ୍କୁ ୩୩% ସଂରକ୍ଷଣ ଭିତରେ ସାମ୍ବିଧାନିକ ଭାଗ ପ୍ରଦାନ କରିବା ପାଇଁ ଜିଲ୍ଲାର ସମସ୍ତ ମହିଳାଙ୍କୁ ଉଦବୋଧନ ଦେଇଥିଲେ । ଅଖିଳ ଭାରତୀୟ ମହିଳା କଂଗ୍ରେସ ର ସଭାନେତ୍ରୀ ତଥା ରାଜ୍ୟ ମହିଳା କଂଗ୍ରେସ ର ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତି ଙ୍କ ତିନି ସୁତ୍ରି ଯୋଜନା ଯଥା ଦସ୍ତଖତ ଅଭିଯାନ , ପୋଷ୍ଟ କାର୍ଡ ମଧ୍ୟମ ଓ ମିସ୍-ଡି କଲ ମଧ୍ୟମ ରେ ଉପୋରୋକ୍ତ ଦାବି କୁ ଗାଁ ଗହଳି ଓ ପଞ୍ଚାୟତ ସ୍ତର ରେ ମହିଳା ମାନଙ୍କ ହକ୍ କୁ ଉପସ୍ଥାପନ କରିବା ପାଇଁ ଉପସ୍ଥିତ ସମସ୍ତ କଂଗ୍ରେସ ମହିଳା ମାନଙ୍କୁ ଆହ୍ୱାନ ଦେଇଥିଲେ ।

ଉକ୍ତ ସମ୍ମିଳନୀ ରେ ରାଜ୍ୟ ମହିଳା କଂଗ୍ରେସ ର ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ,ସମ୍ପାଦିକା ପ୍ରତିମା ପଣ୍ଡା,ଜଳେଶ୍ୱର ରୁ ରାଧାରାଣୀ ପାତ୍ର ଓ ସୁମତି ସିଂହ ଓ ଅନ୍ୟମାନଙ୍କ ମଧ୍ୟରେ ଜାନୁ ମୁଖୀ,ଦୀପ୍ତି ହାଁସଦା, ଆଡଭୋକେଟ୍ ସାଇନି ଅକ୍ତର,ଜୟନ୍ତୀ ମାଝୀ, ଟୁନି ମିଶ୍ର ପ୍ରମୁଖ ଶତାଧିକ ମହିଳା ଉପସ୍ଥିତ ଥିଲେ , ଶେଷରେ ରେମୁଣ ମହିଳା କଂଗ୍ରେସ ର ସଭାନେତ୍ରୀ ଶ୍ରୀମତୀ କୁମୁଦିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ଶିକ୍ଷା ଓ ଉଦ୍ୟୋଗର ସମନ୍ୱୟ ହିଁ ଆତ୍ମନିର୍ଭର ଓଡ଼ିଶାର ମୂଳ ଆଧାର – କୁଳପତି ଡ. ସନ୍ତୋଷ ତ୍ରିପାଠୀ

ବାଲେଶ୍ୱର, ୦୪/୦୭(ଜେଏନ୍‌ଏସ୍): ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ବିକାଶ, ନୂତନ ଉଦ୍ୟୋଗୀ ସୃଷ୍ଟି ଏବଂ ଯୁବପିଢ଼ୀଙ୍କ ମଧ୍ୟରେ ଉଦ୍ୟୋଗିତା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ଆନୁକୂଲ୍ୟରେ ଆୟୋଜିତ ପାଞ୍ଚଦିନିଆ "ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ" ସ୍ଥାନୀୟ ନୋସି ବିଜନେସ୍ ପାର୍କଠାରେ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଉଦ୍ୟୋଗୀ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଛାତ୍ରଛାତ୍ରୀ ଓ ଉଦ୍ୟୋଗ ସ୍ଥାପନାରେ ଆଗ୍ରହୀ ଯୁବକ-ଯୁବତୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ନୋସିର ସଭାପତି ପି. କେ. ଡାଭେ, ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ଏବଂ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ମୋତିଲାଲ ଶାହା ଯୋଗଦେଇ ବର୍ତ୍ତମାନ ସମୟରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ, ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ନୀତି, ବ୍ୟାଙ୍କ ଋଣ ସୁବିଧା, ବଜାର ସଂଯୋଗ ଓ ଉଦ୍ୟୋଗୀମାନଙ୍କ ସମ୍ମୁଖୀନ ଆହ୍ୱାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନୂତନ ଉଦ୍ୟୋଗୀମାନେ ସରକାରୀ ସହାୟତାର ସଠିକ୍ ଉପଯୋଗ କରି ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ କର୍ମସଂସ୍ଥାନ ଯୋଗାଇପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ।




କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇ ପାଞ୍ଚଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ବିଭିନ୍ନ ଅଧିବେଶନ, ପ୍ରଶିକ୍ଷଣ, ଉଦ୍ୟୋଗୀମାନଙ୍କ ସହ ଆଲୋଚନା ଏବଂ ଯୁବପିଢ଼ୀଙ୍କୁ ଉଦ୍ୟୋଗ ମୁଖୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପ୍ରବନ୍ଧ, ବିତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ୮ ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ସଫଳ ଉଦ୍ୟୋଗୀଙ୍କୁ ସେମାନଙ୍କର ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ପ୍ରଦାନ ମାଧ୍ୟମରେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରେରଣା ଯୋଗାଇବା ସହ ସ୍ଥାନୀୟ ସଫଳ ଉଦ୍ୟୋଗୀମାନଙ୍କ ଅଭିଜ୍ଞତାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା।

ପାଞ୍ଚଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ସ୍ଥାପନା ପ୍ରକ୍ରିୟା, ଏମ୍‌ଏସ୍‌ଏମ୍‌ଇ ପଞ୍ଜୀକରଣ, ସରକାରୀ ପ୍ରୋତ୍ସାହନ, ବ୍ୟାଙ୍କ ଋଣ, ବିପଣନ, ଡିଜିଟାଲ୍ ବ୍ୟବସାୟ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟାର୍ଟଅପ୍ ଏବଂ ରପ୍ତାନିର ସମ୍ଭାବନା ଆଦି ବିଷୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିଳ୍ପ ଅଧିକାରୀ ପୂର୍ଣ୍ଣେନ୍ଦୁ କର ଧନ୍ୟବାଦ ଜ୍ଞାପନ କରିଥିବାବେଳେ ସହକାରୀ ପରିଚାଳକ ଅକ୍ଷୟ ଦାସ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ମମତା ପରିଡ଼ା, କ୍ଷୀତିଶ ପଣ୍ଡା, ଅମ୍ବୁଜ ମହାନ୍ତ, ସନ୍ଧ୍ୟାରାଣୀ ଦାସ, ଅଜିତ ସିଂ, ଅମରଜ୍ୟୋତି କବି, ଅଂଶୁମାନ ବେହେରା, ଅଭିଷେକ ଜେନା, ଭବାନୀ ଶଙ୍କର ପାତ୍ର, ସତ୍ୟବ୍ରତ ନାୟକ, ସମୀକ୍ଷା ସେନାପତି, ରାହୁଲ ହାଁସଦା ଓ ରମାକାନ୍ତ ବେହେରାଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ୨୦ ସୁଦ୍ଧା ନିଟ୍ ୟୁଜି ପୁନଃ ପରୀକ୍ଷା ରେଜଲ୍ଟ

ନୂଆଦିଲ୍ଲୀ, ୦୪/୦୭ : ଆସନ୍ତା ଜୁଲାଇ ୨୦ ସୁଦ୍ଧା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏ ପକ୍ଷରୁ ନିଟ୍ ୟୁଜି ରେଜଲ୍ଟକୁ ଘୋଷଣା କରାଯିବ। ପ୍ରଶ୍ନପତ୍ର ଲିକ ଯୋଗୁ ନିଟ୍ ୟୁଜି ୨୦୨୬ର ପୁନଃ ପରୀକ୍ଷା ଜୁନ ୨୧ରେ ହୋଇଥିଲା। ଭାରତର ୫୪୪୦ ଓ ବିଦେଶର ୧୪ଟି କେନ୍ଦ୍ରରେ ୨୦ଲକ୍ଷରୁ ଅଧିକ ପିଲା ନିଟ ୟୁନି ପୁନଃ ପରୀକ୍ଷାରେ ଭାଗ ନେଇଥିଲେ। ନିଟ ୟୁଜି ୨୦୨୬ର ମୂଳ ପରୀକ୍ଷା ମେ' ୩ରେ ହୋଇଥିଲା। କିନ୍ତୁ ପ୍ରଶ୍ନପତ୍ର ଲିକ ଯୋଗୁ କେନ୍ଦ୍ର ସରକାର ପରୀକ୍ଷାକୁ ବାତିଲ କରି ଦେଇଥିଲେ। ଏହାକୁ ନେଇ ସମଗ୍ର ଦେଶରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅନେକ ନିଟ ଆଶାୟୀ ଆମ୍ହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏ ସବୁ ଭିତରେ ଏନଟିଏ ପୁଣି ଜୁନ ୨୧ରେ ସମଗ୍ର ଦେଶରେ ନିଟ ପରୀକ୍ଷା ଆୟୋଜନ କରିଥିଲା। ଏବେ ଏହାର ରେଜଲ୍ଟ ଜୁଲାଇ ୨୧ ସୁଦ୍ଧା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଏନଟିଏର ଜଣେ ଅଧିକାରୀ କହିଛନ୍ତି, "ଆମେ ଶିକ୍ଷାବର୍ଷରେ କୌଣସି ବିଭ୍ରାଟ ଚାହୁଁନାହୁଁ। ତେଣୁ ରେଜଲ୍ଟକୁ ଯଥାଶୀଘ୍ର ପ୍ରକାଶ କରିବାକୁ ଚେଷ୍ଟା କରୁଛୁ। ଆମେ ଜୁଲାଇ ୨୦ ସୁଦ୍ଧା ରେଜଲ୍ଟ ଘୋଷଣା କରିବାକୁ ଲକ୍ଷ୍ୟ ରଖିଛୁ। ସାଧାରଣତଃ ପରୀକ୍ଷାର ୪୫ ଦିନ ମଧ୍ୟରେ ଫଳାଫଳ ପ୍ରକାଶ ପାଇଥାଏ। ଏହାର ଅର୍ଥ ଅଗଷ୍ଟ ୫ ହେଉଛି ଫଳାଫଳ ପ୍ରକାଶର ସ୍ୱାଭିବକ ସମୟ। କିନ୍ତୁ ଆମେ ଫାଷ୍ଟ ଟ୍ରାକ ଭିତରେ ନିଟ୍ ୟୁଜି ପରୀକ୍ଷାର ରେଜଲ୍ଟ ପ୍ରକାଶ କରିବାକୁ ଚାହୁଁଛୁ। ଏଥିପାଇଁ ଜୁଲାଇ ୨୦ ସୁଦ୍ଧା ରେଜଲ୍ଟ ବାହାରିବ ବୋଲି ଆଶା କରିଛୁ।" ସୂତ୍ର ଅନୁସାରେ, ରେଜଲ୍ଟ ପ୍ରକାଶ କରିବା ପାଇଁ ଏନଟିଏ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ସବୁ ନେଉଛି। ଏମବିବିଏସ ଶିକ୍ଷାର୍ଥୀଙ୍କ ଶିକ୍ଷାବର୍ଷ ଯେମିତି ବିଳମ୍ବିତ ନ ହେବ, ତା'କୁ ଗୁରୁତ୍ୱ ଦେଉଛି ଏନଟିଏ। ଏନଟିଏ ପକ୍ଷରୁ ଜୁନ ୨୫ରେ ନିଟ୍ ପ୍ରୋଭିଜନାଲ ଉତ୍ତର ସୂଚୀ ପ୍ରକାଶ କରାଯାଇଥିଲା। ଆଶାୟୀମାନଙ୍କୁ ଜୁନ୍ ୨୮ ଯାଏ ଏହା ଉପରେ ଆପତ୍ତି ଓ ଅଭିଯୋଗ ଦାଖଲ କରିବାର ସୁଯୋଗ ଦିଆଯାଇଥିଲା। ଅସ୍ଥାୟୀ ଉତ୍ତର ସୂଚୀ ଉପରେ ପ୍ରାୟ ୧୦ ହଜାର ଅଭିଯୋଗ ଦାଖଲ ହୋଇଛି। ଜୁନ୍ ୨୫ରେ ଜାରି କରାଯାଇଥିବା ସାର୍ବଜନୀନ ବିଜ୍ଞପ୍ତିରେ ଏନଟିଏ କହିଥିଲା ଯେ ଯଥାଶୀଘ୍ର ନିଟ୍ ୟୁଜି ୨୦୨୬ର ଚୂଡ଼ାନ୍ତ ଉତ୍ତର ସୂଚୀ ପ୍ରକାଶ କରିବା ସହ ପରୀକ୍ଷା ଫଳ ଘୋଷଣା କରାଯିବ। ଗତବର୍ଷ ମେ ୪ରେ ନିଟ ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଜୁନ୍ ୧୪ରେ ରେଜଲ୍ଟ ପ୍ରକାଶ ପାଇଥିଲା। ମେଡିକାଲ୍ କାଉନ୍ସେଲିଂ କମିଟି ଜୁଲାଇ ୨୧ରୁ କାଉନ୍ସେଲିଂ ଆରମ୍ଭ କରିଥିଲା।

**ପରୀକ୍ଷାରେ ଭାଗ ନେଇଛନ୍ତି ୨୦ଲକ୍ଷରୁ ଅଧିକ ପିଲା**

# ଋଷ-ୟୁକ୍ରେନ୍ ଯୁଦ୍ଧ : ୨୦ ଲକ୍ଷରୁ ଅଧିକ ସୈନ୍ୟ ମୃତ




ୱାଶିଂଟନ୍, ୦୪/୦୭ : ୨୦୨୨ ଫେବୃଆରୀ ୨୪ରେ ଆରମ୍ଭ ହୋଇଥିବା ଋଷ-ୟୁକ୍ରେନ୍ ଯୁଦ୍ଧ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ୟୁରୋପର ସବୁଠାରୁ ବଡ଼ ଏବଂ ବିନାଶକାରୀ ସଂଘର୍ଷରେ ପରିଣତ ହୋଇଛି। ଆମେରିକା ଭିତ୍ତିକ 'ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାସନାଲ୍ ଷ୍ଟଡ଼ିଜ୍'ର ନୂତନ ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧରେ ମିଳିତ ସାମରିକ ମୃତାହତଙ୍କ ସଂଖ୍ୟା ୨୦ ଲକ୍ଷ ପାର୍ କରିଛି। ଋଷର ମୋଟ ସାମରିକ ମୃତାହତ ସଂଖ୍ୟା ପ୍ରାୟ ୧୪ ଲକ୍ଷ ରହିଛି। ଏଥିମଧ୍ୟରୁ ପ୍ରାୟ ୪ ଲକ୍ଷରୁ ଅଧିକ ସୈନିକ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁସାରେ, ୟୁକ୍ରେନ୍ରେ ପ୍ରାଣ ହରାଇଥିବା ଋଷ୍ ସୈନିକଙ୍କ ସଂଖ୍ୟା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଦ୍ୱାରା ହୋଇଥିବା ସମସ୍ତ ଯୁଦ୍ଧରେ ହୋଇଥିବା ମୃତ୍ୟୁ ସଂଖ୍ୟା ତୁଳନାରେ ୪ ଗୁଣ ଅଧିକ। ୟୁକ୍ରେନ୍ ସେନାର ମୋଟ ମୃତାହତ ସଂଖ୍ୟା ୫.୨୫ ଲକ୍ଷରୁ ୬.୨୫ ଲକ୍ଷ ମଧ୍ୟରେ ରହିଛି, ଯେଉଁଥିରେ ୧.୨୫ ଲକ୍ଷରୁ ୧.୫ ଲକ୍ଷ ସୈନିକ ନିହତ ହୋଇଛନ୍ତି। ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ୟୁକ୍ରେନ୍ ତୁଳନାରେ ଋଷ୍ର ମୃତାହତ ଅନୁପାତ ପ୍ରାୟ ୮:୧ କୁ ବୃଦ୍ଧି ପାଇଛି। ନିକଟରେ ଋଷ କିଭ୍ ସହର ଉପରେ ଏକ ଭଡ ଧରଣର ଆକ୍ରମଣ କରିଛି, ଯେଉଁଥିରେ ୪୯୬ଟି ଡ୍ରୋନ୍ ଏବଂ ୭୪ଟି କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି। ଏହି ଆକ୍ରମଣରେ ଅତିକମରେ ୨୫ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଆବାସିକ କୋଠା ଭୁଶୁଡ଼ି ପଡ଼ିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହି ଆକ୍ରମଣର କଡ଼ା ଜବାବ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ଭୟଙ୍କର ପରିସ୍ଥିତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ଶେଷ କରିବା ପାଇଁ ଏକ ଶାନ୍ତି ଚୁକ୍ତି ଉପରେ ଜୋର୍ ଦେଉଛନ୍ତି। ତାଙ୍କ ମତରେ, ଏହି ଅର୍ଥହୀନ ହତ୍ୟାକାଣ୍ଡକୁ ବନ୍ଦ କରିବା ହିଁ ମାନବତା ପାଇଁ ଆବଶ୍ୟକ।

# ଦେଶରେ ଲାଗୁ ହେଲା ଭିବି-ଜି ରାମ ଜି ଅଧିନିୟମ

ନୂଆଦିଲ୍ଲୀ, ୦୪/୦୭: ଗ୍ରାମୀଣ ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା, ସେମାନଙ୍କ ରୋଜଗାରକୁ ନିଶ୍ଚିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ବିକଶିତ ଭାରତ-ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ) ବା ଭିବି-ଜି ରାମ ଜି ଅଧିନିୟମକୁ ବୁଧବାର (ଜୁଲାଇ ୧)ରୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଯାଇଛି। ଏହି ଅଧିନିୟମ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟକୁ ସାକାର କରିବା ଦିଗରେ ସହାୟକ ହେବ। ଏହାଦ୍ୱାରା ଗ୍ରାମାଞ୍ଚଳର ନିରନ୍ତର ବିକାଶ ସହିତ ଭିତ୍ତିଭୂମି ମଜଭୁତ ହେବ। ଏହି ଆଇନ ଅଧୀନରେ ଗ୍ରାମାଞ୍ଚଳର ଲୋକଙ୍କୁ ବାର୍ଷିକ ୧୨୫ ଦିନର କର୍ମନିଯୁକ୍ତି ଯୋଗାଇ ଦେବାର ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି। ପୂର୍ବରୁ ପ୍ରଚଳିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନାରେ ପରିବର୍ତ୍ତନ କରାଯାଇ ଏହି ନୂଆ ଆଇନ ପ୍ରଣୟନ କରାଯାଇଛି। ପୂର୍ବ ଆଇନରେ ବାର୍ଷିକ ୧୦୦ ଦିନର ନିଯୁକ୍ତି ପ୍ରଦାନ କରାଯାଉଥିବାବେଳେ ନୂଆ ଆଇନରେ ଏହାକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଗ୍ରାମୀଣ ପରିବାରକୁ ଅଧିକ ନିଯୁକ୍ତି ସୁଯୋଗ ମିଳିବା ସହିତ ସେମାନଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ ହୋଇପାରିବ।

ନୂଆ ଆଇନକୁ କାର୍ଯ୍ୟକାରୀ କରାଯିବା ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିବା କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ କୌଣସି ଜଣେ ଯୋଗ୍ୟ ଗ୍ରାମୀଣ ଶ୍ରମିକ ଯେପରି ଗୋଟିଏ ଦିନ ନିଯୁକ୍ତି ସୁଯୋଗରୁ ବଞ୍ଚିତ ନହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଆଇନକୁ କାର୍ଯ୍ୟକାରୀ କରିବା ଲାଗି ପର୍ଯ୍ୟାପ୍ତ ଆର୍ଥିକ ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କୁ ୯୫,୬୯୨.୩୧ କୋଟି ଟଙ୍କାର ଅନ୍ତରୀଣ ପାଣ୍ଠି ଯୋଗାଇ ଦିଆଯାଇଛି। ଏହାଦ୍ୱାରା ଶ୍ରମିକମାନଙ୍କୁ ଠିକ୍ ସମୟରେ ମଜୁରୀ ପ୍ରଦାନ କରାଯାଇପାରିବ ଓ ସେମାନଙ୍କୁ ନିରବଚ୍ଛିନ୍ନ ଭାବେ ନିଯୁକ୍ତି ମିଳିପାରିବ। ଏହାସହିତ ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆଇନ କାର୍ଯ୍ୟକାରୀ ନିମନ୍ତେ ନିଜସ୍ୱ ବଜେଟ୍ ବ୍ୟବସ୍ଥା କରିଛନ୍ତି। ୨୪ଟି ରାଜ୍ୟ ସରକାର ଏହି ଆଇନକୁ କାର୍ଯ୍ୟକାରୀ କରିବା ଲାଗି ନିଜର ବିଜ୍ଞପ୍ତି ପ୍ରକାଶ କରିସାରିଛନ୍ତି। ନୂଆ ଯୋଜନା ଅନୁଯାୟୀ କୌଣସି ରାଜ୍ୟରେ ଦୈନିକ ମଜୁରୀ ପରିମାଣ ୩୦୦ ଟଙ୍କାରୁ କମ୍ ହେବ ନାହିଁ। ପୂର୍ବରୁ ଏମଜିନରେଗାରେ ଦୈନିକ ମଜୁରୀ ୨୯୮.୮ ଟଙ୍କା ଥିବାବେଳେ ଏବେ ଏହାକୁ ୩୨୭.୪ ଟଙ୍କାକୁ ବୃଦ୍ଧି କରାଯାଇଛି। ଯାହାକି ଦେଶବ୍ୟାପୀ ହାରାହାରି ମଜୁରୀରେ ୧୦% ବୃଦ୍ଧି। ତେବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଭିନ୍ନ ଭିନ୍ନ ରାଜ୍ୟରେ ଏହି ମଜୁରୀ ପରିମାଣ ଭିନ୍ନ ରହିଛି। ଭିବି-ଜି ରାମ ଜି ଅଧିନିୟମ ଅଧୀନରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ସରକାର ନିଜର ମଜୁରୀ ବୃଦ୍ଧି ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

### ଆମେରିକା ମୋଟେଲ୍ ଅଗ୍ନିକାଣ୍ଡ

# ଆଖି ବୁଜିଲେ ଗୁଜରାଟ ଦମ୍ପତି ଓ ଝିଅ

ୱାଶିଂଟନ୍, ୦୪/୦୭ :ସୂତାର ପରିବାର ସେମାନଙ୍କ ରୁମରେ ଥିବା ବେଳେ ହିଁ ଅଗ୍ନିକାଣ୍ଡ ଘଟିଥିଲା। ପୂରା ବିଲଡିଂକୁ ନିଆଁ ଓ ଧୂଆଁ କରାୟତ କରି ଦେଇଥିବାରୁ ସେମାନେ ମୋଟେଲର ଡେସ୍କକୁ ଫୋନ କରି ସାହାଯ୍ୟ ମାଗିଥିଲେ। ନିଆଁ ଲିଭାଇ ଦେଇଛି ଗୋଟିଏ ପରିବାରର ୩ ସଦସ୍ୟଙ୍କ ଜୀବନର ଦୀପ। ଆମେରିକାର ଓହିଓ ସ୍ଥିତି ଗୋଟିଏ ମୋଟେଲରେ ଲାଗିଥିବା ଅଗ୍ନିକାଣ୍ଡରେ ଗୁଜରାଟର ଖେଡର ଦମ୍ପତି ଓ ତାଙ୍କ ୨୦ ବର୍ଷୀୟ ଝିଅଙ୍କ ମୃତ୍ୟୁ ହୋଇଛି। ସେମାନେ ମୋଟେଲରେ କାମ କରିବା ସହ



ସେଠାରେ ରହୁଥିଲେ। ହେଲେ ଏବେ ମୋଟେଲ ଅଗ୍ନିକାଣ୍ଡରେ ପୂରା ପରିବାର ମୃତ୍ୟୁର ଶେଯରେ ଶୋଇଯାଇଛି। ମୃତକମାନେ ହେଲେ- ହିତେଶଭାଇ ସୂତାର, ତାଙ୍କ ପତ୍ନୀ ହିନାବେନ ଓ ୨୦ ବର୍ଷୀୟ ଝିଅ ଈଶାନି। ସେମାନଙ୍କ ଘର ଗୁଜରାଟର ଖେଡା ଜିଲ୍ଲେ ଅନ୍ତର୍ଗତ ନଦିଆଦରେ। ହେଲେ ସୂତାର ପରିବାର ପ୍ରାୟ ୨ ବର୍ଷ ହେଲା ଓହିଓର ଉଷ୍ଟର ଠାରେ କାମ କରି ରହୁଥିଲେ। ହିତେଶ ଭାଇ କାମ କରୁଥିବା ଇକୋନୋ ଲଜ୍ ମୋଟେଲରେ ପୂରା ଘଟଣା ଘଟିଛି। ରାତି ପ୍ରାୟ ୧.୩୦ରେ ପରିବାର ସଦସ୍ୟ କାମ କରିବା ସହ ରହୁଥିବା ମୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ପୂରା ଅଞ୍ଚଳ ଧୂଆଁମୟ ହୋଇ ଯାଇଥିଲା। ମୋଟେଲର ଛାତରେ ନିଆଁ ଜଳୁଥିବା ଦେଖାଯାଇଥିଲା। ସୂତାର ପରିବାର ସେମାନଙ୍କ ରୁମରେ ଥିବା ବେଳେ ହିଁ ଅଗ୍ନିକାଣ୍ଡ ଘଟିଥିଲା। ପୂରା ବିଲଡିଂକୁ ନିଆଁ ଓ ଧୂଆଁ କରାୟତ କରି ଦେଇଥିବାରୁ ସେମାନେ ମୋଟେଲର ଡେସ୍କକୁ ଫୋନ କରି ସାହାଯ୍ୟ ମାଗିଥିଲେ। ସେମାନଙ୍କୁ ରୁମର ପାଣି ସପ୍ଲାଇକୁ ଖୋଲିବାକୁ ଓ ନିଜର ସୁରକ୍ଷା ପାଇଁ ସେଠାରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ପରିବାର ଲୋକ ନିଆଁ ଓ ଧୂଆଁରୁ ବର୍ତ୍ତିବା ପାଇଁ ନିଜକୁ ବାଥରୁମରେ ଲକ କରି ଦେଇଥିଲେ।

ହେଲେ ଅଗ୍ନିଶମ ବାହିନୀ ନିଆଁ ଓ ଧୂଆଁକୁ ଆୟତ୍ତ କରିବାକୁ ଢେର ସମୟ ନେଇଥିଲେ। ଏସବୁ ଭିତରେ ସୂତାର ପରିବାର ବାଥରୁମ ଭିତରେ ହିଁ ଅଣନିଃଶ୍ୱାସ ହୋଇ ଆଖି ବୁଜିଥିଲେ। ସୂତାର ପରିବାରକୁ ଛାଡ଼ି ଦେଲେ ଏହି ଘଟଣାରେ ଆଉ କେହି ବି ମୃତାହତ ହୋଇ ନାହାନ୍ତି। ତେବେ ନିଆଁକୁ ଆୟତ୍ତ କରିବା ବେଳେ ଜଣେ ଅଗ୍ନିଶମ କର୍ମଚାରୀ ସାମନ୍ୟ ଆହତ ହୋଇଥିଲେ। ଏବେ ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀମାନେ କେଉଁ ପରିସ୍ଥିତିରେ ନିଆଁ ଲାଗିଥିଲା, ତା'ର ତଦନ୍ତ କରୁଛନ୍ତି।

# ଆମେରିକାର ଏୟାର ଷ୍ଟ୍ରାଇକ

## ଇରାନର ମିସାଇଲ ଓ ଡ୍ରୋନ୍ ଘାଟି ଧ୍ୱଂସ



ୱାଶିଂଟନ୍, ୦୪/୦୭ : ଆମେରିକା ଏୟାର ଷ୍ଟ୍ରାଇକ କରିଥିବାରୁ ଏହାର ଜବାବ ଦିଆଯିବ ବୋଲି ଇରାନ ଧମକ ଦେଇଥିଲା। ଏହାପରେ ହିଁ ଆଇଆରଜିସି କାଉଣ୍ଟର ଆଟାକ କରିଛି। ତେବେ କାଉଣ୍ଟର ଆଟାକର ବିସ୍ତୃତ ତଥ୍ୟ ଏଯାଏ ମିଳିନି। ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଦୁଇ ଦେଶରେ ହୋଇଥିବା ଶାନ୍ତି ଚୁକ୍ତିର ହୋଇଛି ଖୋଲା ଉଲ୍ଲଙ୍ଘନ। ହର୍ମୁଜ ପ୍ରଣାଳୀରେ ଇରାନ କରିଥିବା ଆଟାକର ବଦଳା ନେବାକୁ ଚେଷ୍ଟା କରିଛି ଆମେରିକା। ଏଥିପାଇଁ ଆମେରିକା ପକ୍ଷରୁ ଇରାନର ମିସାଇଲ ଓ ଡ୍ରୋନ ଘାଟି ଗୁଡ଼ିକ ଉପରେ ଘନଘନ ଏୟାର ଷ୍ଟ୍ରାଇକ କରାଯାଇଛି। ଇରାନ ମଧ୍ୟ ଏହାର ଜବାବ ଦେବାକୁ ପଛାଇ ନାହିଁ। ଆମେରିକାର ଏୟାର ଷ୍ଟ୍ରାଇକ ପରେ ଇସଲାମିକ ରେଭ୍ୟୁଲେସନାରୀ ଗାର୍ଡ କ୍ରପ୍ସ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ଏକାଧିକ ସାମରିକ ଘାଟକୁ ଟାର୍ଗେଟ କରିଥିବା ଜଣାପଡ଼ିଛି।

ଆମେରିକା ଏୟାର ଷ୍ଟ୍ରାଇକ କରିଥିବାରୁ ଏହାର ଜବାବ ଦିଆଯିବ ବୋଲି ଇରାନ ଧମକ ଦେଇଥିଲା। ଏହାପରେ ହିଁ ଆଇଆରଜିସି କାଉଣ୍ଟର ଆଟାକ କରିଛି। ତେବେ କାଉଣ୍ଟର ଆଟାକର ବିସ୍ତୃତ ତଥ୍ୟ ଏଯାଏ ମିଳିନି। ଆମେରିକା ହର୍ମୁଜ ପ୍ରଣାଳୀ ଉପରେ ହୋଇଥିବା ହମଲାର ପ୍ରତିଶୋଧ ନେବା ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଧମକ ଦେଇଥିଲେ। ଇରାନର ହର୍ମୁଜ ହମଲାର ବଦଳା ନେବାକୁ ଆମେରିକା ପ୍ରସ୍ତୁତ ହେଉଥିବା ଟ୍ରମ୍ପ କହିଥିଲେ। ଏହାପରେ ଆମେରିକା ସେନା ଇରାନ ଭିତରେ କାଉଣ୍ଟର ଆଟାକ କରିଥିବା ଆମେରିକା କେନ୍ଦ୍ରୀୟ କମାଣ୍ଡ ଘୋଷଣା କରିଛି। କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଆମେରିକା ଯୁଦ୍ଧ ବିମାନ ଇରାନୀୟ ମିସାଇଲ ଓ ଡ୍ରୋନ ଘାଟି ସମେତ ଉପକୂଳ ରାଡାର ସାଇଟ ଉପରେ ହମଲା କରିଛି। ଜୁନ ୨୫ରେ ଇରାନ ପକ୍ଷରୁ ସିଙ୍ଗାପୁର ପତାକା ଥିବା ଏମ/ଭି ଏଭର ଲଭଲୀ ନାମକ ବାଣିଜ୍ୟକ ଜାହାଜ ଉପରେ ଆକ୍ରମଣ କରାଯାଇଛି। ଜାହାଜଟି ଓମାନ ଉପକୂଳରୁ ଆସି ହର୍ମୁଜ ପ୍ରଣାଳୀ ଅତିକ୍ରମ କରୁଥିବା ବେଳେ ଏହା ଉପରେ ଇରାନ ଆଟାକ କରିଥିଲା। ଏହାର ଜବାବ ଆମେରିକା ଦେଇଥିବା କେନ୍ଦ୍ରୀୟ କମାଣ୍ଡ ସ୍ପଷ୍ଟ କରିଛି। କେନ୍ଦ୍ରୀୟ କମାଣ୍ଡ ଗୋଟିଏ ବିବୃତିରେ ଏହି ଅପରେସନକୁ ଶକ୍ତିଶାଳୀ ଜବାବ ଭାବେ ଚିତ୍ରିତ କରାଯାଇଛି। କେନ୍ଦ୍ରୀୟ କମାଣ୍ଡ କହିଛି ଯେ "ଇରାନୀ ପକ୍ଷରୁ ବାଣିଜ୍ୟକ ଜାହାଜ ଉପରେ ଅନାବଶ୍ୟକ ଆକ୍ରମଣ ସ୍ପଷ୍ଟ ଭାବେ ଯୁଦ୍ଧ ବିରତି ଚୁକ୍ତିର ଉଲ୍ଲଙ୍ଘନ। ଏଥିସହ ଇରାନ ହର୍ମୁଜ୍ ଜଳପଥରେ ନୌଚଳାଚଳ ସ୍ୱାଧୀନତାକୁ ବାଧା ଦେଉଛି। ଇରାନ ସହ ହୋଇଥିବା ଚୁକ୍ତିର ସମସ୍ତ ସର୍ତ୍ତ ପାଳନ ହେଉଛି କି ନାହିଁ, ତାହା ସୁନିଶ୍ଚିତ କରିବାକୁ ଆମେରିକୀୟ ସେନା ସତର୍କ ଓ ସେଠାରେ ମୁତୟନ ରହିଛି। ହର୍ମୁଜ ପ୍ରଣାଳୀରେ କେମିତି ବାଣିଜ୍ୟକ ଜାହାଜଗୁଡ଼ିକର ସୁରକ୍ଷିତ ଯାତ୍ରା କରିପାରିବେ, ସେଥିପାଇଁ ଆମେରିକା ସଜାଗ ରହିଛି।"

# ମଣିଷ ମାଂସ ଖାଉଥିବା ଯୁବକକୁ ଧରିଲା ପୋଲିସ୍

ହଙ୍ଗେରୀ, ୦୪/୦୭ : ନ୍ୟାସନାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ପକ୍ଷରୁ କୁହାଯାଇଛି ଯେ ଅଭିଯୁକ୍ତ ବିରୋଧରେ ମାନବ ଅବଶେଷର ବେଆଇନ ବ୍ୟବହାର ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଗତ ସପ୍ତାହରେ ତାଙ୍କ ଘରେ ଚଢ଼ଉ ବେଳେ ତଦନ୍ତକାରୀ ଅଧିକାରୀମାନେ ସେଠାରୁ ଅନେକ ମାନବ ଅବଶେଷ ଜବତ କରିଥିଲେ। ମଣିଷ ହୋଇ ମଣିଷ ମାଂସ ଖାଉଥିଲା। ହସ୍ପିଟାଲରେ କାମ କରୁଥିଲା ଓ ସୁଯୋଗ ଦେଖି ମୃତଦେହକୁ ଚୋରି କରି ନେଇ ଯାଉଥିଲା। କେବଳ ହସ୍ପିଟାଲ ନୁହେଁ, ପରିତ୍ୟକ୍ତ ଶ୍ମଶାନ ଘାଟରେ ପୋତା ଯାଉଥିବା ମୃତଦେହକୁ ବାହାର କରି ବିଭିନ୍ନ ଅଂଶକୁ ମଧ୍ୟ କାଢ଼ି ନେଉଥିଲା। ନିଜେ ରହୁଥିବା ଆପାର୍ଟମେଣ୍ଟରେ ମଣିଷ ଶରୀର ବିଭିନ୍ନ ଅଂଶକୁ ଯୁବକ ଜଣକ ରାନ୍ଧି ଖାଉଥିଲା। ଏହା ଜଣାପଡ଼ିବା ପରେ ୩୦ ବର୍ଷୀୟ ଯୁବକଙ୍କୁ ହଙ୍ଗେରୀ ପୁଲିସ୍ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟର ଗୋଟିଏ ହସ୍ପିଟାଲରେ ରୋଗୀ ନେବା ଆଣିବା ଦାୟିତ୍ୱରେ ରହିଥିଲା। ତାକୁ ଏବେ ହସ୍ପିଟାଲ ଓ ଶ୍ମଶାନ ଘାଟରୁ ମୃତଦେହଗୁଡ଼ିକର ଅବଶେଷ ଚୋରି, ଏହାକୁ ଘରେ ସଂରକ୍ଷଣ କରିବା ଓ ସେଥିରୁ କିଛି ଅଂଶ ରାନ୍ଧି ଖାଇଥିବା ଅଭିଯୋଗରେ ପୁଲିସ ଗିରଫ କରିଛି। ହଙ୍ଗେରୀର ନ୍ୟାସନାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ ପକ୍ଷରୁ କୁହାଯାଇଛି ଯେ ଅଭିଯୁକ୍ତ ବିରୋଧରେ ମାନବ ଅବଶେଷର ବେଆଇନ ବ୍ୟବହାର ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଗତ ସପ୍ତାହରେ ତାଙ୍କ ଘରେ ଚଢ଼ଉ ବେଳେ ତଦନ୍ତକାରୀ ଅଧିକାରୀମାନେ ସେଠାରୁ ଅନେକ ମାନବ ଅବଶେଷ ଜବତ କରିଥିଲେ। ଯୁବକଙ୍କ ଘରୁ ରନ୍ଧା ସରିଥିବା ଗୋଟିଏ ମୁହଁ, ମୁହଁର ଚର୍ମ, ଗୋଟିଏ ତଳ ଗୋଡ଼, ମସ୍ତିଷ୍କ, ହାତ, ଏକାଧିକ ଖପୁରୀ, ହାଡ଼ ଭର୍ତ୍ତି ସୁଟକେସ୍ ଓ ଜାରରେ ସଂରକ୍ଷିତ ହୋଇ ରହିଥିବା



ହାର୍ଟକୁ ଜବତ କରାଯାଇଛି। ଜବତ ହୋଇଥିବା ହୃଦୟଟି ମଣିଷର ନା କୌଣସି ପଶୁର ତା'କୁ ଫରେନସିକ୍ ଟିମ ଯାଞ୍ଚ କରୁଛନ୍ତି। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ମଣିଷ ଶରୀର ଭକ୍ଷଣ ପାଇଁ ବିକଳ ହେଉଥିବା କଥାକୁ ସ୍ୱୀକାର କରିଛି। ସେହିପରି ସେ ମଣିଷ ଶରୀରର ବିଭିନ୍ନ ଅଂଶକୁ ଅନେକ ସମୟରେ ରୋଷେଇ କରି ଖାଇଥିବା ପୁଲିସ୍କୁ ଜଣାଇଛି। ଜବତ ହୋଇଥିବା ଅବଶେଷ ଗୁଡ଼ିକ ସେ କାମ କରୁଥିବା ହସ୍ପିଟାଲ ଓ ହଙ୍ଗେରୀ ଓ ପଡ଼ୋଶୀ ସ୍ଲୋଭାକିଆର ପରିତ୍ୟକ୍ତ ଶ୍ମଶାନରୁ ଚୋରି କରାଯାଇ ଥାଇପାରେ। ଏହି ଅବଶେଷଗୁଡ଼ିକ

**ଜାର ଭିତରେ ରଖିଥିଲା ହାର୍ଟ**

କାହାର ଓ କେଉଁଠାରୁ ଆଣାଯାଇଥିଲା, ତା'ର ଏବେ ଖୋଳତାଡ଼ ଚାଲିଛି। ତଦନ୍ତର ଅଂଶ ଭାବେ ପୁଲିସ ଅଭିଯୁକ୍ତର ଲାପଟପ୍, ମୋବାଇଲ୍ ଫୋନ୍, ସିମ୍ କାର୍ଡ ଓ ଅନ୍ୟାନ୍ୟ ଡିଜିଟାଲ୍ ଷ୍ଟୋରେଜ୍ ଉପକରଣ ଜବତ କରି ଫରେନସିକ୍ ଯାଞ୍ଚ ପାଇଁ ପଠା ଯାଇଥିବା ସୂଚନା ଦେଇଛି। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ହଙ୍ଗେରୀ ସମେତ ବିଭିନ୍ନ ସ୍ଥାନରେ ବେଶ ଚର୍ଚ୍ଚା ଲାଗି ରହିଛି।

# ଆତଙ୍କବାଦୀଙ୍କୁ ବନ୍ଧୁକ ଦେଉଛି ପାକିସ୍ତାନ ସେନା



ରାୱଲାକୋଟ୍, ୦୪/୦୭ : ପାକିସ୍ତାନ ଅଧିକୃତ ଜମ୍ମୁ-କଶ୍ମୀରରେ ଚାଲିଥିବା ଜନ ଆନ୍ଦୋଳନ ଏବେ ଏକ ନୂଆ ମୋଡ଼ ନେଇଛି। ରାୱଲାକୋଟ୍ ଇଦ୍‌ଗାହଠାରେ ଆୟୋଜିତ ଏକ ବିଶାଳ ସମାବେଶରେ 'ଜଏଣ୍ଟ ଆୱାମି ଆକ୍ସନ୍ କମିଟି'ର ନେତା ସର୍ଦ୍ଦାର ଅମନ ଖାନ୍ ପାକିସ୍ତାନୀ ସେନାର ଆତଙ୍କବାଦୀ ସମ୍ପର୍କକୁ ନେଇ ସାଂଘାତିକ ଖୁଲାସା କରିଛନ୍ତି। ୮୦ ହଜାରରୁ ଉର୍ଦ୍ଧ୍ୱ ଜନତାଙ୍କୁ ସମ୍ବୋଧନ କରି ଅମନ ଖାନ୍ ପ୍ରଶ୍ନ କରିଛନ୍ତି, "କଶ୍ମୀରୀଙ୍କୁ ବନ୍ଧୁକ କିଏ ଦେଇଥିଲା? ଏହା କ'ଣ ପାକିସ୍ତାନ ସେନା ନୁହେଁ? ଆଜି ସେମାନଙ୍କର ଆମକୁ ଆତଙ୍କବାଦୀ ବୋଲି କହିବାର ସାହସ କିପରି ହେଲା?" ଅମନ ଖାନ୍ ଦାବି କରିଛନ୍ତି ଯେ, ଫେବୃଆରୀ ୫, ୨୦୨୫ରେ ରାୱଲାକୋଟ୍‌ରେ ଜୈଶ-ଏ-ମହମ୍ମଦ (ଔରଗ) ର ଏକ ବୈଠକକୁ ପାକିସ୍ତାନୀ ପ୍ରଶାସନ ପକ୍ଷରୁ ସୁରକ୍ଷା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ପୋଲିସର ପହରା ମଧ୍ୟରେ ଆତଙ୍କବାଦୀମାନେ ବନ୍ଧୁକ ଓ ଖଣ୍ଡା ଧରି ରାସ୍ତାରେ ବୁଲୁଥିଲେ। ଏହି ବିଦ୍ରୋହ ମୂଳତଃ ଅର୍ଥନୈତିକ ସଙ୍କଟ, ମୁଦ୍ରାସ୍ଫୀତି ଏବଂ ନାଗରିକ ଅଧିକାରକୁ ନେଇ ଆରମ୍ଭ ହୋଇଥିଲା। କିନ୍ତୁ ଅମନ ଖାନ୍‌ଙ୍କ ଏହି ଭାଷଣ ପରେ ଆନ୍ଦୋଳନର ମୋଡ଼ ବଦଳିଯାଇଛି। ଔଇଇଉ ନିଜର ୩୮ଟି ଦାବିକୁ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପାକିସ୍ତାନ ସରକାରଙ୍କୁ ଅଲ୍ଟିମେଟମ୍ ଦେଇଛି। ଯଦି ସରକାର ଏହି ଦାବି ପୂରଣ ନ କରନ୍ତି, ତେବେ ହଜାର ହଜାର ଲୋକ ମୁଜଫରାବାଦ୍ ଅଭିମୁଖେ ଶୋଭାଯାତ୍ରା କରିବେ। ସର୍ଦ୍ଦାର ଅମନ ଖାନ୍ ଚେତାବନୀ ଦେଇଛନ୍ତି ଯେ, ଯଦି ସେହି ମାର୍ଚ୍ଚ କରାଯାଏ, ତେବେ ଆନ୍ଦୋଳନର ଲକ୍ଷ୍ୟ କେବଳ ଅର୍ଥନୈତିକ ରହିବ ନାହିଁ, ବରଂ ଏହା "ପାକିସ୍ତାନ ସମ୍ପୂର୍ଣ୍ଣ ଭାବେ ଚକ୍ଲୌକ ଛାଡ଼ି ଚାଲିଯିବା" ର ରାଜନୈତିକ ଦାବିରେ ପରିଣତ ହେବ।

# ଇ-ରିକ୍ସାକୁ ହଠାତ୍ ବନ୍ଦ କରୁଛି ଚାଇନିଜ୍ ଆପ୍ !



ନୂଆଦିଲ୍ଲୀ, ୦୪/୦୭ : ସୋସିଆଲ ମିଡିଆରେ ଏବେ ଏକ ଅଜବ ଧରଣର ପ୍ରାଙ୍କ୍ (ତିରି ଟ୍ରେଣ୍ଡ) ଭିଡ଼ିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କିଛି ଲୋକ ସ୍ମାର୍ଟଫୋନ୍ ଆପ୍ ଜରିଆରେ ଚଳନ୍ତା ଇ-ରିକ୍ସାକୁ ମଝି ରାସ୍ତାରେ ବନ୍ଦ କରିଦେଉଛନ୍ତି। ଏହି ଘଟଣା ସାଧାରଣ ସୁରକ୍ଷା ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଥିବାରୁ ସରକାର ଏବେ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡ଼ିଓଗୁଡ଼ିକରେ କିଛି ଯୁବକ ରାସ୍ତା କଡ଼ରେ ଠିଆ ହୋଇ 'ବ୍ୟାଟ୍ ବିଏମ୍ଏସ୍' ନାମକ ଏକ ଆପ୍ ବ୍ୟବହାର କରି ପାଖରେ ଯାଉଥିବା ଇ-ରିକ୍ସାର ବ୍ୟାଟେରୀକୁ ରିମୋଟ୍ ଜରିଆରେ ସୁଇଚ୍ ଅଫ୍ କରିଦେଉଛନ୍ତି। ଏହାଫଳରେ ଚଳନ୍ତା ରିକ୍ସା ହଠାତ୍ ଅଟକି ଯାଉଛି, ଯାହା ଚାଳକଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ସୃଷ୍ଟି କରୁଛି। ବିଏମ୍ଏସ୍ ହେଉଛି ଇ-ରିକ୍ସାର ବ୍ୟାଟେରୀର ମୁଖ୍ୟ ନିୟନ୍ତ୍ରକ। ଏହା ବ୍ୟାଟେରୀର ଚାର୍ଜ, ତାପମାତ୍ରା ଓ କାର୍ଯ୍ୟକ୍ଷମତା ଉପରେ ନଜର ରଖିଥାଏ। ଅନେକ ଶସ୍ତା ବ୍ୟାଟେରୀ ମଡେଲ୍ ଏହି ଆପ୍ ସହିତ ବ୍ଲୁଟୁଥ୍ ମାଧ୍ୟମରେ ସଂଯୁକ୍ତ ହୋଇଥାଏ। ଉକ୍ତ ଆପ୍‌ରେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଯେକେହି ନିକଟରେ ଥିବା ବ୍ୟାଟେରୀକୁ କନେକ୍ଟ କରି ଏହାକୁ ନିୟନ୍ତ୍ରଣ କରିପାରୁଛନ୍ତି। ଯାହାଦ୍ୱାରା ଆପଣ ଚଲାଉଥିବା କିମ୍ବା ବସିଥିବା ଇ-ରିକ୍ସାକୁ ବନ୍ଦ କରି ଦେଉଛନ୍ତି। ମଧ୍ୟପ୍ରଦେଶର ଉଜ୍ଜୈନରେ ଏହି ଆପ୍ ବ୍ୟବହାର କରି ଇ-ରିକ୍ସା ଚାଳକଙ୍କୁ ହଇରାଣ କରିଥିବା ଅଭିଯୋଗରେ ଜଣକୁ ପୋଲିସ ଅଟକ ରଖିଛି। ଏହାକୁ ଏବେ କେବଳ ଏକ ପ୍ରାଙ୍କ୍ ଭାବେ ନୁହେଁ, ବରଂ 'ସାର୍ବଜନୀନ ସୁରକ୍ଷା ପ୍ରସଙ୍ଗ' ଭାବେ ଦେଖାଯାଉଛି। କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏହି ଆପ୍‌ର ସୁରକ୍ଷା ଓ କାର୍ଯ୍ୟକାରିତା ଉପରେ ତଦନ୍ତ ଆରମ୍ଭ କରିଛି। ଏଥିରେ ଚାଇନିଜ୍ କମ୍ପାନୀଗୁଡ଼ିକର ସମ୍ପୃକ୍ତି ଏବଂ ଭାରତୀୟ ତଥ୍ୟର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

## ସମ୍ପାଦକୀୟ...

# ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା

ଡିଜିଟାଲ ଯୁଗରେ ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା ବଢ଼ିବାରେ ଲାଗିଛି । ଏହାର ପ୍ରଭାବ ଶିଶୁ ଓ କିଶୋରଙ୍କ ଉପରେ ଅତ୍ୟଧିକ ମାତ୍ରାରେ ପଡୁଥିବାରୁ ନିର୍ଦ୍ଦିଷ୍ଟ ବୟସ ବର୍ଗ ପାଇଁ ଏହାକୁ ନିଷିଦ୍ଧ କରିବା ଲାଗି ପୃଥିବୀବ୍ୟାପୀ ଗୋଟେ ପଦକ୍ଷେପ ନିଆଯିବା ଆରମ୍ଭ ହୋଇଛି । ଏକ ତଥ୍ୟରୁ ଜଣାପଡ଼ିଛି ଯେ, ବିଶ୍ୱର ୪୦ରୁ ଅଧିକ ଦେଶରେ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ରତିବନ୍ଧକ ଲାଗୁ ହୋଇସାରିଛି କିମ୍ବା ପ୍ରକ୍ରିୟା ଚାଲିଛି ବା ସକ୍ରିୟ ଭାବରେ ବିଚାର କରାଯାଉଛି । ଡିସେମ୍ବର ୨୦୨୫ରେ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଦେଶବ୍ୟାପୀ ପ୍ରତିବନ୍ଧକ ଲଗାଇ ଏଥିରେ ଆଗୁଆ ରହିଛି । ତା' ପରେ ବ୍ରାଜିଲ, ମାଲେସିଆ, ଇଣ୍ଡୋନେସିଆ ଆଦି ଦେଶ ଏ ଦିଗରେ ଆଇନ କାର୍ଯ୍ୟକାରୀ କରିଛନ୍ତି । ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଟିକ୍‌ଟକ୍ ଏବଂ ୟୁଟ୍ୟୁବ ଭଳି ପ୍ରମୁଖ ପ୍ଲାଟଫର୍ମଗୁଡ଼ିକ ବୟସ-ଯାଞ୍ଚ ପ୍ରଣାଳୀ କାର୍ଯ୍ୟକାରୀ କରିବା ଏବଂ ୧୬ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କୁ ଆକାଉଣ୍ଟ ଖୋଲିବାରୁ ବାରଣ ନେଇ ଦାବି ବଢୁଛି ।

ତେବେ ଫ୍ରାନ୍ସ, ଡେନ୍‌ମାର୍କ, ନରୱେ, ପର୍ତ୍ତୁଗାଲ, ସ୍ପେନ, ଗ୍ରୀସ୍ ଏବଂ ବ୍ରିଟେନ ଆଦି ଦେଶ ଏ ଦିଗରେ ନିଜର ଆଇନ ପ୍ରଣୟନ କରିବାରେ ଆଗେଇ ଚାଲିଛନ୍ତି ଏବଂ ଫ୍ଲୋରିଡାଠାରୁ ମାସାଚୁସେଟ୍ସ ପର୍ଯ୍ୟନ୍ତ ଆମେରିକାର ୧୯ ରାଜ୍ୟ ନିଜ ଅଞ୍ଚଳରେ ପ୍ରତିବନ୍ଧକ ଗୃହୀତ କରୁଛନ୍ତି । ଯେଉଁ ଦେଶଗୁଡ଼ିକରେ ଏହା ପ୍ରସ୍ତାବିତ ସ୍ତରରେ ରହିଛି ସେଗୁଡ଼ିକ ମଧ୍ୟରୁ କେତେକ ହେଲା ଜର୍ମାନୀ, ପୋଲାଣ୍ଡ୍, ଫିନ୍‌ଲାଣ୍ଡ, ଚାଇନା, ମେକ୍ସିକୋ, ଅଷ୍ଟ୍ରିଆ, ଇଟାଲୀ ଓ ଭାରତ । ଭାରତର କର୍ନାଟକ ଓ ଆନ୍ଧ୍ରପ୍ରଦେଶ ପିଲାଙ୍କ ସୋସିଆଲ ମିଡିଆ ବ୍ୟବହାର ନେଇ କଟକଣା ଲାଗୁ ଘୋଷଣା କରିଥିବା ବେଳେ ୮ରୁ ୧୨, ୧୨ରୁ ୧୬ ଏ ୧୬ରୁ ୧୮ ଯାଏ ୩ ଥାକିଆ ବୟସ ବର୍ଗ ପାଇଁ ଏକ ଜାତୀୟ ଆଇନ ଅଣାଯିବା ଉପରେ ଜୋର ଦେଇଛନ୍ତି । ଚଳିତ ମାସ ୧୫ ତାରିଖରେ ବ୍ରିଟେନର ବିଦାୟୀ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍‌ମର ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଯିବା ବିଷୟ ଘୋଷଣା କରିବା ପରେ ଏହି ପ୍ରସଙ୍ଗ ଏବେ ବେଶି ଚର୍ଚ୍ଚାକୁ ଆସିଛି । ଆସନ୍ତା କ୍ରିସ୍‌ମାସ ପୂର୍ବରୁ ଏହା ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ୨୦୨୭ ପ୍ରାରମ୍ଭରେ ବ୍ରିଟେନରେ ଲାଗୁ ହେବା ସେ କହିଥିଲେ । ପିଲାଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବା ସକାଶେ ବିଭିନ୍ନ ରାଷ୍ଟ୍ର ଚିନ୍ତା ପ୍ରକଟ କରୁଥିବା ବେଳେ ଏହା ବିତର୍କ ପାଲଟି ଯାଇଛି ।

**ବଦଳୁଛି ଆଭିମୁଖ୍ୟ**

**୧୦ କୋଟିରୁ ଉର୍ଦ୍ଧ୍ୱ ୧୮ ବର୍ଷରୁ କମ୍**

ଜନସଂଖ୍ୟାବହୁଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ କୌଣସି ବିଷୟରେ ଅସ୍ୱାଭାବିକତା ଦେଖାଦେବା ପରେ ସେ ନେଇ ଚିନ୍ତା ଜନ୍ମିଥାଏ । କୁହାଯାଉଛି ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତରେ ୧୦ କୋଟିରୁ ଉର୍ଦ୍ଧ୍ୱ ୧୮ ବର୍ଷରୁ କମ୍ । ବିଶ୍ୱବ୍ୟାପୀ ପିଲାଙ୍କ ସୋସିଆଲ ମିଡିଆ ବ୍ୟବହାରକୁ ନେଇ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ କଥା ଯେତେ ଆଲୋଚନା ହେଉଛି ସେତେ ଚିନ୍ତାର ବିଷୟ ପାଲଟିଛି ସୁରକ୍ଷା । ଇଣ୍ଟରନେଟ୍ ବିଶେଷକରି ସୋସିଆଲ ମିଡିଆରେ ଶିଶୁଙ୍କୁ ଟାର୍ଗେଟ କରୁଥିବା ବିକୃତ ମାନସିକତାର ଲୋକସବୁ ବର୍ତ୍ତମାନ ଅଧିକ ସକ୍ରିୟ । ପିଲାଙ୍କ ନିରୀହତାକୁ ଲକ୍ଷ୍ୟ କରି 'ଗ୍ରୁମିଂ ଗ୍ୟାଙ୍ଗ' ସୋସିଆଲ ମିଡିଆ ମାଧ୍ୟମରେ ଆଜିକାଲି ଜାଲ ବିଛାଉଛନ୍ତି । ବ୍ଲାକ୍‌ମେଲ, ଧମକାଇବା, ଯୌନ ସମ୍ପର୍କ ଗଢ଼ିବାର ବାଟ ଦେଇ ଅପହରଣ ଓ ଶିଶୁଚାଲାଣ ଏସବୁ ସୋସିଆଲ ମିଡିଆ ମାଧ୍ୟମରେ ବଢ଼ିପାରିଛି । ମେଟା, 'ଢ', ସ୍ନାପଚାଟ୍ ଭଳି ବଡ଼ ସାମାଜିକ ଗଣମାଧ୍ୟମ ସଂସ୍ଥା ପିଲାଙ୍କ ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନେବାକୁ ନାରାଜ । ଇନ୍‌ଷ୍ଟାଗ୍ରାମ୍ ହେଉ କି 'ଢ' ଚାଇଲ୍ଡ ପର୍ନୋଗ୍ରାଫି ଓ ଶିଶୁ ସାଇବର ବୁଲିଂ ବିରୋଧରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉନାହାନ୍ତି । ଏପରି ସ୍ଥଳେ ପିଲାଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଏବେ ଗୋଟିଏ ମାତ୍ର ଉପାୟ ଭାବେ ଦିଶିଲାଣି । କୁହାଯାଇପାରେ ଯେ, ଅନେକ ମାତାପିତା ଓ ଅଭିଭାବକ ବିପଦକୁ ହୃଦୟଙ୍ଗମ କରିବାରେ ଅକ୍ଷମ ହୋଇଥିବାରୁ ସାନ ପିଲାଙ୍କ ଫଟୋ ଓ ଭିଡିଓ ଲଗାତର ସୋସିଆଲ ମିଡିଆରେ ପକେଇ ଚାଲନ୍ତି । ଏସବୁକୁ କିଏ କେଉଁ ଦୃଷ୍ଟିରେ ଦେଖିବ ତାହା ଉପରେ ନିୟନ୍ତ୍ରଣ ନ ଥାଏ । ଏଥିସହ ଛୋଟ ପିଲାଙ୍କ ମାନସିକତାରେ ପରିପକ୍ୱତା ଆସି ନ ଥିବାରୁ ସୋସିଆଲ ମିଡିଆର ରଙ୍ଗିନ ଦୁନିଆ ସେମାନଙ୍କୁ ସହଜରେ ବଶବର୍ତ୍ତୀ କରିଦେଉଛି । ତାହାର ଅତ୍ୟଧିକ ବ୍ୟବହାର ନା ଯେ କେବଳ ସେମାନଙ୍କୁ ବିପଦ ବଳୟକୁ ଆଣୁଛି, ତାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ମଧ୍ୟ ଘୋର ପ୍ରଭାବିତ କରୁଛି । ଅନେକ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ନିଶା ପାଲଟିଗଲେ ତାହାକୁ ବାରଣ କରିବାକୁ ମାତାପିତା ପଦକ୍ଷେପ ନେବାରୁ ପିଲାମାନେ ଚରମ ପଦକ୍ଷେପ ନେଇଯାଉଛନ୍ତି । ସୋସିଆଲ ମିଡିଆ ବ୍ୟବହାର ନ କରିବାକୁ ମାତାପିତା ବାରଣ କରିବାରୁ ୪ ଫେବୃଆରୀ ୨୦୨୬ରେ ଉତ୍ତରପ୍ରଦେଶର ଗାଜିଆବାଦରେ ୧୨, ୧୪ ଏବଂ ୧୬ ବର୍ଷ ବୟସର ତିନି ଭଉଣୀ ୯ ତାଲା ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ । ଏମାନଙ୍କ ପୂର୍ବରୁ ମୋବାଇଲ ଫୋନ୍ ବ୍ୟବହାର ବାରଣ କରିବା କିମ୍ବା ମାତାପିତା ମୋବାଇଲ ଫୋନ୍ ଯୋଗାଇଦେବାରେ ସକ୍ଷମ ନ ହେବା ଦେଖି ବହୁ ପିଲା ଜୀବନ ହାରି ଦେଇଥିବା ଦେଖାଯାଇଛି । କେତେକ ଅନୁଧ୍ୟାନରୁ ଜଣାପଡ଼ିଛି ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର ମାନସିକ ଅବସାଦ ମଧ୍ୟ ଆଣୁଛି । ଏହି ପରିପ୍ରେକ୍ଷୀରେ ଦୋହରା ଯାଇ କୁହାଯାଇପାରେ ଯେ, ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ୍ ସେମାନଙ୍କୁ ସୁରକ୍ଷିତ ରଖିବାର ସର୍ବଶେଷ ପନ୍ଥା ଭାବେ ଦିଶିଲାଣି ।

# ଧର୍ମ ସହ ନା ଧର୍ମହୀନ ରାଜନୀତି ?



**ଅଭିଷେକ ଯୋଶୀ**
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

ରାଜନୀତି ମାତ୍ର ସିଂହାସନର ଛାୟା ନୁହେଁ, ମାତ୍ର ଶକ୍ତିର ଭାଷା ନୁହେଁ, ନା କେବଳ ଭୋଟର ସଂଖ୍ୟାର ହିସାବ । ରାଜନୀତି ହେଉଛି ଜନଜୀବନର ନାଡ଼ୀସ୍ପନ୍ଦନ, ସମାଜର ଦିଗଦର୍ଶନ, ରାଷ୍ଟ୍ରର ନୀତି-ନିର୍ଦ୍ଦେଶ । ଯେଉଁଠାରେ ରାଜନୀତି ଆସେ, ସେଠାରେ ଆଶାର ଆଲୋକ ଜଳିବା ଉଚିତ; ଭୟର ଅନ୍ଧକାର ନୁହେଁ । ଯେଉଁଠାରେ ଶାସନ ଥାଏ, ସେଠାରେ ସେବାର ସୁଗନ୍ଧ ଥିବା ଦରକାର; ସ୍ୱାର୍ଥର ଦୁର୍ଗନ୍ଧ ନୁହେଁ ।

ପ୍ରାଚୀନ ଭାରତୀୟ ଚିନ୍ତାଧାରାରେ ରାଜନୀତି ଓ ଧର୍ମକୁ କେବେ ବିପରୀତ ଶବ୍ଦ ଭାବରେ ଦେଖାଯାଇନଥିଲା । ସେଠାରେ ଧର୍ମର ଅର୍ଥ ଥିଲା କେବଳ ପୂଜାପାଠ ନୁହେଁ; ଥିଲା ସତ୍ୟ, ନ୍ୟାୟ, ସଂଯମ, କରୁଣା, କର୍ତ୍ତବ୍ୟ ଏବଂ ଲୋକମଙ୍ଗଳ । ଏହି ଧର୍ମ ଯେତେବେଳେ ରାଜନୀତିର ହୃଦୟରେ ବସେ, ସେତେବେଳେ ଶାସନ କେବଳ ଶାସନ ରହେନାହିଁ — ସେ ପରିଣତ ହୁଏ ଏକ ପବିତ୍ର ଦାୟିତ୍ୱରେ । ଏବଂ ଯେତେବେଳେ ଏହି ଧର୍ମ ହଟିଯାଏ, ସେତେବେଳେ ରାଜନୀତି ଶକ୍ତିର ବ୍ୟବସାୟ, ସ୍ୱାର୍ଥର ଦୌଡ଼, ଓ ପ୍ରତାରଣାର ପ୍ରଦର୍ଶନୀ ହୋଇଯାଏ ।

ଭଗବଦ୍‌ଗୀତାର ଗଭୀର ବାଣୀମାନଙ୍କ ମଧ୍ୟରେ ଏକ ଅତ୍ୟନ୍ତ ମୂଲ୍ୟବାନ ଶିକ୍ଷା ଲୁଚିରହିଛି — କର୍ତ୍ତବ୍ୟକୁ ନେଇ ନିଷ୍ଠା, ଫଳକୁ ନେଇ ଅନାସକ୍ତି । ରାଜନୀତିରେ ଏହି ବାଣୀର ଅର୍ଥ ହେଉଛି: ଲୋକଙ୍କ ସେବାକୁ ଧ୍ୟେୟ କର, ତୁରନ୍ତ ଲାଭକୁ ନୁହେଁ; ଜନହିତକୁ ପ୍ରାଥମିକତା ଦିଅ, ପଦମର୍ଯ୍ୟାଦାକୁ ନୁହେଁ; ସତ୍ୟକୁ ଧାରଣ କର, ପ୍ରଚାରକୁ ନୁହେଁ । ଯେଉଁ ନେତା କର୍ତ୍ତବ୍ୟକୁ ଧରିଥାଏ, ସେ ରାଜନେତା ହେଉନ୍ତୁ କି ନାହିଁ, ନିଜେ ଏକ ରାଷ୍ଟ୍ରନିର୍ମାତା ହୋଇଯାଏ ।

ରାମାୟଣର ଶ୍ରୀରାମ ଆମ ପାଇଁ ଏକ ଆଦର୍ଶ । ସେ କେବଳ ଏକ ରାଜା ନୁହେଁ, ସେ ଥିଲେ ରାଜଧର୍ମର ଜୀବନ୍ତ ପ୍ରତିମୂର୍ତ୍ତି । ତାଙ୍କ ଶାସନରେ ସତ୍ୟ ଥିଲା, ଶିଷ୍ଟାଚାର ଥିଲା, ପ୍ରଜାପ୍ରେମ ଥିଲା, ଓ ନ୍ୟାୟର ଦୀପ୍ତି ଥିଲା । "ରାମରାଜ୍ୟ" ଏକ ସ୍ୱପ୍ନମାତ୍ର ନୁହେଁ; ଏହା ଏକ ଆଦର୍ଶ ରାଜନୀତିର ସ୍ୱର୍ଣ୍ଣମୟ ସଂକଳ୍ପ । ଯେଉଁ ରାଜନୀତିରେ ରାମଧର୍ମ ନଥାଏ, ସେଠାରେ ସିଂହାସନ ଥାଇପାରେ, କିନ୍ତୁ ଶ୍ରଦ୍ଧା ଥାଏନାହିଁ; ଆଇନ ଥାଇପାରେ, କିନ୍ତୁ ନ୍ୟାୟ ଥାଏନାହିଁ । ମହାଭାରତ ଆମକୁ ସିଖାଏ ଯେ ରାଜନୀତି ସବୁବେଳେ ସ୍ୱଚ୍ଛ ନୀଳାକାଶ ନୁହେଁ; କେବେ କେବେ ସେ ଧୁସର ଧୂଳିକଣାରେ ଢାକା ଯୁଦ୍ଧକ୍ଷେତ୍ର । କିନ୍ତୁ ସେଇ ଯୁଦ୍ଧକ୍ଷେତ୍ରରେ ମଧ୍ୟ ଧର୍ମ ହେଉଛି ଦିଗଦର୍ଶକ ତାରା । କୃଷ୍ଣଙ୍କ ଉପଦେଶ କେବଳ ଅର୍ଜୁନଙ୍କ ପାଇଁ ନୁହେଁ; ସେ ଆଜିର ପ୍ରତ୍ୟେକ ଶାସକ, ପ୍ରତ୍ୟେକ ନେତା, ପ୍ରତ୍ୟେକ ନିଷ୍ପତ୍ତିନେତାଙ୍କ ପାଇଁ ମଧ୍ୟ । ଯେଉଁଠାରେ ଲୋଭ ଅଛି, ସେଠାରେ ଧର୍ମ ନିରବ ହୋଇଯାଏ । ଯେଉଁଠାରେ ଧର୍ମ ଅଛି, ସେଠାରେ ଲୋଭକୁ ହାର ମାନିବାକୁ ପଡ଼େ ।

ବୌଦ୍ଧ ପରମ୍ପରା ରାଜନୀତିକୁ କରୁଣାର ଭୂମିରେ ରଖେ । ଜୈନ ପରମ୍ପରା ତାକୁ ଅହିଂସାର ଆଲୋକରେ ରଙ୍ଗାଇଦିଏ । ଅଶୋକଙ୍କ ଶାସନ ଏହାର ଜୀବନ୍ତ ସାକ୍ଷ୍ୟ — ବିଜୟ ମାତ୍ର ଶସ୍ତ୍ରରେ ନୁହେଁ, ନୀତିରେ ମଧ୍ୟ ହୁଏ; ରାଜ୍ୟର ଶକ୍ତି ମାତ୍ର ସେନାରେ ନୁହେଁ, ମନୁଷ୍ୟତାରେ ମଧ୍ୟ ଥାଏ । ଯେଉଁ ରାଜନୀତି କରୁଣାହୀନ, ସେ ହାରିଗଲା ଦୁର୍ବଳମାନଙ୍କ ନଜରେ; ଯେଉଁ ରାଜନୀତି ଅହିଂସାହୀନ, ସେ ନିଜ ଆତ୍ମାକୁ ହରାଇଦେଇଛି ।

ଧର୍ମହୀନ ରାଜନୀତିର ସବୁଠୁ ବଡ଼ ସଙ୍କଟ ହେଉଛି — ସେଠାରେ ମନୁଷ୍ୟ ମାନବ ରହେନାହିଁ, ଉପାୟ ହୋଇଯାଏ । ଭୋଟ ବ୍ୟାଲଟର ନାମରେ ସେବାର ନାଟକ ହୁଏ, କିନ୍ତୁ ଭିତରେ ଥାଏ ଦଳବାଦର ଗହ୍ୱର । ପ୍ରତିଶ୍ରୁତି ଥାଏ, କିନ୍ତୁ ପାଳନ ନଥାଏ । ସ୍ଲୋଗାନ ଥାଏ, କିନ୍ତୁ ସତ୍ୟ ନଥାଏ । ଆଇନର ଆକାର ଥାଏ, କିନ୍ତୁ ନ୍ୟାୟର ଆତ୍ମା ନଥାଏ । ଏହିପରି ରାଜନୀତି ବହୁତ ଶୀଘ୍ର ଜନବିଶ୍ୱାସ ହାରାଏ, କାରଣ ତାହାର ଭିତ୍ତି ରେତସରେ ଗଢ଼ାଯାଇଥାଏ । ତେଣୁ ଆବଶ୍ୟକ ହେଉଛି ଏକ ଏମିତି ରାଜନୀତି, ଯାହା ଧର୍ମର ଦ୍ୱାରା ଆଲୋକିତ । ଏହି ଧର୍ମ କୌଣସି ସଂପ୍ରଦାୟର ପକ୍ଷପାତ ନୁହେଁ; ଏହା ହେଉଛି ସାର୍ବଜନୀନ ନୀତି । ଏହି ଧର୍ମର ସ୍ୱର ହେଉଛି ସତ୍ୟ, ଏହାର ଶକ୍ତି ହେଉଛି କରୁଣା, ଏହାର ମର୍ଯ୍ୟାଦା ହେଉଛି ସଂଯମ, ଏବଂ ଏହାର ପରିଣତି ହେଉଛି ଲୋକମଙ୍ଗଳ । ଏମିତି ରାଜନୀତିରେ ନେତା ମାଲିକ ନୁହେଁ, ସେବକ ହୋଇଥାନ୍ତି; ଶକ୍ତି ଶାସନର ଅସ୍ତ୍ର ନୁହେଁ, ଦାୟିତ୍ୱର ପ୍ରତୀକ ହୋଇଥାଏ ।

ସେହିପରି, ଧର୍ମ ସହିତ ରାଜନୀତି ହେଉଛି ଏମିତି ପଥ, ଯେଉଁଠାରେ ଶାସନର ପ୍ରତ୍ୟେକ ପଦକ୍ଷେପରେ ନ୍ୟାୟର ଛାୟା, ମର୍ଯ୍ୟାଦାର ଆଭା, ଓ ସେବାର ସୁଗନ୍ଧ ଥାଏ । ଆଉ ଧର୍ମହୀନ ରାଜନୀତି ହେଉଛି ସେଇ ନୌକା, ଯାହାର ପତାକା ଅଛି, କିନ୍ତୁ ଦିଗଦର୍ଶକ ନାହିଁ; ତେଣୁ ସେ ସହଜରେ ସ୍ୱାର୍ଥର ସମୁଦ୍ରେ ଭାସିଯାଏ । ଏହିକାରଣରୁ ଯେଉଁ ରାଷ୍ଟ୍ରର ରାଜନୀତି ଧର୍ମନିର୍ଦ୍ଦେଶିତ, ସେଠାରେ କେବଳ ସରକାର ନୁହେଁ, ବିଶ୍ୱାସ ଗଢ଼ିଉଠେ; କେବଳ ଶାସନ ନୁହେଁ, ସଭ୍ୟତା ପ୍ରକାଶ ପାଏ ।

# ଅଣସର ଘରେ ଜଗନ୍ନାଥ



ଜଗନ୍ନାଥ ସଂସ୍କୃତିର ଏ ଲୀଳା ସବୁଠାରୁ ନିଆରା ଏବଂ ସବୁଠାରୁ ଆପଣାର । ଏଠି ଭଗବାନ କେବଳ ପଥରର ମୂର୍ତ୍ତି କିମ୍ବା ଆକାଶରୁ ଖସିଥିବା କୌଣସି ଅଲୌକିକ ବାସ୍ତବତା ନୁହଁନ୍ତି । ସେ ଆମରି ଭିତରୁ ଜଣେ । ଆମେ ଯେମିତି ଖାଉ, ପିଉ, ରୋଗରେ ପଡୁ, ଔଷଧ ଖାଉ, ରାଗୁ, ରୁଷୁ, ଅଭିମାନ କରୁ- ଆମ ଜଗା ଠାକୁର ମଧ୍ୟ ଠିକ୍ ସେମିତି କରନ୍ତି । ମନା କରୁଥିଲି ନା ଏତେ ଗାଧାଅନି ବୋଲି, ମୋ କଥା ତ ଶୁଣିଲନି... ଭକ୍ତଙ୍କ ଆଗରେ ବାହାଦୁରି ମାରି ଗରା ଗରା ପାଣିରେ ଗାଧୋଇ ପଡ଼ିଲ... ଏଥର ସମ୍ଭାଳ... ଜ୍ୱର ହେଲା ତ, ଏବେ ଅଣସର ଘରେ ପଡ଼ି ରହିଥାଅ । ଏହା କୌଣସି ସାଧାରଣ ଘରର ସ୍ୱାମୀ-ସ୍ତ୍ରୀଙ୍କ କଳି ନୁହେଁ । ଏ ହେଉଛି ଆମ ଶ୍ରୀକ୍ଷେତ୍ର ବଡ଼ଦେଉଳର ଭିତର କଥା । ଦେବସ୍ନାନ ପୂର୍ଣ୍ଣିମା ସରିଛି, ଆଉ ଶ୍ରୀମନ୍ଦିରରେ ଗୋଟେ ଅଜବ ନିରବତା ଖେଳିଯାଇଛି । କାରଣ ସ୍ନାନବେଦୀରୁ ସିଧା ଯାଇ ମହାପ୍ରଭୁ ଏବେ ଅଣସର ଘରେ ବିଜେ କରିଛନ୍ତି । ୧୦୮ ଗରା ସୁବାସିତ ଜଳରେ ଗାଧୋଇବା ପରେ ଏବେ ୧୦୮ ଭଳି ଜ୍ୱରରେ କମ୍ପୁଛି କାଳିଆ ।

ଆଉ ଏପଟେ, ମାଆ ମହାଲକ୍ଷ୍ମୀଙ୍କ ଆଖିରୁ ଲୁହ ଶୁଖୁନି କି ରାଗ ଶାନ୍ତ ହେଉନି । ସତରେ ମାଆ ଲକ୍ଷ୍ମୀ ସାଆନ୍ତାଣି ରାଗ ଦେଖି ଭୟରେ ଛାନିଆ ଆମ କଳା ଠାକୁର । ଗୋଟେ କଥା ଅଛି ନା- ସ୍ୱାମୀ ଯେତେ ବଡ଼ କ୍ଷମତାଶାଳୀ ହେଉ କି ଯେତେ ବଡ଼ ଜ୍ଞାନୀ ହେଉ, ସ୍ତ୍ରୀ ଆଗରେ ସେ ସବୁବେଳେ ଛୋଟ ପିଲାଟିଏ । ଠିକ୍ ସେମିତି ହେଉଛି ଆମ ଜଗା କାଳିଆର ଅବସ୍ଥା । ଅଖିଳ ବ୍ରହ୍ମାଣ୍ଡର ନାଥ ସିଏ ହେଲେ ଲକ୍ଷ୍ମୀ ସାଆନ୍ତାଣିଙ୍କ ଆଗରେ ତାଙ୍କର କିଛି ଚାଲେନି । ସ୍ନାନ ପୂର୍ଣ୍ଣିମା ଦିନ ସକାଳୁ ସକାଳୁ ମାଆ କୁଆଡ଼େ ମନା କରିଥିଲେ ହେ ପ୍ରଭୁ, ଖରାଦିନେ ଏତେ ପାଣିରେ ଗାଧୋଇବା ଭଲ ନୁହେଁ । ଦେହ ଖରାପ ହେବ । ହେଲେ ଭକ୍ତବତ୍ସଳ ଭଗବାନ କ'ଣ ସେ କଥା ଶୁଣିବେ? ବର୍ଷକେ ଥରେ ତାଙ୍କ ପ୍ରିୟ ଭକ୍ତମାନେ ଆସିଛନ୍ତି ତାଙ୍କୁ ଦେଖିବାକୁ ପରା । ଭକ୍ତଙ୍କ ପ୍ରେମରେ ବାନ୍ଧି ହୋଇ ସ୍ତ୍ରୀଙ୍କ କଥାକୁ ହସି ହସି ଟାଳିଦେଲେ କାଳିଆ ସାଆନ୍ତ । ଆଉ ପରିଣାମ? ଏବେ ଅଣସର ଘରେ ବଇଦଙ୍କ ପାଚନ ପିଇ ଶୋଇଛନ୍ତି । ମାଆଙ୍କ ଅଭିମାନ କେବଳ ରାଗ ନୁହେଁ ଏହା ଭିତରେ ଲୁଚି ରହିଛି ମାପି ହେଉନଥିବା ପ୍ରେମ । ଯେମିତି ଆମ ଘର ମାନଙ୍କରେ ସ୍ୱାମୀ ଦେହ ଖରାପ କରି ଘରେ ପଡ଼ିଲେ ସ୍ତ୍ରୀ ରାଗିବ, ଗାଳି କରିବ, କହିବ ଭଲ ହେଲା, ମୋ କଥା ନମାନି ଯାହା ହେବାର ଥିଲା ତାହା ହିଁ ହେଲା... ହେଲେ ସେଇ ସ୍ତ୍ରୀ ହିଁ ରାତି ଅନିଦ୍ରା ହୋଇ ସେବା କରିବ, ଠାକୁରଙ୍କୁ ଡାକିବ ସ୍ୱାମୀଙ୍କ ଶୀଘ୍ର ଆରୋଗ୍ୟ ପାଇଁ । ମାଆ ଲକ୍ଷ୍ମୀଙ୍କର ଏବେ ଠିକ୍ ସେଇ ଅବସ୍ଥା । ଅଣସର ଘରକୁ ଯିବାକୁ ଅନୁମତି ନାହିଁ ତାଙ୍କୁ । ମହାପ୍ରଭୁଙ୍କ ପାଖରେ ଏବେ କେବଳ ଦୈତାପତି ସେବାୟତମାନେ ହିଁ ଅଛନ୍ତି । ସ୍ୱାମୀଙ୍କୁ ଟିକେ ନିଜ ଆଖିରେ ଦେଖିବାକୁ ତାଙ୍କ ଦେହର ତାପମାତ୍ରା କେମିତି ଅଛି ଜାଣିବାକୁ ମାଆଙ୍କ ମନ ଭାରି ବ୍ୟାକୁଳ । ହେଲେ ରୀତିନୀତିର କଠୋର ନିୟମ ଆଗରେ ସେ ବାନ୍ଧି ହୋଇ ରହିଛନ୍ତି । ଏକୁଟିଆ ନିଜ ମନ୍ଦିରରେ ମନ ମାରି ବସିଛନ୍ତି ମହାଲକ୍ଷ୍ମୀ । ଦାସୀମାନଙ୍କୁ ପଠାଇ ଲୁଚି ଲୁଚି ଖବର ନେଉଛନ୍ତି, "ଆଲୋ ଦେଖିଲୁ, ତାଙ୍କର କମ୍ପ ଛାଡ଼ିଲାଣି କି ନାହିଁ? ଓଷୁଅ ଲାଗି ହେଲାଣି ନା ନାହିଁ? ଫୁଲୁରୀ ତେଲ ମାଲିସ୍ ହେଲାଣି କି ନାହିଁ?

ଜଗନ୍ନାଥ ସଂସ୍କୃତିର ଏ ଲୀଳା ସବୁଠାରୁ ନିଆରା ଏବଂ ସବୁଠାରୁ ଆପଣାର । ଏଠି ଭଗବାନ କେବଳ ପଥରର ମୂର୍ତ୍ତି କିମ୍ବା ଆକାଶରୁ ଖସିଥିବା କୌଣସି ଅଲୌକିକ ବାସ୍ତବତା ନୁହଁନ୍ତି । ସେ ଆମରି ଭିତରୁ ଜଣେ । ଆମେ ଯେମିତି ଖାଉ, ପିଉ, ରୋଗରେ ପଡୁ, ଔଷଧ ଖାଉ, ରାଗୁ, ରୁଷୁ, ଅଭିମାନ କରୁ- ଆମ ଜଗା ଠାକୁର ମଧ୍ୟ ଠିକ୍ ସେମିତି କରନ୍ତି ।

ଏବେ ପୂରା ୧୫ ଦିନ ଧରି ଚାଲିବ ଏହି ଅଭିମାନ ପର୍ବ । ସ୍ୱାମୀଙ୍କୁ ଭେଟି ନପାରି ମାଆ ଯେତିକି କଷ୍ଟ ପାଉଛନ୍ତି, ଅଣସର ଘରେ କାଳିଆର ଅବସ୍ଥା ବି ସେତିକି ଶୋଚନୀୟ । ରାଣୀହଂସପୁରର ଛପନ ଭୋଗ ନାହିଁ, କେବଳ ଫଳମୂଳ, ଦଶମୂଳ ମୋଦକ ଆଉ ପଣାରେ କାଟୁଛି ଦିନ । ତେବେ ମାଆଙ୍କର ଏଇ ରାଗ କେବଳ ଏତିକିରେ ସରିବନି । ଏହି ରାଗର ଜ୍ୱାଳା ଆହୁରି ବଢ଼ିବ ରଥଯାତ୍ରା ବେଳକୁ, ଯେତେବେଳେ ତାଙ୍କୁ ଏକୁଟିଆ ଛାଡ଼ିଦେଇ ଭାଇ ଭଉଣୀଙ୍କ ସହ ମହାପ୍ରଭୁ ଗୁଣ୍ଡିଚା ମନ୍ଦିର ପଳାଇବେ । ସେତେବେଳେ ମାଆଙ୍କ ରୁଦ୍ର ରୂପ ଦେଖିବାକୁ ମିଳିବ ହେରାପଞ୍ଚମୀ ଦିନ, ଯେବେ ସେ ରଥ ଭାଙ୍ଗିବାକୁ ବାହାରିବେ । ହେଲେ ସେ କଥା ପରେ । ଏବେ କେବଳ ଗୋଟିଏ ପ୍ରାର୍ଥନା, ଆମ କାଳିଆ ସାଆନ୍ତ ଶୀଘ୍ର ସୁସ୍ଥ ହୋଇ ନବଯୌବନ ରୂପରେ ନେତ୍ରୋତ୍ସବ ଦିନ ନିଜ ପ୍ରିୟ ଭକ୍ତଙ୍କୁ ଓ ମାଆ ଲକ୍ଷ୍ମୀଙ୍କୁ ଦର୍ଶନ ଦିଅନ୍ତୁ । ଆଉ ମାଆ ଲକ୍ଷ୍ମୀଙ୍କ ମୁହଁରେ ପୁଣି ଥରେ ହସ ଫୁଟି ଉଠୁ । ସତରେ ଲକ୍ଷ୍ମୀ-ନାରାୟଣଙ୍କ ଏହି ଦାମ୍ପତ୍ୟ ଜୀବନର ଲୀଳା... ସମ୍ପର୍କରେ ରାଗ ଓ ଅଭିମାନ ଯେତିକି ସ୍ୱାଭାବିକ, ପ୍ରେମ ଓ ଯତ୍ନ ମଧ୍ୟ ସେତିକି ନିବିଡ଼ ବୋଲି ଶିକ୍ଷା ଦିଏ । ଏହି ଅଣସର ସମୟ ଏକାନ୍ତ ଭାବରେ ପାରିବାରିକ ମୂଲ୍ୟବୋଧକୁ ଦର୍ଶାଏ । ଏହା କେବଳ ଗୋଟେ ପୌରାଣିକ ପ୍ରଥା ନୁହେଁ, ଏହା ହିଁ ହେଉଛି ଆମ ଓଡ଼ିଆ ଘରର ପରମ୍ପରା ଏବଂ ଦାମ୍ପତ୍ୟ ସମ୍ପର୍କର ଏକ ଜୀବନ୍ତ ଉଦାହରଣ ।

# ଓଡ଼ିଶାର ଶାସନ ଯାତ୍ରା : ମହତାବଙ୍କ ଠାରୁ ମାଝୀ...



**ସିତାଂଶୁ ଶେଖର ମିଶ୍ର**
ଶାନ୍ତି ନଗର,ସୋନପୁର
ଦୁରଭାଷ- ୮୧୪୪୮ ୭୦୭୨୯

ଓଡ଼ିଶାର ରାଜନୈତିକ ଇତିହାସ କେବଳ ସରକାର ପରିବର୍ତ୍ତନର ଇତିହାସ ନୁହେଁ; ଏହା ଏକ ରାଜ୍ୟର ସାମାଜିକ ପରିବର୍ତ୍ତନ, ଅର୍ଥନୈତିକ ଅଗ୍ରଗତି, ପ୍ରଶାସନିକ ବିକାଶ ଏବଂ ଗଣତାନ୍ତ୍ରିକ ପରିପକ୍ୱତାର ଏକ ଦୀର୍ଘ ଯାତ୍ରା । ସ୍ୱାଧୀନତା ପରେ ରାଜ୍ୟର ଶାସନଡୋରି ଯେଉଁ ନେତାମାନେ ସମ୍ଭାଳିଛନ୍ତି, ସେମାନେ ନିଜ ନିଜ ସମୟର ଚ୍ୟାଲେଞ୍ଜ ଓ ସମ୍ଭାବନା ଅନୁଯାୟୀ ଓଡ଼ିଶାକୁ ନୂତନ ଦିଗ ଦେବାର ପ୍ରୟାସ କରିଛନ୍ତି । ଆଜିର ଓଡ଼ିଶା ସେହି ସମସ୍ତ ନେତୃତ୍ୱ, ନୀତି ଓ ନିଷ୍ପତ୍ତିର ସମ୍ମିଳିତ ପରିଣାମ ।

ସ୍ୱାଧୀନତା ପୂର୍ବରୁ ଓଡ଼ିଶାରେ "ପ୍ରଧାନମନ୍ତ୍ରୀ" ପଦ ପ୍ରଚଳିତ ଥିଲା । ୧୯୫୦ ମସିହାରେ ଭାରତୀୟ ସମ୍ବିଧାନ ଲାଗୁ ହେବା ପରେ ଏହି ପଦ "ମୁଖ୍ୟମନ୍ତ୍ରୀ"ରେ ପରିଣତ ହେଲା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ଶାସନ ଇତିହାସ ଅନେକ ଉତ୍ଥାନ-ପତନ, ପରୀକ୍ଷା-ନିରୀକ୍ଷା ଓ ନୂତନ ଦିଗନିର୍ଦ୍ଦେଶର ସାକ୍ଷୀ ରହିଛି ।

ଆଧୁନିକ ଓଡ଼ିଶାର ଭିତ୍ତି ନିର୍ମାଣ ଆଧୁନିକ ଓଡ଼ିଶାର ଭିତ୍ତିପ୍ରସ୍ତର ସ୍ଥାପନାରେ ଡ଼ଃ ହରେକୃଷ୍ଣ ମହତାବଙ୍କ ଭୂମିକା ଅତୁଳନୀୟ । ରାଜ୍ୟର ପ୍ରଶାସନିକ ସଂହତି ସ୍ଥାପନାଠାରୁ ଆରମ୍ଭ କରି ଭୁବନେଶ୍ୱରକୁ ଆଧୁନିକ ରାଜଧାନୀ ଭାବେ ଗଢ଼ି ତୋଳିବା, ହୀରାକୁଦ ବନ୍ଧ ଭଳି ଐତିହାସିକ ପ୍ରକଳ୍ପର ସଫଳ ରୂପାୟଣ ଏବଂ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରର ବିକାଶ ପାଇଁ ତାଙ୍କର ଦୂରଦର୍ଶୀ ନେତୃତ୍ୱ ଓଡ଼ିଶାର ଅଗ୍ରଗତିର ଦୃଢ଼ ଭିତ୍ତି ରଚନା କରିଥିଲା । ସେଥିପାଇଁ ତାଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି ଅଭିହିତ କରିବା ସଂପୂର୍ଣ୍ଣ ଯଥାର୍ଥ । ତାଙ୍କ ପରେ ନବକୃଷ୍ଣ ଚୌଧୁରୀ ଜମିଦାରୀ ପ୍ରଥା ଉଚ୍ଛେଦ ଏବଂ ଭୂମି ସଂସ୍କାର ମାଧ୍ୟମରେ ସାମାଜିକ ନ୍ୟାୟର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲେ । କୃଷକଙ୍କ ଅଧିକାର ସୁରକ୍ଷା ପାଇଁ ତାଙ୍କର ପଦକ୍ଷେପ ଓଡ଼ିଶାର ସାମାଜିକ ଇତିହାସରେ ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ।

ଶିଳ୍ପାୟନ ଓ ବିକଳ୍ପ ରାଜନୀତିର ଯୁଗ । ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଶିଳ୍ପାୟନର ଏକ ନୂତନ ସ୍ୱପ୍ନ ଦେଖିଥିଲା । ପାରାଦୀପ ବନ୍ଦର, ଶିଳ୍ପ ନିବେଶ, ସଡ଼କ ଓ ଯୋଗାଯୋଗ ଭିତ୍ତିଭୂମି ବିକାଶରେ ତାଙ୍କ ଦୂରଦର୍ଶୀ ଚିନ୍ତାଧାରା ଆଜି ମଧ୍ୟ ପ୍ରାସଙ୍ଗିକ । ପରବର୍ତ୍ତୀ କାଳରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ସଂରକ୍ଷଣ ଭଳି ପଦକ୍ଷେପ ମଧ୍ୟ ତାଙ୍କ ରାଜନୈତିକ ଦୃଷ୍ଟିଭଙ୍ଗୀର ପ୍ରମାଣ । ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଥମ ଅଣକଂଗ୍ରେସ ସରକାର ଗଠିତ ହୋଇଥିଲା । ଏହା ରାଜ୍ୟରେ ବିକଳ୍ପ ରାଜନୀତିର ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିଥିଲା, ଯାହା ପରବର୍ତ୍ତୀ ଦଶକଗୁଡ଼ିକରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାକୁ ଅଧିକ ସୁଦୃଢ଼ କରିଥିଲା । ଏହି ପର୍ଯ୍ୟାୟରେ ବିଶ୍ୱନାଥ ଦାସ, ବୀରେନ ମିତ୍ର, ସଦାଶିବ ତ୍ରିପାଠୀ ଏବଂ ନୀଳମଣି ରାଉତରାୟଙ୍କ ପରି ନେତାମାନେ ମଧ୍ୟ ବିଭିନ୍ନ ସମୟରେ ରାଜ୍ୟର ନେତୃତ୍ୱ ନେଇଥିଲେ । ପ୍ରଶାସନିକ ସ୍ଥିରତା ବଜାୟ ରଖିବା, କୃଷି ଓ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ନୂତନ ରାଜନୈତିକ ପରିସ୍ଥିତି ସହ ରାଜ୍ୟକୁ ଖାପ ଖୁଆଇବାରେ ସେମାନଙ୍କ ଅବଦାନ ଉଲ୍ଲେଖନୀୟ ଥିଲା । ମହିଳା ନେତୃତ୍ୱ ଓ ପ୍ରଶାସନିକ ସ୍ଥିରତା ନନ୍ଦିନୀ ଶତପଥୀ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଇତିହାସ ରଚନା କରିଥିଲେ । ଶିକ୍ଷା ଓ ପ୍ରଶାସନିକ ସଂସ୍କାର କ୍ଷେତ୍ରରେ ତାଙ୍କ ଅବଦାନ ଉଲ୍ଲେଖନୀୟ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦୀର୍ଘ ଶାସନକାଳରେ ରାଜ୍ୟରେ ଶିଳ୍ପ, ଶିକ୍ଷା, ସିଚାଇ ଓ ଯୋଗାଯୋଗ କ୍ଷେତ୍ରରେ ଅନେକ ପ୍ରକଳ୍ପ ଆଗେଇଥିଲା । ଯଦିଓ ଏହି ଅବଧିରେ ରାଜ୍ୟ ବିକାଶର ଦୃଢ଼ ଭିତ୍ତି ସ୍ଥାପିତ ହୋଇଥିଲା, ତେବେ ପ୍ରଶାସନିକ ତ୍ରୁଟି, ଦୁର୍ନୀତି ଏବଂ ଶାସନର କିଛି ଦୁର୍ବଳତାକୁ ନେଇ ସମାଲୋଚନା ମଧ୍ୟ ଉଠିଥିଲା । ଏହା ପ୍ରମାଣ କରେ ଯେ ବିକାଶ ସହିତ ଉତ୍ତରଦାୟିତ୍ୱ ଓ ସୁଶାସନର ଚ୍ୟାଲେଞ୍ଜ ମଧ୍ୟ ସେହି ସମୟରେ ବିଦ୍ୟମାନ ଥିଲା ।





ଏହି ସମୟ ଏବଂ ପରବର୍ତ୍ତୀ ରାଜନୈତିକ ପରିବର୍ତ୍ତନର ପର୍ଯ୍ୟାୟରେ ହେମାନନ୍ଦ ବିଶ୍ୱାଳ ଏବଂ ଗିରିଧର ଗମାଙ୍ଗ ମଧ୍ୟ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ବିଶେଷକରି ହେମାନନ୍ଦ ବିଶ୍ୱାଳ ଓଡ଼ିଶାର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ଇତିହାସରେ ସ୍ଥାନ ପାଇଛନ୍ତି । ଯଦିଓ ସେମାନଙ୍କ ଶାସନକାଳ ସ୍ୱଳ୍ପ ଥିଲା, ତଥାପି ଗଣତାନ୍ତ୍ରିକ ପରମ୍ପରାର ନିରନ୍ତରତା ବଜାୟ ରଖିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

ନବୀନ ଯୁଗ :- ସ୍ଥିରତା, କଲ୍ୟାଣ ଓ ବ୍ରାଣ୍ଡ ଓଡ଼ିଶା ୨୦୦୦ ମସିହାରୁ ୨୦୨୪ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଦୀର୍ଘତମ ସ୍ଥିର ଶାସନ ଦେଖିଛି । ଦୁର୍ଯ୍ୟୋଗ ପରିଚାଳନାରେ ଆନ୍ତର୍ଜାତିକ ସ୍ୱୀକୃତି, ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତିକରଣ, କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କ୍ରୀଡ଼ା ଭିତ୍ତିଭୂମି ବିକାଶ ଏବଂ ନିବେଶ ଆକର୍ଷଣ କ୍ଷେତ୍ରରେ ତାଙ୍କ ଶାସନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତେବେ ଏହି ସମୟରେ ପ୍ରଶାସନର ଅତ୍ୟଧିକ କେନ୍ଦ୍ରୀକରଣ, ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା ହ୍ରାସ ଏବଂ ଅମଲାତନ୍ତ୍ର ଉପରେ ଅଧିକ ନିର୍ଭରଶୀଳତା ନେଇ ବିରୋଧୀ ମତ ମଧ୍ୟ ପ୍ରକାଶ ପାଇଥିଲା । ନୂତନ ଅଧ୍ୟାୟର ଆରମ୍ଭ:-

୨୦୨୪ ମସିହାରେ ଓଡ଼ିଶାର ରାଜନୀତିରେ ଏକ ଐତିହାସିକ ପରିବର୍ତ୍ତନ ଆସିଲା । ଦୀର୍ଘ ୨୪ ବର୍ଷର ବିଜେଡି ଶାସନର ଅବସାନ ଘଟାଇ ଭାଜପା ସରକାର ଗଠନ କଲା । ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂତନ ସରକାର ଶିଳ୍ପାୟନ, ନିଯୁକ୍ତି ସୃଷ୍ଟି, ଆଦିବାସୀ କଲ୍ୟାଣ, ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ସୁଶାସନକୁ ବିକାଶର ପ୍ରମୁଖ ଆଧାର ଭାବେ ଗ୍ରହଣ କରିଛି । ତେବେ ଏହି ଶାସନର ଚୂଡ଼ାନ୍ତ ମୂଲ୍ୟାଙ୍କନ ପାଇଁ ସମୟ ହିଁ ପ୍ରକୃତ ମାପକାଠି ହେବ ।

ଅତଏବ ସାତ ଦଶକରୁ ଅଧିକ ସମୟ ଧରି ଓଡ଼ିଶାର ଶାସନ ଇତିହାସକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୁଏ ଯେ ପ୍ରତ୍ୟେକ ନେତା ନିଜ ସମୟର ଆବଶ୍ୟକତା ଓ ପରିସ୍ଥିତି ଅନୁଯାୟୀ ରାଜ୍ୟର ବିକାଶରେ ଅବଦାନ ରଖିଛନ୍ତି । କେହି ଆଧୁନିକ ଓଡ଼ିଶାର ଭିତ୍ତି ସ୍ଥାପନ କରିଛନ୍ତି, କେହି ସାମାଜିକ ନ୍ୟାୟର ବୀଜ ବୁଣିଛନ୍ତି, କେହି ଶିଳ୍ପାୟନର ସ୍ୱପ୍ନ ଦେଖାଇଛନ୍ତି ଏବଂ କେହି କଲ୍ୟାଣମୂଳକ ଶାସନର ନୂତନ ମଡେଲ ଗଢ଼ିଛନ୍ତି । ଇତିହାସ କେବଳ ଦୀର୍ଘ ସମୟ ଶାସନ କରିଥିବା ନେତାମାନଙ୍କୁ ନୁହେଁ, ବରଂ ପରିବର୍ତ୍ତନର ସଙ୍କଟକାଳରେ ଦାୟିତ୍ୱ ନେଇ ରାଜ୍ୟକୁ ଆଗକୁ ନେଇଥିବା ସ୍ୱଳ୍ପକାଳୀନ ନେତୃତ୍ୱକୁ ମଧ୍ୟ ସମାନ ଗୁରୁତ୍ୱର ସହ ସ୍ମରଣ କରେ । ଇତିହାସର ସବୁଠାରୁ ବଡ଼ ଶିକ୍ଷା ହେଉଛି— ଶାସକ ବଦଳନ୍ତି, ସରକାର ବଦଳେ, ନୀତି ଓ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆସେ; କିନ୍ତୁ ଜନସାଧାରଣଙ୍କ ଆଶା-ଆକାଂକ୍ଷା, ସର୍ବାଙ୍ଗୀନ ବିକାଶର ଆବଶ୍ୟକତା ଏବଂ ସ୍ୱଚ୍ଛ, ଦକ୍ଷ ଓ ଜନମୁଖୀ ସୁଶାସନ ପ୍ରତି ଚାହିଦା କାଳର ସ୍ରୋତରେ କେବେ ମଧ୍ୟ ପରିବର୍ତ୍ତିତ ହୁଏ ନାହିଁ ।

ତେଣୁ ଯେକୌଣସି ସରକାରର ପ୍ରକୃତ ସଫଳତା ତାହାର ରାଜନୈତିକ ଆୟୁରେ ନୁହେଁ, ବରଂ ସାଧାରଣ ଲୋକଙ୍କ ଜୀବନମାନରେ ଆଣିଥିବା ସକରାତ୍ମକ ପରିବର୍ତ୍ତନରେ ନିର୍ଣ୍ଣୟ ହୁଏ । ଓଡ଼ିଶା ଆଜି ଏକ ନୂତନ ଅଧ୍ୟାୟର ଦ୍ୱାରପ୍ରାନ୍ତରେ ଦଣ୍ଡାୟମାନ; ଏହି ଅଧ୍ୟାୟ କେତେ ସଫଳ ହେବ, ତାହା ନିର୍ଭର କରିବ ଶାସନର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଜନକଲ୍ୟାଣ ପ୍ରତି ପ୍ରକୃତ ପ୍ରତିବଦ୍ଧତା ଉପରେ ।






ଜନବାର୍ତ୍ତା

ସାଭିମାନୀ ଓଡ଼ିଆଙ୍କ ସର

(JANABARTTA SWABHIMANI ODIANKA SWARA)


# ସାଧାରଣ କର୍ମୀ ନା ଅଘୋଷିତ ବସ୍



ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ଭି.କେ. ପାଣ୍ଡିଆନଙ୍କ ପତ୍ନୀ ସୁଜାତା ରାଉତ (କାର୍ତ୍ତିକେୟନ) ନିକଟରେ (ଜୁନ୍ ୨୫, ୨୦୨୬) ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳ ରେ ଯୋଗ ଦେଇଛନ୍ତି । ଓଡ଼ିଶା ରାଜନୀତିର ଏହି ପ୍ରବେଶକୁ ନେଇ ଶାସକ, ବିରୋଧୀ ଏବଂ ଦଳୀୟ କର୍ମୀଙ୍କ ମଧ୍ୟରେ ତୀବ୍ର ଓ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଶଙ୍ଖ ଭବନରେ ସୁଜାତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି । ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ ପାଇଁ ସେ କରିଥିବା କାର୍ଯ୍ୟ ଦଳକୁ ସଂଗଠିତ କରିବାରେ ବେଶ୍ ସହାୟକ ହେବ ବୋଲି ନବୀନ ଆଶା ରଖିଛନ୍ତି । ନବୀନ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି ଯେ ସୁଜାତା ଜଣେ 'ସାଧାରଣ ସଦସ୍ୟ' ଭାବେ କାମ କରିବେ । ଏହା ସହ ନବୀନ ନିଜେ ଆଗାମୀ ନିର୍ବାଚନରେ ଦଳର ନେତୃତ୍ୱ ନେବେ ବୋଲି କହି ଉତ୍ତରାଧିକାରୀ ଚର୍ଚ୍ଚାରେ ବିରାମ ଲଗାଇବାକୁ ଚେଷ୍ଟା କରିଛନ୍ତି । ମନ୍ମଥ ରାଉତରାୟଙ୍କ ଭଳି ଯୁବ ନେତାମାନେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ୨୦୨୪ ବିପର୍ଯ୍ୟୟ ପରେ ଦଳକୁ ସୁଜାତାଙ୍କ ଭଳି ଅଭିଜ୍ଞ ଓ ଦକ୍ଷ ବ୍ୟକ୍ତିତ୍ୱଙ୍କ ଆବଶ୍ୟକତା ଥିଲା, ଯିଏ ସଙ୍ଗଠନକୁ ମଜବୁତ କରିପାରିବେ । ବିରୋଧୀ ଦଳ (ବିଶେଷ କରି ବିଜେପି) କହିଛି ଯେ, ପ୍ରଶାସନରେ ଥିବା ବେଳେ ସୁଜାତା କାର୍ତ୍ତିକେୟନ ବିଜେଡି ପାଇଁ କାମ କରୁଥିଲେ ବୋଲି ଯେଉଁ ଅଭିଯୋଗ ହେଉଥିଲା, ଏହି ଯୋଗଦାନ ତାହାକୁ ସତ୍ୟ ପ୍ରମାଣିତ କରିଛି । ବିରୋଧୀ ନେତାମାନେ ଆକ୍ଷେପ କରିଛନ୍ତି ଯେ ପାଣ୍ଡିଆନ ସକ୍ରିୟ ରାଜନୀତିରୁ ଦୂରେଇ ଯିବା ପରେ ଏବେ ପଛ ଦୁଆର ଦେଇ ପୁଣିଥରେ ସେହି ପୁରୁଣା ଗୋଷ୍ଠୀ ବିଜେଡିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି । ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ମଧ୍ୟ ଏହାକୁ ନେଇ ନିଜର ବିସ୍ଫୋରକ ପ୍ରତିକ୍ରିୟା ରଖିଛନ୍ତି । ମହିଳା କର୍ମୀ ଏବଂ ମିଶନ ଶକ୍ତି ସହ ଜଡ଼ିତ ସଦସ୍ୟାମାନଙ୍କ ମଧ୍ୟରେ ସୁଜାତାଙ୍କ ଯୋଗଦାନକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି, କାରଣ ସେମାନେ ସୁଜାତାଙ୍କୁ ପୂର୍ବରୁ ପ୍ରଶାସନିକ ସ୍ତରରେ ନିକଟରୁ ଦେଖିଛନ୍ତି । ରିପୋର୍ଟ ଅନୁଯାୟୀ, ଦଳର କିଛି ପୁରୁଣା ଓ ବରିଷ୍ଠ ନେତା-କର୍ମୀ ସୁଜାତାଙ୍କ ଏହି ଏଣ୍ଟ୍ରିକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ପାଣ୍ଡିଆନଙ୍କ ପ୍ରଭାବ ଯୋଗୁଁ ୨୦୨୪ ରେ ଦଳ ହାରିଥିବା ଅନୁଭବ କରୁଥିବା ଗୋଷ୍ଠୀ ଏହି ନିଷ୍ପତ୍ତିକୁ ନେଇ ଭିତରେ ଭିତରେ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି । ସୁଜାତା ନିଜେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, "ରାଜନୀତିର ଭବିଷ୍ୟତ 'ମୁଁ' ଉପରେ ନୁହେଁ, ବରଂ 'ଆମେ' (ୱି ନଟ୍ ଆଇ) ଉପରେ ଆଧାରିତ" ଏବଂ ସେ ସମସ୍ତଙ୍କ ସହ ମିଶି ଦଳ ପାଇଁ କାମ କରିବେ । ପୂର୍ବତନ ଆଇଏଏସ୍ ଅଧିକାରୀ ସୁଜାତା ରାଉତ (କାର୍ତ୍ତିକେୟନ)ଙ୍କ ବିଜେଡିରେ ଯୋଗଦାନକୁ ନେଇ ଓଡ଼ିଶାର ସାଧାରଣ ଲୋକ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ତୀବ୍ର ଏବଂ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ଜନସାଧାରଣ ଏହି ପ୍ରସଙ୍ଗକୁ ମୁଖ୍ୟତଃ ତିନୋଟି ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଦେଖୁଛନ୍ତି ।

> ବିଜେଡ଼ି ହାତରୁ ଆସନ ଓ ଶାସନ ଯିବା ପରେ ନବୀନ ପଟ୍ଟନାୟକ କାହାକୁ ଦାୟିତ୍ୱ ଦେବେ ଏହାକୁ ନେଇ ଦୀର୍ଘ ଦୁଇ ବର୍ଷ ଧରି ଅଙ୍କକଷା ଚାଲିଥିଲା । ଭି.କେ ପାଣ୍ଡିଆନଙ୍କ ରାଜନୀତିରୁ ସନ୍ୟାସ ଘୋଷଣା କରିବା ପରେ ପାଣ୍ଡିଆନ ଦମ୍ପତ୍ତିକୁ ନେଇ ଦଳ ଭିତରେ ଓ ବାହାରେ ଅନେକ ଚର୍ଚ୍ଚା ହୋଇଥିଲା । ପାଣ୍ଡିଆନଙ୍କ ସନ୍ୟାସକୁ କେହି ବିଶ୍ୱାସ କରୁ ନ ଥିଲେ, ସମୟ ସୁଯୋଗ ଦେଖି ବିଜେପିର ଅସ୍ମିତା ଅସ୍ତ୍ରକୁ ଅକାମୀ କରିବାକୁ ସୁଜାତାଙ୍କ ବିଜେଡ଼ିରେ ଆବିର୍ଭାବ ବୋଲି ରାଜନୈତିକ ମହଲ ବିବେଚନା କରୁଛି ।

## ଛାୟା କ୍ଷମତାର ପୁନରାବୃତ୍ତି

ସାଧାରଣ ମହିଳା, ବିଶେଷ କରି 'ମିଶନ ଶକ୍ତି' ସହ ଜଡ଼ିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏହାକୁ ସ୍ୱାଗତ କରିଛନ୍ତି । ସୁଜାତା ପ୍ରଶାସନରେ ଥିବା ବେଳେ ଓଡ଼ିଶାର ମହିଳାମାନଙ୍କ ପାଇଁ ବଡ଼ କାମ କରିଥିଲେ, ତେଣୁ ସେ ଆସିବା ଦ୍ୱାରା ମହିଳା ସଶକ୍ତିକରଣ ଆହୁରି ମଜଭୁତ ହେବ ବୋଲି ସେମାନେ ଆଶା ରଖିଛନ୍ତି । ତାଙ୍କ ସ୍ୱାମୀ ଭି.କେ. ପାଣ୍ଡିଆନଙ୍କୁ ନେଇ ଯେଉଁ 'ବାହାର ଲୋକ' ବିବାଦ ଥିଲା, ସୁଜାତାଙ୍କ କ୍ଷେତ୍ରରେ ତାହା ନାହିଁ । ସେ କେନ୍ଦ୍ରାପଡ଼ାର ଝିଅ (ଓଡ଼ିଆ) ହୋଇଥିବାରୁ ସାଧାରଣ ଲୋକଙ୍କର ଏକ ବଡ଼ ଗୋଷ୍ଠୀ ତାଙ୍କ ପ୍ରତି ନରମ ମନୋଭାବ ରଖିଛନ୍ତି । ଅନେକ ଲୋକ ମତ ଦେଇଛନ୍ତି ଯେ ୨୦୨୪ ନିର୍ବାଚନରେ ପାଣ୍ଡିଆନଙ୍କ ଯୋଗୁଁ ହିଁ ବିଜେଡି ହାରିଥିଲା । ଏବେ ପାଣ୍ଡିଆନ ସକ୍ରିୟ ରାଜନୀତିରୁ ଦୂରେଇ ଯିବା ପରେ ତାଙ୍କ ପତ୍ନୀଙ୍କୁ ଦଳକୁ ଆଣିବା, ପଛ ଦୁଆର ଦେଇ ପୁଣି ସେହି ପୁରୁଣା ଗୋଷ୍ଠୀର ପ୍ରଭାବ ବିଜେଡି ଉପରେ ରହିବାର ସଙ୍କେତ ବୋଲି ସାଧାରଣ ଲୋକେ ଆଲୋଚନା କରୁଛନ୍ତି । କିଛି ସଚେତନ ନାଗରିକଙ୍କ ମତରେ, ଜଣେ ଅଧିକାରୀ ଚାକିରି ଛାଡ଼ିବା ପରେ ସଙ୍ଗେ ସଙ୍ଗେ ରାଜନୀତିକୁ ଆସିବା ଏକ ଭଲ ପରମ୍ପରା ନୁହେଁ । ଏହା ପ୍ରଶାସନର ନିରପେକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରେ । କିଛି ଲୋକ କମେଣ୍ଟ କରିଛନ୍ତି ଯେ, ଯଦି ସୁଜାତାଙ୍କୁ ରାଜନୀତିକୁ ଆସିବାର ଥିଲା, ତେବେ ସେ ୨୦୨୪ ନିର୍ବାଚନ ପୂର୍ବରୁ ଆସିବାର ଥିଲା, ଏବେ ଦଳ କ୍ଷମତାରୁ ଗଲା ପରେ ଆସିବା ଦ୍ୱାରା ବିଶେଷ କିଛି ଫାଇଦା ହେବ ନାହିଁ । ନବୀନ ପଟ୍ଟନାୟକ ଯଦିଓ ତାଙ୍କୁ "ସାଧାରଣ କର୍ମୀ" ବୋଲି କହିଛନ୍ତି, କିନ୍ତୁ ସାଧାରଣ ଲୋକ ଏହାକୁ ସହଜରେ ବିଶ୍ୱାସ କରୁନାହାନ୍ତି । ଭବିଷ୍ୟତରେ ସୁଜାତା ରାଉତ ବିଜେଡିର ମୁଖ୍ୟ ଚେହେରା ବା ନବୀନଙ୍କ ଉତ୍ତରାଧିକାରୀ ହେବେ କି ନାହିଁ, ତାହା ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ବେଶ୍ କୌତୁହଳ ରହିଛି ।

ସଂକ୍ଷେପରେ କହିବାକୁ ଗଲେ, ସାଧାରଣ ଲୋକେ ସୁଜାତାଙ୍କୁ ଜଣେ ଦକ୍ଷ ପ୍ରଶାସକ ଭାବେ ସମ୍ମାନ ଦେଉଥିଲେ ମଧ୍ୟ, ରାଜନେତ୍ରୀ ଭାବେ ସେ କେତେ ସଫଳ ହେବେ ଏବଂ ଦଳକୁ କେମିତି ଆଗକୁ ନେବେ, ତାହା ଉପରେ ସମସ୍ତଙ୍କର "ୱେଟ୍ ଆଣ୍ଡ ୱାଚ୍" ଆଭିମୁଖ୍ୟ ରହିଛି । ସୁଜାତା ରାଉତଙ୍କ ବିଜେଡିରେ ଯୋଗଦାନ ପରେ ବିଜେଡିର ଆଭ୍ୟନ୍ତରୀଣ ଅସନ୍ତୋଷ ଏବଂ ଏହାକୁ ନେଇ ବିଜେପିର ପରବର୍ତ୍ତୀ ରଣନୀତି କଣ ରହିବ, ତାହା ଉପରେ ଏବେ ସମସ୍ତଙ୍କ ନଜର । ସୁଜାତାଙ୍କ ଏଣ୍ଟ୍ରି ବିଜେଡିର ପୁରୁଣା ଓ ବରିଷ୍ଠ ଗୋଷ୍ଠୀ ମଧ୍ୟରେ ଏକ ଅଘୋଷିତ ଅସନ୍ତୋଷ ସୃଷ୍ଟି କରିଛି, ଯାହାର ମୁଖ୍ୟ କାରଣ ହେଲା-୨୦୨୪ ନିର୍ବାଚନରେ ଭି.କେ. ପାଣ୍ଡିଆନଙ୍କ ଅତ୍ୟଧିକ ପ୍ରଭାବ ଯୋଗୁଁ ଦଳ କ୍ଷମତାରୁ ଚ୍ୟୁତ ହୋଇଥିଲା ବୋଲି ଅମର ପ୍ରସାଦ ଶତପଥୀ, ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତାମାନେ ଖୋଲାଖୋଲି କହିଥିଲେ । ଏବେ ପାଣ୍ଡିଆନଙ୍କ ପତ୍ନୀଙ୍କୁ ଦଳକୁ ଆଣିବା ଦ୍ୱାରା ପୁଣି ସେହି "ବ୍ୟୁରୋକ୍ରାସି ଗ୍ୟାଙ୍ଗ୍" ଦଳକୁ ନିୟନ୍ତ୍ରଣ କରିବ ବୋଲି ବରିଷ୍ଠ ନେତାମାନେ ଆଶଙ୍କା କରୁଛନ୍ତି । ବରିଷ୍ଠ ନେତାଙ୍କ ମତରେ, ଯେଉଁମାନେ ବର୍ଷ ବର୍ଷ ଧରି ଦଳ ପାଇଁ ରକ୍ତ ସ୍ୱେଦ ବୁହାଇଛନ୍ତି, ସେମାନଙ୍କୁ କୋଣଠେସା କରି ଜଣେ ପୂର୍ବତନ ଅଧିକାରୀଙ୍କୁ ହଠାତ୍ ଗୁରୁତ୍ୱ ଦେବା ଦଳୀୟ ଶୃଙ୍ଖଳା ବିଗାଡ଼ିବ ।



ନବୀନ ପଟ୍ଟନାୟକ ସୁଜାତାଙ୍କୁ "ସାଧାରଣ ସଦସ୍ୟ" କହିଥିଲେ ମଧ୍ୟ, ସେ ଭବିଷ୍ୟତରେ ଦଳର ମୁଖ୍ୟ ଚେହେରା ହେବା ନେଇ ଚର୍ଚ୍ଚା ହେଉଛି । ଏହା ଦଳ ମଧ୍ୟରେ ଥିବା ଅନ୍ୟ ଆଶାୟୀ ଉତ୍ତରାଧିକାରୀ ନେତାମାନଙ୍କୁ ଅସନ୍ତୁଷ୍ଟ କରିଛି । ଶାସକ ବିଜେପି ଏହି ପ୍ରସଙ୍ଗକୁ ବିଜେଡି ବିରୋଧରେ ଏକ ବଡ଼ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି । ବିଜେପି ଲୋକଙ୍କ ଆଗରେ ଏହା ପ୍ରମାଣ କରିବାକୁ ଚେଷ୍ଟା କରୁଛି ଯେ, ବିଜେଡି ଏବେ ମଧ୍ୟ ନିଜର ପୁରୁଣା ଅଫିସର-ରାଜ୍ ମାନସିକତାରୁ ବାହାରି ପାରିନାହିଁ । ଏହା ଓଡ଼ିଶାର ଜନସାଧାରଣଙ୍କ ପ୍ରତି ଅପମାନ ବୋଲି ବିଜେପି ପ୍ରଚାର କରୁଛି । ସୁଜାତା ମିଶନ ଶକ୍ତିର ସଚିବ ଥିବା ବେଳେ ସରକାରୀ ସମ୍ପଦ ଓ ଗାଡ଼ିକୁ ବିଜେଡି ପାଇଁ ବ୍ୟବହାର କରୁଥିଲେ ବୋଲି ଯେଉଁ ଅଭିଯୋଗ ଥିଲା, ବିଜେପି ଏବେ ତାହାର ଆଇନଗତ ତଦନ୍ତ ବା ଫାଇଲ୍ ଖୋଲିବାକୁ ରଣନୀତି କରୁଛି ।

ବିଜେଡିର ମୁଖ୍ୟ ଶକ୍ତି ହେଉଛି ମହିଳା ଭୋଟ୍ । ସୁଜାତାଙ୍କ ମାଧ୍ୟମରେ ବିଜେଡି ଏହାକୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିବା ବେଳେ, ବିଜେପି ନିଜର 'ସୁଭଦ୍ରା ଯୋଜନା' ଓ ଅନ୍ୟ ମହିଳା କଲ୍ୟାଣକାରୀ ଯୋଜନା ଜରିଆରେ ସେହି ଭୋଟ୍ ବ୍ୟାଙ୍କକୁ ନିଜ ଆଡ଼କୁ ଆଣିବାକୁ ଚେଷ୍ଟା କରୁଛି । ମୋଟାମୋଟି ଭାବେ, ସୁଜାତା ରାଉତଙ୍କ ଯୋଗଦାନ ବିଜେଡି ପାଇଁ ସଙ୍ଗଠନ ମଜବୁତ କରିବାର ସୁଯୋଗ ଆଣିଥିବା ବେଳେ, ବିଜେପି ଏହାକୁ ଆଗାମୀ ଦିନରେ ବିଜେଡିକୁ ସମ୍ପୂର୍ଣ୍ଣ ରୂପେ ଦୁର୍ବଳ କରିବା ପାଇଁ ଏକ ମାଧ୍ୟମ ଭାବେ ବ୍ୟବହାର କରୁଛି ।

# ଶ୍ରୀମୟୀ କାହାପାଇଁ ?

## ('ପଶାପାଲି'- ଖେଳ ରାଜନୀତିର)

ଓଡ଼ିଶା ରାଜନୀତିର ଚର୍ଚ୍ଚିତ ଚେହେରା ତଥା ଅଭିନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ଅଭିନୀତ ଆଗାମୀ ଓଡ଼ିଆ ଚଳଚ୍ଚିତ୍ର ହେଉଛି 'ପଶାପାଲି' (ଖେଳ ରାଜନୀତିର) । ନିକଟରେ (ଜୁନ୍ ୨୦୨୬) ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ କଟକ ସାଲେପୁରର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏହି ସିନେମାର ଶୁଭ ମହୁରତ ସମ୍ପନ୍ନ ହୋଇଛି ।

ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ରାଜନୀତି ଏବଂ ସମସାମୟିକ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ । ରାଜନୀତିର ପଶାପାଲିରେ ଚାଲୁଥିବା ଚାଲ୍, କ୍ଷମତା ପାଇଁ ଲଢ଼େଇ ଏବଂ ରାଜନୈତିକ ଦଳର (ବିଶେଷ କରି ବିଜେଡିର) ଅକୁହା କାହାଣୀ ଓ ଗୁମର ଏହି ଷ୍ଟୋରୀ ମାଧ୍ୟମରେ ବଡ଼ ପରଦାକୁ ଆସିବ ବୋଲି ଚର୍ଚ୍ଚା ଜୋର ଧରିଛି । ବିଜେଡିରୁ ନିଲମ୍ବିତ ହେବା ପରେ ଶ୍ରୀମୟୀ ମିଶ୍ର ପୁଣିଥରେ ରୂପେଲି ପରଦାକୁ ଫେରୁଛନ୍ତି ଏବଂ ଏଥିରେ ସେ ମୁଖ୍ୟ ନାୟିକା ଭାବେ ଏକ ଦମଦାର ରାଜନୈତିକ ଚରିତ୍ରରେ ନଜର ଆସିବେ । ବିକଳାନନ୍ଦ କରଙ୍କ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ପ୍ରଯୋଜକ ଅଛନ୍ତି ପ୍ରଶାନ୍ତ କୁମାର କର । ନିର୍ଦ୍ଦେଶନା ଦେବେ ଓଲିଉଡର ଜଣାଶୁଣା ନିର୍ଦ୍ଦେଶକ ସଞ୍ଜୟ ନାୟକ । ମଳୟ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଉଥିବା ବେଳେ ଦିଲ୍ଲୀପ କୁମାର ଦାଶ ମୁଖ୍ୟ ଉପଦେଷ୍ଟା ରହିଛନ୍ତି ।

'ପଶାପାଲି' ସିନେମାର ଟାଇଟଲ୍ ଏବଂ ଏହାର କାହାଣୀକୁ ନେଇ ଏବେ ସାରା ଓଡ଼ିଶାରେ ରାଜନୈତିକ ଓ ସିନେମା ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି । ଏହି ଚଳଚ୍ଚିତ୍ରରେ ଓଲିଉଡ ଜଗତର ଅନେକ ପ୍ରତିଭାବାନ ଏବଂ ଜଣାଶୁଣା କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି । ମୁଖ୍ୟ କଳାକାରମାନଙ୍କ ମଧ୍ୟରେ ଦମଦାର ରାଜନୈତିକ ଚରିତ୍ରରେ ମୁଖ୍ୟ ନାୟିକା ଶ୍ରୀମୟୀ ମିଶ୍ର ଥିବା ବେଳେ ପୃଥ୍ୱୀରାଜ ନାୟକ ପ୍ରମୁଖ ଭୂମିକାରେ, ଶୁଭ୍ରାଂଶୁ ନାୟକ ସହ-କଳାକାର, ଦୁଷ୍ମନ୍ତ ସହ-କଳାକାର, ଇତିଶ୍ରୀ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ, ରାଜଶ୍ରୀ ସହ-କଳାକାର ଭାବେ ଅଭିନୟ କରିବେ । ଚଳଚ୍ଚିତ୍ରର ଗୀତଗୁଡ଼ିକରେ ବଲିଉଡ ଏବଂ ଓଲିଉଡର ଖ୍ୟାତନାମା ଗାୟକ ଋତୁରାଜ ମହାନ୍ତି, କୃଷ୍ଣା ବେଉରା ଏବଂ ଇରା ମହାନ୍ତି କଣ୍ଠଦାନ କରିଛନ୍ତି । ଚଳଚ୍ଚିତ୍ରର ସୁଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ କାମ ଏବେ ଆରମ୍ଭ ହେବାକୁ ଯାଉଥିବାରୁ, ପ୍ରଯୋଜନା ସଂସ୍ଥା ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ଅଫିସିଆଲ୍ ରିଲିଜ୍ ତାରିଖ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ । ସୁଟିଂ କାର୍ଯ୍ୟ ଶେଷ ହେବା ପରେ, ୨୦୨୬ ମସିହା ଶେଷ ଆଡ଼କୁ କିମ୍ବା ୨୦୨୭ ଆରମ୍ଭରେ ଏହା ପ୍ରେକ୍ଷାଳୟକୁ ଆସିପାରେ ବୋଲି ଅନୁମାନ କରାଯାଉଛି । ଏହି ସିନେମାର କାହାଣୀ ପ୍ରଯୋଜକ ପ୍ରଶାନ୍ତ କରଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକର ବିଷୟବସ୍ତୁ ଉପରେ ଆଧାରିତ, ଯାହା ରାଜନୀତି ସହ ବେକାରୀ ସମସ୍ୟାର ସମାଧାନକୁ ମଧ୍ୟ ପରଦାରେ ଦେଖାଇବ । ଓଡ଼ିଶା ରାଜନୀତିରେ ଶ୍ରୀମୟୀ ମିଶ୍ରଙ୍କୁ ବିଜେଡିରୁ ନିଲମ୍ବନ କରାଯିବା ଏବଂ ତାଙ୍କର ଏହି ନୂଆ ଚଳଚ୍ଚିତ୍ର 'ପଶାପାଲି' (ଖେଳ ରାଜନୀତିର) ର ଘୋଷଣା ପରେ ରାଜ୍ୟର ଶାସକ ଏବଂ ବିରୋଧୀ ଦଳଙ୍କ ମଧ୍ୟରେ ତୀବ୍ର ରାଜନୈତିକ ଚର୍ଚ୍ଚା ଓ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହାକୁ ନେଇ ଓଡ଼ିଶାର ବିଭିନ୍ନ ରାଜନୈତିକ ଶିବିରରେ ଅନେକ କ୍ରିୟା ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଶ୍ରୀମୟୀ ମିଶ୍ର ପୂର୍ବରୁ ବିଜେଡିର ଜଣେ ଆଗଧାଡ଼ିର ନେତ୍ରୀ ଥିଲେ । ଦଳ ବିରୋଧୀ ଆଚରଣ ଓ ସୋସିଆଲ ମିଡିଆରେ ଦଳର ନେତୃତ୍ୱଙ୍କ ବିରୋଧରେ (ବିଶେଷ କରି ଭି.କେ. ପାଣ୍ଡିଆନଙ୍କୁ "ଭଣ୍ଡ ସାଧୁ" କହିବା ପ୍ରସଙ୍ଗରେ) ବିବାଦୀୟ ପୋଷ୍ଟ କରିବା ପରେ ତାଙ୍କୁ ନିଲମ୍ବିତ କରାଯାଇଥିଲା । ବିଜେଡିର ଅନେକ ନେତା ଶ୍ରୀମୟୀଙ୍କ ଏହି ପଦକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ, କ୍ଷମତାରେ ଥିବା ବେଳେ ସବୁ ଲାଭ ଉଠାଇବା ଏବଂ ଦଳରୁ ବାହାରିବା ପରେ ଫିଲ୍ମ ମାଧ୍ୟମରେ ଦଳର ଭିତିରି ଗୁମର ଖୋଲିବାକୁ ଚେଷ୍ଟା କରିବା ଶ୍ରୀମୟୀଙ୍କ ସ୍ୱାର୍ଥପର ରାଜନୀତିକୁ ଦର୍ଶାଉଛି । ବିରୋଧୀ ଦଳ ବିଶେଷ କରି ବିଜେପି ଏବଂ ଅନ୍ୟାନ୍ୟ ଦଳ ଏହାକୁ ବିଜେଡି ବିରୋଧରେ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି । ବିରୋଧୀଙ୍କ କହିବା କଥା ହେଲା, ଶ୍ରୀମୟୀ ଦୀର୍ଘ ଦିନ ଧରି ଦଳର ଭିତରେ ଥିଲେ, ତେଣୁ ସେ 'ଶଙ୍ଖ ଭବନ' (ବିଜେଡି କାର୍ଯ୍ୟାଳୟ) ର ଅନେକ ଅକୁହା ଓ ଅନ୍ଧାରୀ କାହାଣୀ ଜାଣିଛନ୍ତି । ଯଦି ଏହି ସିନେମା ମାଧ୍ୟମରେ ସେହି ସତ୍ୟ ସାମ୍ନାକୁ ଆସେ, ତେବେ ତାହା ବିଜେଡିର ଅସଲ ଚେହେରାକୁ ଲୋକଙ୍କ ଆଗରେ ପଦାରେ ପକାଇବ । ସଂକ୍ଷେପରେ କହିବାକୁ ଗଲେ, 'ପଶାପାଲି' କେବଳ ଏକ ଚଳଚ୍ଚିତ୍ର ହୋଇ ରହିନାହିଁ, ବରଂ ଓଡ଼ିଶା ରାଜନୀତିରେ ଏକ ବଡ଼ "ରାଜନୈତିକ ଡ୍ରାମା" ବା ବାଦ-ବିବାଦର କାରଣ ପାଲଟିଛି, ଯାହାର ପ୍ରଭାବ ଆଗାମୀ ଦିନରେ ଅଧିକ ସ୍ପଷ୍ଟ ହେବ ।

ଶ୍ରୀମୟୀ ମିଶ୍ରଙ୍କ ଚଳଚ୍ଚିତ୍ର 'ପଶାପାଲି' ର ଘୋଷଣା ପରେ ଓଡ଼ିଶାର ସାଧାରଣ ଜନତା ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଏହାକୁ ନେଇ ସାଧାରଣ ଲୋକେ ବିଭିନ୍ନ ଦୃଷ୍ଟିକୋଣରୁ ନିଜର ମତ ରଖୁଛନ୍ତି । ଅଧିକାଂଶ ସାଧାରଣ ଲୋକ ଏହି ସିନେମାର ଟାଇଟଲ୍ ଓ ପୃଷ୍ଠଭୂମିକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ବିଜେଡିରେ ଥିବା ବେଳେ ଶ୍ରୀମୟୀ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ, ତେଣୁ ସେ ଦଳର କେଉଁ କେଉଁ ଅକୁହା କାହାଣୀ ପରଦାରେ ଦେଖାଉଛନ୍ତି ତାହା ଜାଣିବାକୁ ଲୋକଙ୍କ ମଧ୍ୟରେ କୌତୁହଳ ବଢ଼ିଛି । ଫିଲ୍ମରେ କ୍ଷମତାର ଲୋଭ, ପଞ୍ଚାୟତରୁ ରାଜ୍ୟ ସ୍ତରୀୟ ରାଜନୀତି ଓ ଉତ୍ତରାଧିକାରୀ ଲଢ଼େଇକୁ ସିନେମା ଶୈଳୀରେ ଦେଖିବା ପାଇଁ ସିନେପ୍ରେମୀମାନେ ଆଗ୍ରହ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ (ବିଶେଷ କରି ଫେସବୁକ୍ ଓ ୟୁଟ୍ୟୁବ୍ କମେଣ୍ଟ ବକ୍ସରେ) ଅନେକ ଲୋକ ଶ୍ରୀମୟୀଙ୍କୁ ତୀବ୍ର ସମାଲୋଚନା ମଧ୍ୟ କରିଛନ୍ତି । କିଛି ଲୋକ ମତ ଦେଇଛନ୍ତି ଯେ "କ୍ଷମତାରେ ଥିବା ପର୍ଯ୍ୟନ୍ତ ସବୁ ଠିକ୍ ଥିଲା, ଦଳରୁ ବାହାରିବା ପରେ ଏବେ ଗୁମର ଧୋଇବା" ଏକ ପ୍ରକାରର ସୁବିଧାବାଦୀ ଆଭିମୁଖ୍ୟ । "ଏକୂଳ ସେକୂଳ ନୁହେଁ": ରାଜନୀତିରେ ସଫଳ ନହେବା ପରେ ପୁଣି ଅଭିନୟକୁ ଫେରିବାକୁ ନେଇ କିଛି ୟୁଜର୍ସ କଟାକ୍ଷ କରି ଲେଖିଛନ୍ତି ଯେ, ଶ୍ରୀମୟୀ ରାଜନୀତିରେ ନିଜ ସ୍ଥାନ ହରାଇବା ପରେ ଏବେ ପୁଣି ନିଜକୁ ଚର୍ଚ୍ଚାରେ ରଖିବା ପାଇଁ ଏହି ଫିଲ୍ମର ସାହାରା ନେଉଛନ୍ତି ।

## ସୁଯୋଗ ନ ପାଇ ଦୋଷାରୋପ

> ଅଭିନୟରୁ ରାଜନୀତି ଓ ରାଜନୀତିରୁ ଅବ୍ୟାହତ ପରେ ପୁନର୍ବାର ଅଭିନେତ୍ରୀ ସାଜିବା ଶ୍ରୀମୟୀଙ୍କ ପାଇଁ ଏକ ଅଗ୍ନି ପରୀକ୍ଷା । ବିଜେଡ଼ିରେ ଥିବା ବେଳେ ତାଙ୍କୁ ଭିକେ ପାଣ୍ଡିଆନ ଅନେକ ସୁବିଧା ସୁଯୋଗ ଓ ପଦବୀରେ ଅଧିଷ୍ଠି କରାଇଥିଲେ । ୨୦୨୪ ନିର୍ବାଚନରେ ଆଶା ବାନ୍ଧିଥିବା ଶ୍ରୀମୟୀ ନିରାଶା ହେବା ପରେ ତାଙ୍କର ଅସଲି ଚେହେରା ଚରିତ୍ର ପଦାକୁ ଆସିଥିଲା । ନିର୍ବାଚନ ଲଢ଼ିବାର ସୁଯୋଗ ନ ପାଇ ସେ ଯେଉଁ ପ୍ରତିକ୍ରିୟା ଦେଇ ଆସିଛନ୍ତି କିଛି ସମୟ ପାଇଁ ମିଡ଼ିଆରେ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଥିଲା ତେବେ ପରଦାର ପଶାପାଲିରେ କି ଖେଳ ଦେଖାଇବେ ଦର୍ଶକ ଅପେକ୍ଷା କରିଛନ୍ତି ।






### ଶ୍ରୀମୟୀଙ୍କ ଜବାବ

ସୋସିଆଲ ମିଡିଆ ବା ଟିଭି ଚ୍ୟାନେଲରେ ବୟାନବାଜି କରିବା ବଦଳରେ ଶ୍ରୀମୟୀ ଏବେ ସିଧାସଳଖ ୭୦ ଏମ୍ଏମ୍ ରୁପେଲି ପରଦାରେ ନିଜର ରାଜନୈତିକ ପ୍ରତିଶୋଧ ବା ଜବାବ ରଖିବାକୁ ଯାଉଛନ୍ତି ବୋଲି ଚର୍ଚ୍ଚା ହେଉଛି । ଶ୍ରୀମୟୀ ନିଜେ କହିଛନ୍ତି ଯେ ସେ ନିଜର ଆତ୍ମସମ୍ମାନ ଓ ସ୍ୱାଭିମାନ ସହ କେବେବି ବୁଝାମଣା କରିବେ ନାହିଁ । ଏହି ଫିଲ୍ମରେ ଓଡ଼ିଶାର ବର୍ତ୍ତମାନର ସମସାମୟିକ ରାଜନୈତିକ ସ୍ଥିତି ଏବଂ ବେକାରୀ ସମସ୍ୟା ଭଳି ପ୍ରସଙ୍ଗକୁ ଦେଖାଯିବ ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ଚାଣକ୍ୟଙ୍କ 'ଅପରେସନ୍ ୩୬୨'

# ଏକ ଦେଶ, ଏକ ନିର୍ବାଚନ : ପରିସୀମା ଓ ମହିଳା ସଂରକ୍ଷଣ ପାଇଁ ବିଜେପିର ଦୀର୍ଘମିଆଦୀ ରଣନୀତି

ଭାରତୀୟ ରାଜନୀତିରେ ସଂଖ୍ୟା ସବୁବେଳେ କ୍ଷମତାର ପ୍ରତୀକ। ୧୯୮୪ରେ ରାଜୀବ ଗାନ୍ଧୀଙ୍କ କଂଗ୍ରେସ ୪୦୦ରୁ ଅଧିକ ଆସନ ଜିତି ଇତିହାସ ସୃଷ୍ଟି କରିଥିଲା। ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ୨୮୨ ଆସନ ହାସଲ କରି ତିନି ଦଶନ୍ଧି ପରେ ଏକକ ଅଧିକାରରେ ସରକାର ଗଠନ କରିଥିଲା। ୨୦୧୯ରେ ସେହି ସଂଖ୍ୟା ବଢ଼ି ୩୦୩ରେ ପହଞ୍ଚିଥିଲା। କିନ୍ତୁ ୨୦୨୬ରେ ଭାରତୀୟ ରାଜନୀତିର ସବୁଠାରୁ ଚର୍ଚ୍ଚିତ ସଂଖ୍ୟା ହେଉଛି ୩୬୨। କାରଣ ୩୬୨ କେବଳ ଏକ ନିର୍ବାଚନୀ ସଂଖ୍ୟା ନୁହେଁ; ଏହା ହେଉଛି ସଂବିଧାନ ସଂଶୋଧନର ଦ୍ୱାର। ଏହି ସଂଖ୍ୟା ହାସଲ ହେଲେ 'ଏକ ଦେଶ, ଏକ ନିର୍ବାଚନ', ମହିଳା ସଂରକ୍ଷଣର ପୂର୍ଣ୍ଣ କାର୍ଯ୍ୟକାରିତା, ୨୦୨୭ ପରବର୍ତ୍ତୀ ପରିସୀମନ ଏବଂ ଅନ୍ୟାନ୍ୟ ସଂବିଧାନିକ ସଂଶୋଧନର ପଥ ଅଧିକ ସୁଗମ ହୋଇଯିବ। ଏହି କାରଣରୁ ରାଜନୈତିକ ମହଲରେ ଆଜି ଏକ ନୂଆ ଶବ୍ଦ ଶୁଣିବାକୁ ମିଳୁଛି— 'ଅପରେସନ୍ ୩୬୨'।

ସଂବିଧାନର ଗଣିତ ଅନୁଯାୟୀ,ଲୋକସଭାର ମୋଟ ଆସନ ସଂଖ୍ୟା ୫୪୩। ଏହାର ଦୁଇ-ତୃତୀୟାଂଶ ସଂଖ୍ୟା ହେଉଛି ୩୬୨। ରାଜ୍ୟସଭାର ମୋଟ ଆସନ ସଂଖ୍ୟା ୨୪୫, ଦୁଇ-ତୃତୀୟାଂଶ ସଂଖ୍ୟା ହେଉଛି ୧୬୩। ସଂବିଧାନର ଅନୁଚ୍ଛେଦ ୩୬୮ ଅନୁସାରେ ଅଧିକାଂଶ ସଂବିଧାନ ସଂଶୋଧନ ପାଇଁ ଉଭୟ ସଦନରେ ବିଶେଷ ଅଧିକାର ଆବଶ୍ୟକ। ଏହି କାରଣରୁ କେବଳ ସରକାର ଗଠନ କରିବା ଯଥେଷ୍ଟ ନୁହେଁ; ସଂଖ୍ୟାଗତ ପ୍ରାଧାନ୍ୟ ଅତ୍ୟାବଶ୍ୟକ।

ଏନ୍‌ଡିଏର ବର୍ତ୍ତମାନ ସ୍ଥିତି ୨୦୨୪ ଲୋକସଭା ନିର୍ବାଚନ ପରେ ଏନ୍‌ଡିଏର ସଂଖ୍ୟା ୨୯୩। ଏନ୍‌ଡିଏର ପ୍ରମୁଖ ଅଂଶୀଦାର ମାନେ ହେଲେ, ଭାରତୀୟ ଜନତା ପାର୍ଟି – ୨୪୦,ତେଲୁଗୁ ଦେଶମ ପାର୍ଟି – ୧୬, ଜନତା ଦଳ (ୟୁନାଇଟେଡ୍) – ୧୨, ଶିବସେନା (ଶିନ୍ଦେ)– ୭, ଲୋକ ଜନଶକ୍ତି ପାର୍ଟି – ୫, ରାଷ୍ଟ୍ରୀୟ ଲୋକଦଳ – ୨, ଜନତା ଦଳ (ଏସ୍) – ୨, ଅନ୍ୟାନ୍ୟ ସହଯୋଗୀ – ୯ ଜଣଙ୍କୁ ମିଶାଇ ମୋଟ ୨୯୩ ଜଣ ସଦସ୍ୟ ଅଛନ୍ତି। ଅର୍ଥାତ୍ ଲକ୍ଷ୍ୟ ୩୬୨ ଠାରୁ ଏବେ ମଧ୍ୟ ୬୯ ଆସନ ଦୂରରେ।ସେହିଭଳି ରାଜ୍ୟସଭାରେ ପ୍ରାୟ ଲକ୍ଷ୍ୟ ହାସଲ କରିବା ପାଇଁ ୨୦୧୪ରେ ରାଜ୍ୟସଭା ବିଜେପି ପାଇଁ ସବୁଠାରୁ ବଡ଼ ବାଧା ଥିଲା। ଭୂମି ଅଧିଗ୍ରହଣ ବିଲ୍‌ଠାରୁ ଆରମ୍ଭ କରି ଅନେକ ବିଧେୟକ ସେଠାରେ ଅଟକିଥିଲା। କିନ୍ତୁ ଦଶ ବର୍ଷରେ ଚିତ୍ର ବଦଳିଯାଇଛି। ବର୍ତ୍ତମାନ ରାଜ୍ୟସଭାରେ ଏନ୍‌ଡିଏର ଶକ୍ତି ପ୍ରାୟ ୧୫୦। ଦୁଇ-ତୃତୀୟାଂଶ ସଂଖ୍ୟା ୧୬୩ ପାଇଁ ମାତ୍ର ୧୩ ଆସନର ଆବଶ୍ୟକତା ରହିଛି। ଅର୍ଥାତ୍ ବିଜେପିର ମୁଖ୍ୟ ଯୁଦ୍ଧକ୍ଷେତ୍ର ଏବେ ଲୋକସଭା।


ଇଂ. ଲକି ସ୍ୱାଇଁ

ତେଣୁ ବିଜେପିର ପ୍ରଥମ ଲକ୍ଷ୍ୟ ଥିଲା 'ଅପରେସନ୍ ବଙ୍ଗ'। ତୃଣମୂଳ କଂଗ୍ରେସରେ ଅସନ୍ତୋଷ ରହିଥିଲା। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଆଜିବି ସବୁଠାରୁ ବଡ଼ ଆଞ୍ଚଳିକ ଶକ୍ତି। କିନ୍ତୁ ଦଳ ଭିତରେ ଅସନ୍ତୋଷ ଓ ନେତୃତ୍ୱ ପ୍ରଶ୍ନ ଧୀରେ ଧୀରେ ପ୍ରକାଶ୍ୟ ହେଉଛି। ଯଦି ତୃଣମୂଳର ଏକ ବଡ଼ ଗୋଷ୍ଠୀ ଅଲଗା ହୁଏ, ତେବେ ଏହା କେବଳ ଲୋକସଭାରେ ସଂଖ୍ୟା ପରିବର୍ତ୍ତନ କରିବ ନାହିଁ, ବରଂ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମଧ୍ୟ ପ୍ରଭାବ ପକାଇବ। ମମତା ବାନାର୍ଜୀ ଜାତୀୟ ସ୍ତରରେ 'ଇଣ୍ଡିଆ' ମେଣ୍ଟର ଏକ ପ୍ରମୁଖ ମୁହଁ। ତାଙ୍କ ଦଳ ଦୁର୍ବଳ ହେବା ଅର୍ଥ ବିରୋଧୀ ଶିବିରର ଏକ ପ୍ରମୁଖ ସ୍ତମ୍ଭ ଦୁର୍ବଳ ହେବା।

ସେହିପରି ମହାରାଷ୍ଟ୍ରରେ ମଧ୍ୟ ଅପରେସନ ବଙ୍ଗ ପରେ ଦ୍ୱିତୀୟ ଅଧ୍ୟାୟ ଆରମ୍ଭ ହୋଇଛି। ୨୦୨୨ରେ ବିଧାୟକମାନଙ୍କ ବିଦ୍ରୋହ ମହାରାଷ୍ଟ୍ରର ରାଜନୀତିକୁ ବଦଳାଇ ଦେଇଥିଲା। ଏବେ ଚର୍ଚ୍ଚା ହେଉଛି ସାଂସଦମାନଙ୍କୁ ନେଇ। ଯଦି ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି)ରେ ଆଉ ଏକ ଭାଙ୍ଗଣ ହୁଏ, ତେବେ ଏନ୍‌ଡିଏର ସଂଖ୍ୟା ଆହୁରି ବଢ଼ିପାରେ। ଏହାର ରାଜନୈତିକ ବାର୍ତ୍ତା ମଧ୍ୟ ସ୍ପଷ୍ଟ— ବିଜେପି କେବଳ ନିର୍ବାଚନ ଜିତିବାରେ ନୁହେଁ, ବରଂ ବିରୋଧୀ ଶିବିରକୁ ଦୁର୍ବଳ କରିବାରେ ମଧ୍ୟ ସମାନ ଗୁରୁତ୍ୱ ଦେଉଛି।

ଏହା ପରେ ପରବର୍ତ୍ତୀ ଲକ୍ଷ୍ୟ କିଏ ? ବର୍ତ୍ତମାନ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟିର ବୃଦ୍ଧି ବିଜେପି ପାଇଁ ଚ୍ୟାଲେଞ୍ଜ। ନିର୍ବାଚନ ସମୟ ଆସିଲେ ଉତ୍ତରପ୍ରଦେଶର ଗୁରୁତ୍ୱ ଆହୁରି ବଢ଼ିବ। ସେହିପରି ଡିଏମ୍‌କେ ବିରୋଧର ସବୁଠାରୁ ଶକ୍ତିଶାଳୀ ସ୍ୱର ତାମିଲନାଡୁରୁ ଆସୁଛି। ସେଥିପାଇଁ ଡିଏମ୍‌କେ ଏବେ ବିଜେପିର ପ୍ରମୁଖ ରାଜନୈତିକ ପ୍ରତିପକ୍ଷ। ଓଡ଼ିଶାରେ କ୍ଷମତା ହରାଇବା ପରେ ବିଜୁ ଜନତା ଦଳ ନୂଆ ରାଜନୈତିକ ପଥ ଖୋଜୁଛି। ରାଜ୍ୟସଭାରେ ଦଳର ସଂଖ୍ୟା ଏବେବି ଗୁରୁତ୍ୱପୂର୍ଣ୍ଣ। ଆନ୍ଧ୍ରପ୍ରଦେଶରେ ପରାଜୟ ପରେ ଜଗନ ମୋହନ ରେଡ୍ଡୀଙ୍କ ଦଳ ଜାତୀୟ ରାଜନୀତିରେ ନୂତନ ସମୀକରଣର ଅଂଶ ହୋଇପାରେ। ୨୦୨୭ ପରେ ହେବାକୁ ଥିବା ପରିସୀମା ଭାରତୀୟ ରାଜନୀତିର ଭୂଗୋଳକୁ ବଦଳାଇପାରେ। ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଗୁଜରାଟ ଭଳି ଜନସଂଖ୍ୟା ବୃଦ୍ଧି ହୋଇଥିବା ରାଜ୍ୟଗୁଡ଼ିକ ଅଧିକ ଲୋକସଭା ଆସନ ପାଇପାରନ୍ତି। ଅନ୍ୟପକ୍ଷରେ ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଭଳି ରାଜ୍ୟ ତୁଳନାମୂଳକ ଭାବେ ପ୍ରଭାବ ହରାଇପାରନ୍ତି।ଏହି କାରଣରୁ ଦକ୍ଷିଣ ଭାରତର ରାଜନୈତିକ ଦଳଗୁଡ଼ିକ ପରିସୀମନକୁ କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ନୁହେଁ, ବରଂ ଏକ ରାଜନୈତିକ ପ୍ରଶ୍ନ ଭାବେ ଦେଖୁଛନ୍ତି।

ତେବେ ଏବେ ସମୟ କହୁଛି। ୨୦୧୪ରେ ଲକ୍ଷ୍ୟ ଥିଲା କ୍ଷମତା। ୨୦୧୯ରେ ଲକ୍ଷ୍ୟ ଥିଲା ପ୍ରାଧାନ୍ୟ। ୨୦୨୬ରେ ଲକ୍ଷ୍ୟ ହେଉଛି ସଂବିଧାନିକ ପରିବର୍ତ୍ତନ।

ଏହି କାରଣରୁ ବିଜେପିର ଆଗାମୀ ରାଜନୀତି କେବଳ ନିର୍ବାଚନ ଜିତିବାରେ ସୀମିତ ନୁହେଁ। ଦଳର ପ୍ରକୃତ ଲକ୍ଷ୍ୟ ହେଉଛି ସଂସଦରେ ଏମିତି ଏକ ସଂଖ୍ୟାଗତ ସ୍ଥିତି ସୃଷ୍ଟି କରିବା, ଯାହା ମାଧ୍ୟମରେ ଆଗାମୀ ଦଶନ୍ଧି ପାଇଁ ଭାରତର ରାଜନୈତିକ ଗଠନରେ ପ୍ରଭାବ ପକାଇହେବ। ଆଜି ଏନ୍‌ଡିଏ ୨୯୩ରେ ଅଛି। ଲକ୍ଷ୍ୟ ୩୬୨। ଏହି ଦୁଇ ସଂଖ୍ୟା ମଧ୍ୟରେ ଥିବା ବ୍ୟବଧାନ ହିଁ ଆଗାମୀ ତିନି ବର୍ଷର ଭାରତୀୟ ରାଜନୀତିର ସବୁଠାରୁ ବଡ଼ କାହାଣୀ ହୋଇପାରେ। ତେଣୁ ସେହି କାହାଣୀର ନାମ— 'ଅପରେସନ୍ ୩୬୨'।

ଯୁବ ସମାଜସେବୀ
ଭଦ୍ରକ
ମୋ - ୯୭୭୬୨୧୦୬୩୩

## ଯୋଧପୁର ଏୟାରପୋର୍ଟ ଟର୍ମିନାଲ ଉଦ୍‌ଘାଟନ କଲେ ମୋଦୀ

ନୂଆଦିଲ୍ଲୀ, ୦୪/୦୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ଯୋଧପୁରଠାରେ ଯୋଧପୁର ଏୟାରପୋର୍ଟର ନୂତନ ଟର୍ମିନାଲ ବିଲ୍ଡିଂ ଉଦ୍‌ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ ବିମାନବନ୍ଦର ଟର୍ମିନାଲ୍ ପଶ୍ଚିମ ରାଜସ୍ଥାନର ବିମାନ ଯୋଗାଯୋଗ ଏବଂ ପର୍ଯ୍ୟଟନ ଶିଳ୍ପକୁ ଏକ ବଡ଼ ପ୍ରୋତ୍ସାହନ ଦେବ। ଏହି ପ୍ରକଳ୍ପ ପ୍ରାୟ ୪୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହା ୩୭ ଏକର ଜମିରେ ବିସ୍ତାରିତ ଏବଂ ପ୍ରାୟ ୨୩,୦୦୦ ବର୍ଗ ମିଟର ଅଞ୍ଚଳରେ ବ୍ୟାପିଛି। ଏହା ବାର୍ଷିକ ୨୦ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ଯୋଗାଇବା ପାଇଁ ଡିଜାଇନ୍ କରାଯାଇଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ଏଥିରେ ୬ଟି ଏରୋବ୍ରିଜ୍ ଏବଂ ପ୍ରିମିୟମ୍ ଲାଉଞ୍ଜ୍ ସ୍ଥାପନ କରାଯାଇଛି। ଏହି ବିଲ୍ଡିଂର ସ୍ଥାପତ୍ୟରେ ରାଜସ୍ଥାନର ପାରମ୍ପରିକ ଶୈଳୀ ଯେପରିକି ଆର୍କ ଏବଂ ଝରକାର ଝଲକ ଦେଖିବାକୁ ମିଳେ। ଏହା ଏକ ଗ୍ରୀନ୍ ବିଲ୍ଡିଂ ଯେଉଁଥିରେ ସୌର ଶକ୍ତି, ଜଳ ସଂରକ୍ଷଣ ଏବଂ ଶକ୍ତି-କୁଶଳୀ ପ୍ରଣାଳୀ ବ୍ୟବହାର କରାଯାଇଛି।

## ରାଶିଫଳ

**ମେଷ:** କର୍ମକ୍ଷେତ୍ରରେ କିଛି ନୂଆ ଦାୟିତ୍ୱ ମିଳିପାରେ। ଧନ ଆଗମନର ଭଲ ଯୋଗ ରହିଛି। ମାନସିକ ଚିନ୍ତା ବୃଦ୍ଧି ହୋଇପାରେ ସାବଧାନ ରୁହନ୍ତୁ।

**ବୃଷ:** ବ୍ୟବସାୟରେ ଭଲ ଲାଭ ମିଳିବାର ସମ୍ଭାବନା ଅଛି। ପରିବାର ଲୋକଙ୍କ ସହ ସମ୍ପର୍କ ମଧୁର ହେବ। କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ମିଥୁନ:** ଚାକିରି କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ। ପେଟ ଜନିତ ସମସ୍ୟା ଦେଖାଦେଇପାରେ।

**କର୍କଟ:** ଏହି ସପ୍ତାହ ଆପଣଙ୍କ ପାଇଁ ବହୁତ ଶୁଭ ରହିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ସମୟ ଭଲ କଟିବ।

**ସିଂହ:** ନୂଆ କାର୍ଯ୍ୟ ଆରମ୍ଭ କରିବା ପାଇଁ ଭଲ ସମୟ। ଅଟକି ରହିଥିବା ପଇସା ଫେରସ୍ତ ମିଳିପାରେ। ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି।

**କନ୍ୟା:** କଠିନ ପରିଶ୍ରମର ଭଲ ଫଳ ମିଳିବ। ମିତ୍ରମାନଙ୍କ ସହ ଦେଖାସାକ୍ଷାତ ହେବାର ଯୋଗ ଅଛି। ବାଦ-ବିବାଦଠାରୁ ଦୂରେଇ ରୁହନ୍ତୁ।

**ତୁଳା:** ଚାକିରିରେ ପଦୋନ୍ନତିର ସୁଯୋଗ ମିଳିପାରେ। ଭୂମି କିମ୍ବା ବାହନ କିଣିବାର ଯୋଗ ରହିଛି। ଆଖି ସମସ୍ୟା ପ୍ରତି ସତର୍କ ରୁହନ୍ତୁ।

**ବିଛା:** ଭାଗ୍ୟର ସହଯୋଗ ମିଳିବ ଓ ଆତ୍ମବିଶ୍ୱାସ ବଢ଼ିବ। ସବୁ ଅଧୁରା କାମ ସମ୍ପୂର୍ଣ୍ଣ ହେବ। ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇପାରେ।

**ଧନୁ:** ଆର୍ଥିକ ଅଭାବ ଦେଖାଦେଇପାରେ, ବଜେଟ୍ ପ୍ରସ୍ତୁତ କରନ୍ତୁ। କର୍ମକ୍ଷେତ୍ରରେ କିଛି ଚାପ ରହିପାରେ। ପ୍ରତିଦିନ ହନୁମାନ ଚାଳିଶା ପାଠ କରନ୍ତୁ।

**ମକର:** ନୂଆ ଚୁକ୍ତିପତ୍ର ସ୍ୱାକ୍ଷର ହୋଇପାରେ। ପ୍ରେମ ଜୀବନରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସାଧାରଣ ରହିବ।

**କୁମ୍ଭ:** ଶତ୍ରୁମାନେ ପରାଜିତ ହେବେ ଏବଂ ଆପଣ ବିଜୟୀ ହେବେ। ପୁରୁଣା ଋଣ ସୁଝିବାରେ ସଫଳ ହେବେ। ଗାଡ଼ି ଚଲାଇବା ସମୟରେ ସତର୍କ ରୁହନ୍ତୁ।

**ମୀନ:** ସନ୍ତାନମାନଙ୍କ ଉନ୍ନତିରେ ମନ ପ୍ରସନ୍ନ ରହିବ। ଆୟର ନୂଆ ଉତ୍ସ ସୃଷ୍ଟି ହେବ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ।



ମେଘା
ହରୋକୋପିଷ୍ଟ ଏବଂ
ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

# ସ୍ମୃତି ଗର୍ଭରେ ବିଲୀନ କଟକର ତାରକସି କାମ

**କଟକ, ୦୪/୦୭ (ନିହାର ପଟ୍ଟନାୟକ):** ଓଡ଼ିଶାର ପୁରାତନ ରାଜଧାନୀ, ହଜାରେ ବର୍ଷରୁ ଅଧିକ ପୁରୁଣା କଟକ ସାରା ବିଶ୍ୱରେ ତାହାର ରୂପା ତାରକସି କାମ ପାଇଁ ପ୍ରସିଦ୍ଧି ଲାଭ କରିଥିଲା। ତାହା କିନ୍ତୁ ଏବେ ଅତୀତ ହୋଇଯାଇଛି। କାଳର କରାଳ ଗର୍ଭରେ ସେହି ଐତିହ୍ୟ ବିଲୀନ। କର୍ପୁର ଉଡିଯାଇଛି, କେବଳ କନା ପଡିରହିଛି। ତାରକସି କାମର ହବ୍ ବା ପେଣ୍ଠସ୍ଥଳ ବୋଲି କଟକକୁ କୁହାଯାଉଥିଲେ ମଧ୍ୟ ଏବେ କାଁ ଭାଁ କିଛି ସୁନା କାରିଗର (ବଣିଆ) ନିଜର କୌଳିକ ବୃତ୍ତି ଏବଂ ଓଡ଼ିଶାର ସେହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବାକୁ ରୀତିମତ ସଂଘର୍ଷ କରୁଛନ୍ତି। ଦିନେ କଟକରେ ତିଆରି ରୂପାର ତାରକସି କାମ ସାରା ରାଜ୍ୟ, ଦେଶ ଏବଂ ବିଦେଶକୁ ମଧ୍ୟ ଯାଉଥିଲା। ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ, ଆଧୁନିକ ଯନ୍ତ୍ରପାତିର ଉଦ୍ଭାବନ ସହିତ ଅତୀତରେ ରୂପାର ଚାହିଦା ହ୍ରାସ ସାଙ୍ଗକୁ କାରିଗରମାନେ ସେମାନଙ୍କ ପରିଶ୍ରମର ଉପଯୁକ୍ତ ମଜୁରୀ ନପାଇବାରୁ ସେମାନେ ଏଥିରୁ ମୁହଁ ଫେରାଇବା ଆରମ୍ଭ କରିଥିଲେ ବୋଲି କୁହାଯାଉଛି। ଯନ୍ତ୍ରରେ ଛାଞ୍ଚଗୁଡିକରେ ତିଆରି ରୂପା କାମ ଖୁବ୍ କମ ସମୟରେ ପ୍ରସ୍ତୁତ ହେବା ଏବଂ ସୁନ୍ଦର ଦେଖାଯିବା ସହିତ ବିଭିନ୍ନ ପ୍ରତିଷ୍ଠିତ ବ୍ରାଣ୍ଡଗୁଡିକ ଦ୍ୱାରା ସୋ'ରୁମ୍‌ଗୁଡିକ ଖୋଲିଲା। ତାହାର ସାଜସଜ୍ଜା ଗ୍ରାହକମାନଙ୍କୁ ଆକୃଷ୍ଟ କଲା। ସେଠାରେ ମିଳୁଥିବା ତାରକସି କାମଗୁଡିକର ଗଢା ମଜୁରୀ ମଧ୍ୟ ତୁଳନାତ୍ମକ ଭାବରେ କମ୍ ରହିଲା। ଫଳରେ କଟକ ସହରର ଗଳି କନ୍ଦିରୁ ନେଇ ମୁଖ୍ୟ ରାସ୍ତାଗୁଡିକରେ ଥିବା ବଣିଆ ଦୋକାନଗୁଡିକ କ୍ରମଶଃ ବନ୍ଦ ହେବାରେ ଲାଗିଲା। ଏବେ କିଛି ହାତଗଣତି ବଣିଆ ଦୋକାନ ରହିଛି, ଯେଉଁଗୁଡିକ ବରାଦ ଆସିଲେ କିଛି ତାରକସି



କାମ ପ୍ରସ୍ତୁତ କରୁଛନ୍ତି, ନହେଲେ ଛାଞ୍ଚରେ ପ୍ରସ୍ତୁତ ସୁନା, ରୂପା ଅଳଙ୍କାର ବିକ୍ରି କରୁଛନ୍ତି।

ଏସବୁ ସହିତ ରୂପା ଭଳି ଧାତୁର ମାନକୁ ନେଇ ଆଇନ କଡାକଡି ହେବା ଏବଂ ଗ୍ରାହକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କାରଣରୁ ସେମାନେ ବ୍ରାଣ୍ଡ ଆଡକୁ ମୁହାଁଇଲେ। ଯେଉଁଥିପାଇଁ ଏହାକୁ କୌଳିକ ବୃତ୍ତି କରିଥିବା କାରିଗରମାନେ ତାହାକୁ ଛାଡି ଅନ୍ୟ ବ୍ୟବସାୟ କରିବାକୁ ବାଧ ହୋଇଛନ୍ତି। ଅବଶ୍ୟ ରାଜ୍ୟର ଏହି ପ୍ରାଚୀନ ଐତିହ୍ୟକୁ ଉଜ୍ଜୀବିତ ରଖିବାକୁ ବିଗତ ସରକାରଙ୍କ ସମୟରେ କଟକ ସହରରେ ଏକ ଫିଲିଗ୍ରୀ ବା ତାରକସି ହବ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇ ସେହି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ତଦନୁଯାୟୀ କଟକର ମର୍କତନଗରରେ ଏଥିପାଇଁ ଏକ ସ୍ଥାନ ନିରୂପଣ କରାଯାଇ କୋଠା ନିର୍ମାଣ ସରିଛି। କିନ୍ତୁ ତାହା ଏଯାଏ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ସେଠାରେ ତାରକସି କାମଗୁଡିକର ପ୍ରଦର୍ଶନ, ବିକ୍ରିବଟା ସହିତ କାରିଗରମାନଙ୍କୁ ତାଲିମ ପ୍ରଦାନ ବ୍ୟବସ୍ଥା ରହିବ ବୋଲି କୁହାଯାଉଛି। କିନ୍ତୁ ଏହା କେବେ ପୂର୍ଣ୍ଣତଃ କାର୍ଯ୍ୟକ୍ଷମ ହେବ ତାହା କେବଳ ସରକାରଙ୍କୁ ଜଣା। କଟକ ସହରବାସୀ ମଧ୍ୟ ଆଉ ସେହି ପ୍ରସଙ୍ଗକୁ ନେଇ ସେତେଟା ଆଗ୍ରହୀ ଥିବା ମନେହେଉନାହିଁ। କାରଣ କଟକରୁ ଗୋଟିଏ ପରେ ଗୋଟିଏ ସରକାରୀ କାର୍ଯ୍ୟାଳୟ ଭୁବନେଶ୍ୱରକୁ ଉଠାଇ ନିଆଯିବା ଏବଂ ଏହି ପୁରାତନ ରାଜଧାନୀକୁ ଶ୍ରୀହୀନ କରିଦିଆଯିବା ପରେ ସହରବାସୀ ନିରବ ପଡିଯାଇଛନ୍ତି। ସହରର ରାସ୍ତାଘାଟ, କୀର୍ତ୍ତିରାଜି, ପରିମଳ ବ୍ୟବସ୍ଥ. ସରକାରୀ ଶିକ୍ଷା ବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ ଆଦି ସବୁ ଯେମିତି ଏବେ ଅବହେଳିତ ଅବସ୍ଥାରେ ରହିଛି। କାହାକୁ ପଚାରିଲେ କିଛି ଉତ୍ତର ନାହିଁ କିମ୍ବା ତାହା ଉପରେ କିଛି କାର୍ଯ୍ୟାନୁଷ୍ଠାନ ମଧ୍ୟ ହେଉନାହିଁ। କେବଳ ମଝିରେ ମଝିରେ ହାଇକୋର୍ଟଙ୍କ ଛାଟ ବାଜିଲେ କିଛି କାମ ପ୍ରତି ସରକାର ଧ୍ୟାନ ଦେଉଛନ୍ତି। କେବଳ ଭାଇଚାରାରେ ଚାଲିଛି ଏ ସହର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶା ମୁହାଁ ଗୁଜୁରାଟ...

ଶିଳ୍ପପତିମାନେ ଓଡ଼ିଶାର ମେଟାଲ, ରିନିଉଏବଲ୍ ଏନର୍ଜି ଏବଂ ଆଇଟି ସେକ୍ଟରରେ ନିବେଶ ପାଇଁ ଆଗ୍ରହ ଦେଖାଇଛନ୍ତି। ମୁମ୍ବାଇ-ଭିତ୍ତିକ ଗୋଦ୍ରେଜ୍ ଗ୍ରୁପ୍, ହିନ୍ଦୁଜା ଗ୍ରୁପ୍), ଏବଂ ୱେଲ୍ସପନ୍ ୱାର୍ଲ୍ଡ ଭଳି ମେଗା କମ୍ପାନୀଗୁଡ଼ିକ ଓଡ଼ିଶାରେ ନିଜର ବ୍ୟବସାୟ ସମ୍ପ୍ରସାରଣ କରୁଛନ୍ତି। ଏହା ସହିତ ଟାଟା ଗ୍ରୁପ୍ ମଧ୍ୟ ଗଞ୍ଜାମରେ ୧୦,୦୦୦ କୋଟିର ସୋଲାର ପ୍ଲାଣ୍ଟ ସ୍ଥାପନ କରୁଛି।

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରୁ ଆସୁଥିବା ବ୍ୟବସାୟୀମାନେ ବିଶେଷ କରି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବଡ଼ ଚୁକ୍ତି କରିଛନ୍ତି। ଗୁରୁଗ୍ରାମ (ହରିୟାଣା) ର ଏସିଏମଇ ଗ୍ରୁପ୍ ଓଡ଼ିଶାରେ ଗ୍ରୀନ୍ ଏନର୍ଜି ପ୍ରକଳ୍ପ ପାଇଁ ୬୭,୦୦୦ କୋଟି ଟଙ୍କାର ମେଗା ପୁଞ୍ଜିନିବେଶ କରୁଛି। ବିଜେପିର 'ଡବଲ ଇଞ୍ଜିନ' ସରକାର ଆସିବା ପରେ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ (ଶିଳ୍ପ ମଞ୍ଜୁରୀ ପ୍ରକ୍ରିୟା) ବହୁତ ଦ୍ରୁତ ହୋଇଛି। ଓଡ଼ିଶାର ପାରାଦ୍ୱୀପ ପୋର୍ଟଏବଂ ଗୋପାଳପୁର ବନ୍ଦର ବ୍ୟବସାୟୀମାନଙ୍କୁ ବିଦେଶକୁ ରପ୍ତାନି କରିବା ପାଇଁ ସହଜ ସୁଯୋଗ ଦେଉଛି। ରାଜ୍ୟରେ ଖଣିଜ ସମ୍ପଦ ଏବଂ ଶିଳ୍ପ ପାଇଁ ଆବଶ୍ୟକୀୟ ଉଦ୍ଭ୍ରାନ୍ତ ବିଦ୍ୟୁତ୍ ଶକ୍ତି ସହଜରେ ଉପଲବ୍ଧ ହେଉଛି।

ବଡ଼ ବଡ଼ କର୍ପୋରେଟ୍ କମ୍ପାନୀଗୁଡ଼ିକୁ ଛାଡ଼ିଦେଲେ, ଓଡ଼ିଶାରେ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ, ଖୁଚୁରା ବେପାରୀ ଏବଂ ହୋଲସେଲରମାନଙ୍କର ଏକ ବଡ଼ ନେଟୱର୍କ ରହିଛି। ଓଡ଼ିଶାରେ ବ୍ୟବସାୟ କରୁଥିବା ଏହି ଛୋଟ ଛୋଟ ବ୍ୟବସାୟୀମାନେ ମୁଖ୍ୟତଃ ରାଜସ୍ଥାନ, ଗୁଜୁରାଟ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ବିହାର ଭଳି ରାଜ୍ୟରୁ ଆସିଛନ୍ତି।

ଓଡ଼ିଶାରେ ରାଜସ୍ଥାନରୁ ଆସିଥିବା ମାରୱାଡ଼ି ସମୁଦାୟର ଛୋଟ ବ୍ୟବସାୟୀମାନେ ଦଶନ୍ଧି ଦଶନ୍ଧି ଧରି ବହୁତ ସକ୍ରିୟ। ଏମାନେ ବିଶେଷ କରି କପଡ଼ା ବ୍ୟବସାୟ (ସୂତା ଓ ପ୍ରସ୍ତୁତ ପୋଷାକ), ହାର୍ଡୱେର, କିରାନା ସାମଗ୍ରୀ ଏବଂ ମିଠା ଓ ସ୍ନାକ୍ସ ଦୋକାନ କରନ୍ତି। କଟକର ମାଲଗୋଦାମ ଓ ଚୌଧୁରୀବଜାର, ଭୁବନେଶ୍ୱର, ସମ୍ବଲପୁର ଏବଂ ରାଉରକେଲା।

ଗୁଜୁରାଟ ଓ ମହାରାଷ୍ଟ୍ର ରାଜ୍ୟର ଛୋଟ ବ୍ୟବସାୟୀମାନେ ପ୍ଲାଷ୍ଟିକ୍ ଘରକରଣା ଜିନିଷ, କୃତ୍ରିମ ଗହଣା, ଏବଂ ଶାଢ଼ୀ ତଥା ଫ୍ୟାବ୍ରିକ୍ସ ଟ୍ରେଡିଂ କ୍ଷେତ୍ରରେ ଜଡ଼ିତ। ସୁରତ ଓ ମୁମ୍ବାଇରୁ ଛୋଟ ଛୋଟ ବ୍ୟବସାୟୀମାନେ ଓଡ଼ିଶାର ସ୍ଥାନୀୟ ଦୋକାନୀମାନଙ୍କୁ ସିଧାସଳଖ ସାମଗ୍ରୀ ଯୋଗାନ୍ତି। ପଶ୍ଚିମବଙ୍ଗରୁ ଆସୁଥିବା ଛୋଟ ବ୍ୟବସାୟୀ ଏବଂ କାରିଗରମାନେ ଓଡ଼ିଶାର ସୁନା ଗହଣା ପ୍ରସ୍ତୁତି କ୍ଷେତ୍ରରେ ପ୍ରସିଦ୍ଧ। ଏହା ସହିତ ମାଛ ବ୍ୟବସାୟ, ଚମଡ଼ା ଜିନିଷ, ଏବଂ ବେକେରୀ/ମିଠା ବ୍ୟବସାୟରେ ଏମାନଙ୍କର ବଡ଼ ଭାଗିଦାରୀ ଅଛି। ଓଡ଼ିଶାର ଦକ୍ଷିଣାଞ୍ଚଳ (ଯେପରିକି ଗଞ୍ଜାମ, ଗଜପତି, କୋରାପୁଟ) ରେ ଆନ୍ଧ୍ରର ବ୍ୟବସାୟୀମାନେ ବହୁ ସଂଖ୍ୟାରେ ଅଛନ୍ତି। ଏମାନେ ମୁଖ୍ୟତଃ କୁକୁଡ଼ା ଚାଷ, ସାମୁଦ୍ରିକ ଖାଦ୍ୟ/ଚିଙ୍ଗୁଡ଼ି ଚାଷ, ସାର ଓ କୀଟନାଶକ, ଏବଂ ଟ୍ରାନ୍ସପୋର୍ଟ (ପରିବହନ) ବ୍ୟବସାୟ କରନ୍ତି।

ଏହି ପଡ଼ୋଶୀ ରାଜ୍ୟର ଛୋଟ ବ୍ୟବସାୟୀମାନେ ଓଡ଼ିଶାରେ ଫଳ ଏବଂ ପନିପରିବା ଆମଦାନୀ, ଗ୍ୟାରେଜ୍ ଓ ଅଟୋ ପାର୍ଟସ, ଏବଂ ଛୋଟ ସ୍କ୍ରାପ୍ (ଲୁହା ସ୍କ୍ରାପ୍) ବ୍ୟବସାୟରେ ବହୁଳ ଭାବେ ଦେଖାଯାନ୍ତି।

ରାଜ୍ୟର ନୂଆ ବିଜେପି ସରକାର ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଡେଭେଲୋପ୍ ପଲିସି ଏବଂ ଷ୍ଟାର୍ଟଅପ୍ ଯୋଜନା ମାଧ୍ୟମରେ ଏହି କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ୨୫% ରୁ ୩୦% ପର୍ଯ୍ୟନ୍ତ କ୍ୟାପିଟାଲ୍ ଇନଭେଷ୍ଟମେଣ୍ଟ ସବସିଡି (ମେସିନାରୀ ଉପରେ) ପ୍ରଦାନ କରୁଛନ୍ତି। ଏହା ଦ୍ୱାରା ବାହାର ରାଜ୍ୟର ଛୋଟ ଶିଳ୍ପପତି ଓ ବ୍ୟବସାୟୀମାନେ ଓଡ଼ିଶାରେ ଛୋଟ କାରଖାନା (ଯେପରିକି ଚାଉଳ କଳ, ମସଲା ଗୁଣ୍ଡ ପ୍ଲାଣ୍ଟ, ପ୍ୟାକେଜିଂ ୟୁନିଟ୍) ବସାଇବାକୁ ସହଜ ସୁଯୋଗ ପାଉଛନ୍ତି।

### ଜୁଲାଇ ୭ ପର୍ଯ୍ୟନ୍ତ...

ରହିବ। ସମୁଦ୍ର ଅଶାନ୍ତ ରହିବା ସହ ଘଣ୍ଟାପ୍ରତି ୪୦-୫୦ କିମି ବେଗରେ ପବନ ବହିପାରେ, ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କ୍ରମାଗତ ବର୍ଷା ଯୋଗୁଁ ସହରାଞ୍ଚଳର କେତେକ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇପାରେ, ଏଥିପାଇଁ ସ୍ଥାନୀୟ ପ୍ରଶାସନକୁ ସତର୍କ ରଖାଯାଇଛି।

### ନବୀନ-ପାଣ୍ଡିଆନଙ୍କୁ...

ହେଲିକପ୍ଟର ସେବା ପ୍ରଦାନକାରୀ ସଂସ୍ଥା ଓଏସଏସ ଏୟାର ମ୍ୟାନେଜମେଣ୍ଟକୁ ପ୍ରାୟ ୫୦.୫୫ କୋଟି ଟଙ୍କା ଏବଂ ଜେଟ ସର୍ଭ ଆଭିଏସନ କୁ ପ୍ରାୟ ୫୨.୧୮ କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହା ସମ୍ପୂର୍ଣ୍ଣ ଭାବେ ଜନସାଧାରଣଙ୍କ ଟିକସ ଟଙ୍କା।

ଆରଟିଆଇ ତଥ୍ୟ ଅନୁଯାୟୀ, ଏହି ସବୁ ହାଇ-ପ୍ରୋଫାଇଲ୍ ଗସ୍ତ ଏବଂ ବିପୁଳ ଖର୍ଚ୍ଚ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରଶାସନିକ କିମ୍ବା ବଜେଟ୍ ମଞ୍ଜୁରୀ ନଥିଲା ବୋଲି ପିଟିସନରେ ଦାବି କରାଯାଇଛି। ଆଇନଜୀବୀ ସୁଧୀର ଚରଣ ମହାନ୍ତି ବରିଷ୍ଠ ଓକିଲ ମନୋଜ ନାୟକଙ୍କ ଜରିଆରେ ଏହି ମାମଲା ଦାୟର କରିଛନ୍ତି।

ପୂର୍ବରୁ ଭୁବନେଶ୍ୱର ଏସଡ଼ିଜେଏମ କୋର୍ଟ ଏହି ମାମଲାକୁ ଖାରଜ କରିଦେଇଥିଲେ, କାରଣ ସେତେବେଳେ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟପାଳଙ୍କ ପୂର୍ବ ଅନୁମତି ନଥିଲା। ଆବେଦନକାରୀ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଜିଲ୍ଲା କୋର୍ଟରେ ରିଭିଜନ ପିଟିସନ୍ ଦାୟର କରିଥିଲେ। ଜିଲ୍ଲା ଦୌରା ଜଜ୍ ବି.ଏନ. ମହାନ୍ତି ଏହି ମାମଲାର ଗୁରୁତ୍ୱକୁ ଦେଖି ଏହାକୁ ବିଚାର ପାଇଁ ଗ୍ରହଣ କରି ସମନ ଜାରି କରିଛନ୍ତି। କୋର୍ଟ ନବୀନ ପଟ୍ଟନାୟକ ଏବଂ ଭି.କେ. ପାଣ୍ଡିଆନଙ୍କୁ ଆସନ୍ତା ଜୁଲାଇ ୧୫ ସୁଦ୍ଧା ସେମାନଙ୍କର ଲିଖିତ ଜବାବ ଓ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲିକପ୍ଟର ସେବା ପ୍ରଦାନ କରିଥିବା ସଂସ୍ଥା ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ସମସ୍ତ ଖର୍ଚ୍ଚ ସମ୍ବନ୍ଧୀୟ ଫାଇଲ୍ କୋର୍ଟରେ ଉପସ୍ଥାପନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ବେଦନଶୀଳ ମାମଲାର ପ୍ରଥମ ଆନୁଷ୍ଠାନିକ ଶୁଣାଣି ଆସନ୍ତା ଜୁଲାଇ ୧୫ (ଏବଂ ପରବର୍ତ୍ତୀ ପ୍ରକ୍ରିୟା ଜୁଲାଇ ୧୮) ରେ ହେବ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ କୋର୍ଟ କେବଳ ଅଭିଯୋଗକୁ ଭିତ୍ତି କରି ପକ୍ଷ ରଖିବାକୁ ନୋଟିସ୍ ଦେଇଛନ୍ତି ଏବଂ ମାମଲାର ଗୁଣବତ୍ତା ଉପରେ କୌଣସି ଚୂଡ଼ାନ୍ତ ରାୟ ଦେଇନାହାନ୍ତି। ଏହାକୁ ନେଇ ଓଡ଼ିଶା ରାଜନୀତିରେ ଏବେ ହଲଚଲ ସୃଷ୍ଟି ହୋଇଛି।

### ବିଧାୟକଙ୍କ ନାଁରେ...

ଏବଂ ସାଧାରଣ ଲୋକଙ୍କୁ ମେସେଜ୍ ପଠାଯାଇ ଜରୁରୀକାଳୀନ ସହାୟତା ବାହାନାରେ ଆର୍ଥିକ ସାହାଯ୍ୟ ମଗାଯାଉଥିଲା। ଏହି ଠକେଇ ବିଷୟରେ ଜାଣିବା ପରେ ବିଧାୟକ ଶ୍ରୀ ଦାସ ସୋସିଆଲ ମିଡିଆ ମାଧ୍ୟମରେ ନିଜ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ସତର୍କ କରାଇଛନ୍ତି. କୌଣସି ପ୍ରକାରର ଆର୍ଥିକ କାରବାର ନକରିବାକୁ ସେ ଅନୁରୋଧ କରିଛନ୍ତି। ବିଧାୟକଙ୍କ ଏତଲା ଆଧାରରେ ସାଇବର ସେଲ୍ ମାମଲା ରୁଜୁ କରି ଉକ୍ତ ଫେକ୍ ଆକାଉଣ୍ଟର ଆଇପି ଆଡ୍ରେସ୍ ଏବଂ ମୋବାଇଲ୍ ନମ୍ବରର ସ୍ଥିତି ଯାଞ୍ଚ କରୁଛି। ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ନୂତନ ନିୟମ ଅନୁଯାୟୀ ଏଭଳି ଠକେଇ ରୋକିବା ପାଇଁ ହ୍ୱାଟସଆପ୍ ଆକାଉଣ୍ଟକୁ ଯାଞ୍ଚ ହୋଇଥିବା ସିମ୍ କାର୍ଡ ସହ ଲିଙ୍କ୍ କରିବା ବାଧ୍ୟତାମୂଳକ କରାଯାଉଛି। ଯଦି ଆପଣଙ୍କ ପାଖକୁ ଏଭଳି କୌଣସି ସନ୍ଦେହଜନକ ମେସେଜ୍ ଆସେ, ତେବେ ତୁରନ୍ତ କେନ୍ଦ୍ର ସାଇବର ପୋର୍ଟାଲ୍ ୧୯୩୦ ହେଲ୍ପଲାଇନ ନମ୍ବରରେ ଜଣାନ୍ତୁ.

### ରହସ୍ୟ ଘେରରେ ମହିଳା...

ଭଙ୍ଗାଯିବା ପରେ ଭିତରେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ବ୍ୟୁଟି ମହାନ୍ତି ନିକଟରେ ହିଁ କଟକର ଚାଉଳିଆଗଞ୍ଜ ଥାନାର ଆଇଆଇସିଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଦିଗକୁ ଆଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କଟକ ଚାଉଳିଆଗଞ୍ଜ ଥାନା ମହିଳା ଆଇଆଇସି ବ୍ୟୁଟି ମହାନ୍ତିଙ୍କ ମୃତ୍ୟୁ ମାମଲାରେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସଦ୍ୟତମ ସୂଚନା ଏବଂ ପୋଲିସର ଆନୁଷ୍ଠାନିକ ପ୍ରତିକ୍ରିୟା ମିଳି ପାରି ନାହିଁ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ କଟକର ବରିଷ୍ଠ ପୋଲିସ ଅଧିକାରୀ ଏବଂ ଏକ ସାଇଣ୍ଟିଫିକ୍ ଟିମ୍ ତୁରନ୍ତ ଚାଉଳିଆଗଞ୍ଜ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ପହଞ୍ଚିଛନ୍ତି। ପୋଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ମୃତ୍ୟୁକୁ ଏକ "ରହସ୍ୟଜନକ ମୃତ୍ୟୁ" ଭାବେ ଗ୍ରହଣ କରାଯାଇଛି। ପୋଲିସ କେବଳ ଆତ୍ମହତ୍ୟା ନୁହେଁ, ବରଂ ଏହା ପଛରେ କୌଣସି ଅପରାଧିକ ଷଡ଼ଯନ୍ତ୍ର ରହିଛି କି ନାହିଁ, ସେହି ସମସ୍ତ ଦିଗକୁ ଆଧାର କରି ତଦନ୍ତ କରୁଛି। ପୋଲିସ ସ୍ପଷ୍ଟ କରିଛି ଯେ ମୃତଦେହକୁ କଟକ ଏସସିବି ମେଡିକାଲ କଲେଜକୁ ପଠାଯାଇଛି। ପୋଷ୍ଟମର୍ଟମର ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ ସମୟ ଏବଂ କାରଣ ଜଣାପଡ଼ିବ। ସାଇଣ୍ଟିଫିକ୍ ଟିମ୍ କ୍ୱାର୍ଟର୍ସ ଭିତରୁ ବ୍ୟୁଟି ମହାନ୍ତିଙ୍କ ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ଜବତ କରିଛି। ଶେଷ ସମୟରେ ସେ କାହା ସହ କଥା ହୋଇଥିଲେ, ତାହା ଜାଣିବା ପାଇଁ କଲ୍ ଡିଟେଲ୍ସ ରେକର୍ଡ ଯାଞ୍ଚ କରାଯାଉଛି। ସେ ନିକଟରେ ଚାଉଳିଆଗଞ୍ଜ ଥାନାର ଦାୟିତ୍ୱ ନେଇଥିବାରୁ, କୌଣସି ମାନସିକ ଚାପ କିମ୍ବା ବ୍ୟକ୍ତିଗତ ସମସ୍ୟା ଥିଲା କି ନାହିଁ ତାହା ଜାଣିବା ପାଇଁ ଥାନାର ଅନ୍ୟ କର୍ମଚାରୀ ଓ ସହକର୍ମୀମାନଙ୍କୁ ପଚରାଉଚରା କରାଯାଉଛି।

### ଓଡ଼ିଶା ଗସ୍ତରେ କଂଗ୍ରେସ...

ରିପୋର୍ଟ ସଂଗ୍ରହ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ପିଏସି ବୈଠକ ବସିଥିଲା। ଏଥିରେ ବିଜେପି ସରକାରର ଜନବିରୋଧୀ ନୀତି ଏବଂ ଦୁର୍ନୀତି ବିରୋଧରେ କଂଗ୍ରେସ କିପରି ଏକ ବଡ଼ ଆନ୍ଦୋଳନ କରିବ, ସେନେଇ ରଣନୀତି ପ୍ରସ୍ତୁତ ହୋଇଛି। ଓଡ଼ିଶା କଂଗ୍ରେସର ସବୁଠାରୁ ବଡ଼ ସମସ୍ୟା ହେଉଛି ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ। ଲାଲଜୀ ଦେଶାଇ ଦଳରେ କଠୋର ଶୃଙ୍ଖଳା ରକ୍ଷା କରିବାକୁ ନେତା ଓ କର୍ମୀମାନଙ୍କୁ ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ବିଜେଡି ଭିତରେ ଥିବା ଆଭ୍ୟନ୍ତରୀଣ ଅସନ୍ତୋଷର ସୁଯୋଗ ନେଇ କଂଗ୍ରେସ କିପରି ଓଡ଼ିଶାରେ ନିଜର ହରାଇଥିବା ସ୍ଥାନ ଫେରିପାଇବ, ତାହା ଲାଲଜୀଙ୍କ ପାଇଁ ସବୁଠାରୁ ବଡ଼ ଟାସ୍କ। ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଦଳ ଏବେଠାରୁ ରୋଡମ୍ୟାପ୍ ପ୍ରସ୍ତୁତ କରୁଛି। ଲାଲଜୀ ଦେଶାଇଙ୍କ ଏହି ନୂଆ ଇନିଂସ ଏବଂ ମାରାଥନ୍ ବୈଠକ କାରଣରୁ ଓଡ଼ିଶା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ନୂଆ ଉତ୍ସାହ ଦେଖିବାକୁ ମିଳିଛି।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ଏ ସପ୍ତାହର ପ୍ରମୁଖ ଖବର

- ✦ ରାଜ୍ୟର ୧୦ଟି ପ୍ରମୁଖ ସହରରେ ଜଳବନ୍ଦୀ ସମସ୍ୟା ଓ ସହରାଞ୍ଚଳ ବନ୍ୟାର ମୁକାବିଲା ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ପାଣ୍ଠି ମଞ୍ଜୁର।
- ✦ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଣସର ସମୟର ପଞ୍ଚମ ଦିନରେ ଥିଆଜି ଶ୍ରୀବିଗ୍ରହମାନଙ୍କ ନିକଟରେ ଫୁଲୁରୀ ତେଲଧ ଲାଗି ଓ ଓଷୁଅ ପ୍ରଲେପ କାର୍ଯ୍ୟ ସେବାୟତମାନଙ୍କ ଦ୍ୱାରା ଚାଲିଛି।
- ✦ ବାତ୍ୟା ଓ କାଳବୈଶାଖୀର ସଠିକ୍ ଆକଳନ ପାଇଁ ଓଡ଼ିଶାରେ ଥ୬ଟି ନୂଆ ଡପ୍ଲର ରାଡାର ନେଟୱାର୍କଧ ସ୍ଥାପନ କରାଯାଉଛି।
- ✦ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରୀତିନୀତି ସମ୍ପର୍କିତ ପ୍ରାୟ ୯୭ଟି ଆଇ-ଜେନେରେଟେଡ୍ ବିଭ୍ରାନ୍ତିକର ଫଟୋକୁ ତୀବ୍ର ବିରୋଧ ପରେ ସୋସିଆଲ ମିଡିଆରୁ ହଟାଇ ଦିଆଯାଇଛି।
- ✦ ଓଡ଼ିଶା ପୋଲିସର ଏସ୍‌ଟିଏଫ୍ ଟିମ୍ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ରାକେଟ୍‌ର ମୁଖ୍ୟ କିଙ୍ଗପିନ୍ ସମେତ ୪ ଜଣଙ୍କୁ ଗିରଫ ।
- ✦ ଭିନ୍ନକ୍ଷମମାନଙ୍କ ସଫଳତା କାହାଣୀକୁ ନେଇ ଓଡ଼ିଶାରେ 'ସାମର୍ଥ୍ୟ-୨୦୨୬' ସର୍ଟ ଫିଲ୍ମ ଫେଷ୍ଟିଭାଲ ଆୟୋଜନ ହେବାକୁ ଯାଉଛି।
- ✦ ବିଦ୍ୟାଳୟ ପାଠ୍ୟପୁସ୍ତକରେ ଥିବା ତ୍ରୁଟିଗୁଡ଼ିକୁ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ଯାଞ୍ଚ କରାଯାଇ ଖୁବଶୀଘ୍ର ତ୍ରୁଟିଶୂନ୍ୟ ବହି ୱେବସାଇଟ୍‌ରେ ଉପଲବ୍ଧ ହେବ ବୋଲି ଗଣଶିକ୍ଷା ସଚିବ ସୂଚନା।
- ✦ ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଉପରେ ଜଳସମ୍ପଦ ବିଭାଗ ତୀକ୍ଷ୍ଣ ନଜର।
- ✦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥଯୋଧପୁର ଏୟାରପୋର୍ଟରେ ନୂତନ ଟର୍ମିନାଲ ବିଲ୍ଡିଂର ଉଦ୍‌ଘାଟନ କରିବା ସହ ସଂଶୋଧିତ 'ଉଡାନ୍' ଯୋଜନାର ଶୁଭାରମ୍ଭ।
- ✦ ମଣିପୁରର ସୁରକ୍ଷା ସ୍ଥିତିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ।
- ✦ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ରୂପେ ନରୋକିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରହିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।
- ✦ କୋଲକାତାରେ ଟିଏମସିର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ର ରୂପ । ବିରୋଧୀ ଦଳ ନେତାଙ୍କ ସମର୍ଥକ ଦଳୀୟ ମୁଖ୍ୟାଳୟକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି।
- ✦ ଗୁଜରାଟ ଏଟିଏସ୍ ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ସହ ସମ୍ପୃକ୍ତି ଅଭିଯୋଗରେ ଗୁଜରାଟ ଓ ମଧ୍ୟପ୍ରଦେଶରୁ ୮ ଜଣଙ୍କୁ ଗିରଫ।
- ✦ ଲାଦାଖ ଅଞ୍ଚଳର ସାଂସ୍କୃତିକ ଓ ଭୌଗୋଳିକ ସୁରକ୍ଷା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆର୍ଟିକିଲ ୩୭୧ ଅଧୀନରେ ଏକ ସ୍ୱତନ୍ତ୍ର ମଡେଲ୍ ପ୍ରସ୍ତୁତ।
- ✦ ଅତ୍ୟଧିକ କ୍ଲାନ୍ତି ଯୋଗୁଁ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଥାଣେର ଏକ ହସ୍ପିଟାଲରେ ଭର୍ତ୍ତି ।
- ✦ ଅଯୋଧ୍ୟା ରାମ ମନ୍ଦିରରେ ଚଢ଼ାଉ ଚୋରି ବିବାଦ ପରେ ଟଙ୍କା ଗଣୁଥିବା କର୍ମଚାରୀଙ୍କ ପାଇଁ 'ନୋ-ପକେଟ୍' (ପକେଟ୍ ନଥିବା) ପୋଷାକ ବାଧ୍ୟତାମୂଳକ।
- ✦ ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଭୂମିକମ୍ପ ଯୋଗୁଁ ମୃତ୍ୟୁ ସଂଖ୍ୟା ୨,୬୪୫ରେ ପହଞ୍ଚିଛି ଏବଂ ହଜାର ହଜାର କୋଠାବାଡ଼ି କ୍ଷତିଗ୍ରସ୍ତ ।
- ✦ ଇରାନର ସର୍ବୋଚ୍ଚ ନେତା ଆଲି ଖାମେନେଇଙ୍କ ଜନାଜା (ଶୋକଯାତ୍ରା) ଅବସରରେ କଡ଼ା ସୁରକ୍ଷା ମଧ୍ୟରେ ଲକ୍ଷ ଲକ୍ଷ ଲୋକ ସାମିଲ।

## ଓଡ଼ିଶାରେ ୨୦୩୬ ଅଲିମ୍ପିକ୍ସ ଲକ୍ଷ୍ୟ

# ହଜାର କୋଟିରେ ନିର୍ମାଣ ହେବ ସ୍ପୋର୍ଟସ କମ୍ପ୍ଲେକ୍ସ



ଭୁବନେଶ୍ୱର, ୦୪/୦୭(ଜେଏନ୍‌ଏସ୍) : ଭୁବନେଶ୍ୱର ଗୋଠପାଟଣାଠାରେ ନିର୍ମାଣ ହେବାକୁ ଥିବା ମେଗା ସ୍ପୋର୍ଟସ କମ୍ପ୍ଲେକ୍ସ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଏହି ଅତ୍ୟାଧୁନିକ ମଲ୍ଟି-ପର୍ପସ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ୧,୦୦୦ କୋଟି ଟଙ୍କା ବ୍ୟୟ କରାଯିବ । ଗୋଠପାଟଣା ଅଞ୍ଚଳରେ ପ୍ରାୟ ୧୫୦ ଏକର ଜମିରେ ଏହି ବିଶାଳ ସ୍ପୋର୍ଟସ ବ୍ୟାଲି ଗଢିଉଠିବ । 'ଭୁବନେଶ୍ୱର ନ୍ୟୁ ସିଟି' ପ୍ରକଳ୍ପ ଅଧୀନରେ ସିଙ୍ଗାପୁରର ପ୍ରସିଦ୍ଧ ପ୍ଲାନିଂ କନସଲଟାନ୍ସି 'ସୁରବାନା ଜୁରୋଙ୍ଗ' ଏହାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛନ୍ତି ।

ଏହି କମ୍ପ୍ଲେକ୍ସର ଆକାର ଏବଂ ସୁବିଧା ସୁଯୋଗ କଳିଙ୍ଗ ଷ୍ଟାଡିୟମକୁ ମଧ୍ୟ ପଛରେ ପକାଇଦେବ ବୋଲି ଆଶା କରାଯାଉଛି । ଏଥିରେ ସାଇକେଲ ଚାଳନା ପାଇଁ ଆନ୍ତର୍ଜାତୀୟ ସ୍ତରର ସ୍ୱତନ୍ତ୍ର ଟ୍ରାକ୍,ତୀରନ୍ଦାଜୀ ଖେଳାଳିଙ୍କ ପାଇଁ ଏକ ସ୍ୱତନ୍ତ୍ର ଓ ଆଧୁନିକ ଷ୍ଟାଡିୟମ,ବିଭିନ୍ନ କ୍ରୀଡ଼ା ପାଇଁ ଉଚ୍ଚକୋଟୀର ପ୍ରଶିକ୍ଷଣ କେନ୍ଦ୍ର, ଆଥଲେଟମାନଙ୍କ ଦୌଡ଼ ଏବଂ ସାଧାରଣ ଫିଟନେସ ଅଭ୍ୟାସ ପାଇଁ ୫କିଲୋମିଟରର ଦୀର୍ଘ ଟ୍ରାକ୍,ଖେଳାଳିମାନଙ୍କ ରହିବା ପାଇଁ ଆଧୁନିକ ପ୍ରଶିକ୍ଷଣ ଆବାସିକ ବ୍ୟବସ୍ଥା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ଓପନ-ଏୟାର ଆମ୍ଫିଥିଏଟର ଭଳି ଅନ୍ୟାନ୍ୟ ସୁବିଧା ରହିଛି ।

ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଯେପରି ବିଶ୍ୱସ୍ତରରେ ଚାମ୍ପିଅନ ହୋଇପାରିବେ, ସେଥିପାଇଁ ଏହାକୁ ଏକ 'ଗ୍ରାଉଣ୍ଡୱାର୍କ ଟୁ ଗ୍ଲୋରୀ' ମଡେଲ ଭାବେ ଗଢାଯାଉଛି । ଭାରତ ତଥା ବିଶ୍ୱର ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶାକୁ ଆକର୍ଷିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଘୋଷିତ ଏହି ୫,୦୦୦ କୋଟିର ମୋଟ କ୍ରୀଡ଼ା ପୁଞ୍ଜିନିବେଶ ମଧ୍ୟରେ ଏହି ଗୋଠପାଟଣା ପ୍ରକଳ୍ପ ସବୁଠାରୁ ପ୍ରମୁଖ ଅଟେ ।

# ଶ୍ରୀଲଙ୍କା ଗସ୍ତରେ ଭାରତୀୟ କ୍ରିକେଟ ଦଳ



ନୂଆଦିଲ୍ଲୀ, ୦୪/୦୭ : ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ଭାରତୀୟ କ୍ରିକେଟ ଦଳର ଆଗାମୀ ଶ୍ରୀଲଙ୍କା ଗସ୍ତ ସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଚଳିତ ଅଗଷ୍ଟ ୨୦୨ରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରି ୨ଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ । ଏହି ସିରିଜ୍ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଏହାର ପ୍ରଥମ ଟେଷ୍ଟ ଅଗଷ୍ଟ ୧୫ରୁ ୧୯ ମଧ୍ୟରେ ସକାଳ ୧୦ଟାରୁ ଗାଲେ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ଏବଂ ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ ରୁ ୨୭ ସକାଳ ୧୦ଟାରୁ କଲମ୍ବୋର ସିଂହଳିଜ୍ ସ୍ପୋର୍ଟସ କ୍ଲବରେ ଖେଳାଯିବା ନେଇ ସ୍ଥିର କରାଯାଇଛି ।

ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ମାନ୍ୟତାରେ ଭାରତୀୟ ଦଳ ପଞ୍ଚମ ସ୍ଥାନରେ ରହିଥିବା ବେଳେ ଶ୍ରୀଲଙ୍କା ଷଷ୍ଠ ସ୍ଥାନରେ ରହିଛି. ଫାଇନାଲ୍ ରେସ୍‌ରେ ରହିବା ପାଇଁ ଦୁଇ ଦଳଙ୍କ ପାଇଁ ଏହି ସିରିଜ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତ ଶେଷ ଥର ପାଇଁ ୨୦୧୭ ମସିହାରେ ଶ୍ରୀଲଙ୍କା ଗସ୍ତ କରି ୩-୦ ରେ ଟେଷ୍ଟ ସିରିଜ୍ ଜିତିଥିଲା । ଦୀର୍ଘ ୯ ବର୍ଷ ପରେ ଭାରତୀୟ ଦଳ ସେଠାରେ ପୁଣି ରେଡ୍-ବଲ୍ କ୍ରିକେଟ୍ ଖେଳିବ । ଶ୍ରୀଲଙ୍କାର ପିଚ୍ ସାଧାରଣତଃ ସ୍ପିନରମାନଙ୍କୁ ସହାୟତା କରିଥାଏ. ତେଣୁ ଶ୍ରୀଲଙ୍କା ମାଟିରେ ସେମାନଙ୍କ ଘରୋଇ ସ୍ପିନରଙ୍କ ସାମ୍ନା କରିବା ଭାରତୀୟ ବ୍ୟାଟରଙ୍କ ପାଇଁ ଏକ ବଡ଼ ପରୀକ୍ଷା ହେବ।

ଏହି ଦୁଇଟି ଟେଷ୍ଟ ବ୍ୟତୀତ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ଏହି ଗସ୍ତରେ ୩ଟି ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଯୋଡ଼ିବା ପାଇଁ ବିସିସିଆଇ ସହ ଆଲୋଚନା କରୁଛି, କିନ୍ତୁ ଏପର୍ଯ୍ୟନ୍ତ ଏହାର ଆନୁଷ୍ଠାନିକ ତାରିଖ ଘୋଷଣା ହୋଇନାହିଁ।

## ୟୁକେ ଗସ୍ତରେ

# ଭାରତୀୟ ମହିଳା ଦଳ



ନୂଆଦିଲ୍ଲୀ, ୦୪/୦୭ : ୟୁନାଇଟେଡ୍ କିଙ୍ଗଡମ୍ ଗସ୍ତ ପାଇଁ ଘୋଷଣା ହୋଇଥିବା ଭାରତୀୟ କନିଷ୍ଠ ମହିଳା ହକି ଦଳ ଗୁରୁବାର ରାତିରେ ବେଙ୍ଗାଲୁରୁ ବିମାନବନ୍ଦରରୁ ଯାତ୍ରା ଆରମ୍ଭ କରିଛନ୍ତି।

ଆଗାମୀ 'କନିଷ୍ଠ ଏସିଆ କପ୍' ପ୍ରସ୍ତୁତି ଲାଗି ଏହି ଏକ୍ସପୋଜର ଟୁର୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ. ଏହି ଗସ୍ତ ଜୁଲାଇ ୫ ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ୯ ଦିନିଆ ଗସ୍ତରେ ଭାରତୀୟ ଦଳ ମୋଟ ୭ଟି ମ୍ୟାଚ୍ ଖେଳିବ । ଆସନ୍ତା ଜୁଲାଇ ୫ ଓ ୬ ତାରିଖରେ ପ୍ରଥମେ ସ୍କଟଲ୍ୟାଣ୍ଡର ଏଡିନବର୍ଗ ବିଶ୍ୱବିଦ୍ୟାଳୟ ପଡ଼ିଆରେ ସେଠାକାର ବରିଷ୍ଠ (ଝରଭସକ୍ସ) ମହିଳା ଦଳ ସହ ୨ଟି ମ୍ୟାଚ୍ ଖେଳାଯିବ । ଏହାପରେ ଦଳ ଇଂଲଣ୍ଡର ଲିଲେସଲ୍ ନ୍ୟାସନାଲ ସ୍ପୋର୍ଟସ ସେଣ୍ଟରକୁ ଯାତ୍ରା କରିବ. ସେଠାରେ ଆମେରିକା (ଟ-୨୧) ବିପକ୍ଷରେ ଜୁଲାଇ ୮ ଓ ୧୧, ଇଂଲଣ୍ଡ (ଟ-୨୧) ବିପକ୍ଷରେ ଜୁଲାଇ ୯ ଓ ୧୨ ଏବଂ ଶେଷ ମ୍ୟାଚ୍ ଜୁଲାଇ ୧୪ରେ ବେଲ୍‌ଜିୟମ୍ (ଟ-୨୧) ବିପକ୍ଷରେ ଖେଳିବ।

ଏହି ୨୪ ଜଣିଆ ଯୁବ ଦଳର ନେତୃତ୍ୱ ଭାର ଖାଇଡେମ ଶିଲେଇମା ଚାନୁଙ୍କୁ ପ୍ରଦାନ କରାଯାଇଛି । ନୂତନ ଭାବେ ନିଯୁକ୍ତ ଅଷ୍ଟ୍ରେଲିଆର ଟିମ୍ ହ୍ୱାଇଟ୍‌ଙ୍କ କୋଚିଂରେ ଭାରତୀୟ ଦଳର ଏହା ପ୍ରଥମ ପ୍ରମୁଖ ଆନ୍ତର୍ଜାତୀୟ ଅଭିଯାନ । ଓଡ଼ିଶାର କ୍ରୀଡ଼ା ପ୍ରେମୀଙ୍କ ପାଇଁ ଗର୍ବର ବିଷୟ ଯେ, ଏହି ଜାତୀୟ ଦଳରେ ଓଡ଼ିଶାର ୪ ଜଣ ପ୍ରତିଭାବାନ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଇଙ୍ଗିଲ ହର୍ଷରାଣୀ ମିଞ୍ଜ (ଗୋଲକିପର), ପୂଜା ସାହୁ (ଡିଫେଣ୍ଡର), ସୁପ୍ରିୟା କୁଜୁର (ମିଡ୍‌ଫିଲ୍ଡର), ତନୁଜା ଟୋପ୍ପୋ (ମିଡ୍‌ଫିଲ୍ଡର) ।

ଭାରତୀୟ ଦଳଙ୍କ ଭିତରେ ନିଧି, ଇଙ୍ଗିଲ ହର୍ଷରାଣୀ ମିଞ୍ଜ (ଗୋଲକିପର),ଡିଫେଣ୍ଡରମାନେ ହେଲେ ପୂଜା ସାହୁ, ସୁପ୍ରିୟା, ମଧୁ, ଏଫ୍ ଲାଲବି ଅକ୍‌ସିଆମି, ଲାଲନେଇପୁଇ, ପାର୍ବତୀ ଟୋପ୍ପୋ ଏବଂ ମିଡ୍‌ଫିଲ୍ଡର ଖାଇଡେମ ଶିଲେଇମା ଚାନୁ (ଅଧିନାୟକ), ତନୁଜା ଟୋପ୍ପୋ, ସୁପ୍ରିୟା କୁଜୁର, ପୂଜା ମଲ୍ଲିକ, ବିନିମା ଧାନ, ଗୀତା ଯାଦବ, ରୋଶନୀ ଆଇନ୍ଦ, ତନୁଶ୍ରୀ ଦିନେଶ କାଦୁ,ଫରୱାର୍ଡ ଖେଳାଳୀମାନେ ହେଲେ ସୁଖବୀର କୌର, ଶଶି ଖାସା, ଲାଲରିନପୁଇ, ନିଶା ମିଞ୍ଜ, ପୂର୍ଣ୍ଣିମା ଯାଦବ, କାଜଲ, ସାନିକା ଚନ୍ଦ୍ରକାନ୍ତ ମାନେ, କୃଷ୍ଣା ଶର୍ମା ପ୍ରମୁଖ।

# ୱିମ୍ବଲଡନ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଲା ଭାରତ

ଇଂଲଣ୍ଡ, ୦୪/୦୭ : ପ୍ରତିଷ୍ଠିତ ୱିମ୍ବଲଡନ ୨୦୨୬ ଟେନିସ ପ୍ରତିଯୋଗିତାରୁ ଭାରତ ପାଇଁ ଏକ ନିରାଶାଜନକ ଖବର ଆସିଛି। ଯେଉଁଠି ପ୍ରଥମ ରାଉଣ୍ଡରେ ହିଁ ସମସ୍ତ ଭାରତୀୟ ଖେଳାଳି ପରାଜିତ ହୋଇ ବିଦାୟ ନେଇଛନ୍ତି।

ଚଳିତ ବର୍ଷ ୱିମ୍ବଲଡନର ସିଙ୍ଗଲ୍ସ କିମ୍ବା ମିକ୍ସଡ୍ ଡବଲ୍ସରେ କୌଣସି ଭାରତୀୟ ଏଣ୍ଟ୍ରି ନଥିଲା. କେବଳ ପୁରୁଷ ଡବଲ୍ସରେ ଭାରତର ଆଶା ରହିଥିଲା, ମାତ୍ର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ସମସ୍ତ ତିନିଜଣ ଭାରତୀୟ ପ୍ରତିନିଧି ନିଜ ନିଜ ସାଥୀଙ୍କ ସହ ହାରିଯିବା ପରେ ଚଳିତ ୱିମ୍ବଲଡନରେ ଭାରତର ଅଭିଯାନ ସମ୍ପୂର୍ଣ୍ଣ ଶେଷ ହୋଇଯାଇଛି ।

ଏହି ମ୍ୟାଚ୍ ଯୁକ୍ତି ଭାମ୍ବ୍ରି ଓ ମାଇକେଲ୍ ଭେନସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ଡବଲ୍ସ ଖେଳାଳି ଯୁକ୍ତି ଭାମ୍ବ୍ରି ଏବଂ ତାଙ୍କ ନ୍ୟୁଜିଲାଣ୍ଡ ସାଥୀ ମାଇକେଲ୍ ଭେନସ୍‌ଙ୍କ ଯୋଡ଼ି ପ୍ରଥମ ରାଉଣ୍ଡରେ ଷ୍ଟ୍ରେଟ୍ ସେଟ୍‌ରେ ପରାଜିତ ହୋଇଛନ୍ତି । ସେମାନେ ନେଦରଲ୍ୟାଣ୍ଡର ଅଭିଜ୍ଞ ଜିନ୍-ଜୁଲିଏନ୍ ରୋଜର୍ ଏବଂ ଆମେରିକାର ଥିଓଡୋର ୱାଇନେଗାରଙ୍କଠାରୁ ୩-୬, ୪-୬ ସ୍କୋରରେ ହାରିଯାଇଥିଲେ. ଭାମ୍ବ୍ରି ଓ ଭେନସ୍ ପ୍ରଥମ ସେଟ୍‌ର ଷଷ୍ଠ ଗେମ୍ ଏବଂ ଦ୍ୱିତୀୟ ସେଟ୍‌ର ସପ୍ତମ ଗେମ୍‌ରେ ନିଜ ସର୍ଭିସ୍ ହରାଇ ମ୍ୟାଚ୍‌ରୁ ବିଦାୟ ନେଇଥିଲେ ।

ଏହାପରେ ନିକଟରେ ଫ୍ରେଞ୍ଚ ଓପନ୍ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ଓଲିମ୍ପିଆନ୍ ଏନ୍. ଶ୍ରୀରାମ ବାଲାଜୀ ଏବଂ ତାଙ୍କ ବ୍ରାଜିଲ୍ ସାଥୀ ମାର୍ସେଲୋ ଡେମୋଲିନର୍‌ଙ୍କ ଯୋଡ଼ି ପ୍ରଥମ ସେଟ୍ ଜିତି ଭଲ ଆରମ୍ଭ କରିଥିଲେ ମଧ୍ୟ ସେମାନେ ମ୍ୟାଚ୍ ବଜାୟ ରଖିପାରିନଥିଲେ । ସେମାନେ ବେଲ୍‌ଜିୟମ୍‌ର ସାଣ୍ଡର ଗିଲେ ଏବଂ ନେଦରଲ୍ୟାଣ୍ଡର ସେମ ଭର୍ବିକ୍‌ଙ୍କଠାରୁ ୬-୩, ୬-୭ (୨-୭), ୪-୬ ସ୍କୋରରେ ଦୁଇ ଘଣ୍ଟାରୁ ଅଧିକ ସମୟର ସଂଘର୍ଷ ପରେ ପରାଜିତ ହୋଇଥିଲେ. ଦ୍ୱିତୀୟ ସେଟ୍‌ର ଟାଇ-ବ୍ରେକର ଏବଂ ନିର୍ଣ୍ଣାୟକ ତୃତୀୟ ସେଟ୍‌ର ପ୍ରଥମ ଗେମ୍‌ରେ ସର୍ଭିସ୍ ବ୍ରେକ୍ ହେବା ଭାରତୀୟ ଯୋଡ଼ି ପାଇଁ ମହଙ୍ଗା ପଡ଼ିଥିଲା ।

ୱିମ୍ବଲଡନରେ ପଦାର୍ପଣ କରିଥିବା ଅନିରୁଦ୍ଧ ଚନ୍ଦ୍ରଶେଖର ଏବଂ ଜାପାନର ତାକେରୁ ୟୁଜୁକିଙ୍କ ଯୋଡ଼ିଙ୍କ ପାଇଁ ଏହି ମ୍ୟାଚ୍ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା, ଯେଉଁଠି ସେମାନେ ଅନ୍ତିମ ସେଟ୍‌ର ସୁପର ଟାଇ-ବ୍ରେକର ପର୍ଯ୍ୟନ୍ତ ଯାଇ ହାରିଥିଲେ । କାନାଡାର ଇଗ୍ନାସିଓ ବୁସେ ଏବଂ ଆର୍ଜେଣ୍ଟିନାର ମାର୍କୋ ଟ୍ରୁଙ୍ଗେଲିଟିଙ୍କ ଯୋଡ଼ିଙ୍କଠାରୁ ସେମାନେ ୪-୬, ୭-ଏରଭରକ୍ସ, ୬-୭ (୭-୧୦) ରେ କଡ଼ା ଟକ୍କର ପରେ ପରାସ୍ତ ହୋଇଥିଲେ । ଭାରତୀୟ ପ୍ରଶଂସକମାନେ ଚଳିତ ୱିମ୍ବଲଡନ ଡବଲ୍ସରେ ଏକ ବଡ଼ ସଫଳତା ଆଶା କରୁଥିଲେ ମଧ୍ୟ, ଗୋଟିଏ ଦିନରେ ସମସ୍ତ ତିନି ମ୍ୟାଚ୍‌ରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହେବା କ୍ରୀଡ଼ା ପ୍ରେମୀଙ୍କୁ ବେଶ୍ ଆଘାତ ଦେଇଛି।

# ଜଳବନ୍ଦୀରେ ସୁପରଷ୍ଟାରଙ୍କ ବଙ୍ଗଳା

ମୁମ୍ବାଇ, ୦୪/୦୭: ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ବଲିଉଡର ଅନେକ ବଡ଼ ବଡ଼ ସେଲିବ୍ରିଟି ଓ ଟିଭି ତାରକାମାନଙ୍କ ଘରେ ପାଣି ପଶିଯାଇଛି। ନିକଟରେ ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସୁପରଷ୍ଟାର୍‌ମାନଙ୍କ ବଙ୍ଗଳା ବାହାରେ ଏବଂ ଆପାର୍ଟମେଣ୍ଟ ଭିତରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଲୋକପ୍ରିୟ ଟିଭି ଅଭିନେତ୍ରୀ ଅଶନୂର କୌରଙ୍କ ମୁମ୍ବାଇସ୍ଥିତ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟର ବାଲକୋନି ଏବଂ ଲିଭିଙ୍ଗ୍ ରୁମ୍ ଭିତରକୁ ପ୍ରବଳ ପାଣି ପଶି ଆସିଥିଲା। ସେ ସୋସିଆଲ ମିଡିଆରେ ଏହାର ଭିଡିଓ ସେୟାର କରିବା ପରେ ଚର୍ଚ୍ଚା ଜୋର ଧରିଥିଲା। ତେବେ ପରେ ସେ ସ୍ପଷ୍ଟ କରିଥିଲେ ଯେ ଏହା କେବଳ ବର୍ଷା ପାଇଁ ନୁହେଁ, ବରଂ ତାଙ୍କ ଫ୍ଲାଟର ଏକ ପାଇପ୍ ଫାଟିଯିବା ଯୋଗୁଁ ଏପରି ହୋଇଥିଲା। ସେଫ୍ଟି ଟିମ୍ ସହାୟତାରେ ପାଣିକୁ ତୁରନ୍ତ ସଫା କରାଯାଇଥିଲା। ବଲିଉଡର ମହାନାୟକ ଅମିତାଭ ବଚ୍ଚନଙ୍କ ଜୁହୁସ୍ଥିତ ପ୍ରସିଦ୍ଧ ବଙ୍ଗଳା 'ପ୍ରତୀକ୍ଷା', ଐଶ୍ୱର୍ଯ୍ୟା ରାୟଙ୍କ ବଙ୍ଗଳା 'ଜଲସା', ଅଜୟ ଦେବଗନଙ୍କ ଆଲିସାନ ବଙ୍ଗଳା 'ଶିବ ଶକ୍ତି', ରାନୀ ମୁଖାର୍ଜୀ ଏବଂ ଆଦିତ୍ୟ ଚୋପ୍ରାଙ୍କ ଭଳି ଷ୍ଟାର୍ ଦମ୍ପତିଙ୍କ ଘର ବାହାରେ ମଧ୍ୟ ମୁମ୍ବାଇ ବର୍ଷା ଯୋଗୁଁ ପ୍ରବଳ ପାଣି ଜମି ରହିଛି।



| ADVERTISEMENT TARIFF | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |



# "ଆମେ ସ୍ୱାର୍ଥବାଦୀ ନା ସ୍ୱାଭିମାନୀ"



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ସେ ମରିଲା ନାହିଁ, ସେ ନ୍ୟାୟର ଶେଷ ମଶାଲ୍ ଜାଳିଗଲା। (ଗୋଟିଏ ପୁରୁଷ, ଗୋଟିଏ ସତ୍ୟ, ଆଉ ସମଗ୍ର ବ୍ୟବସ୍ଥା ବିରୁଦ୍ଧରେ ଗୋଟିଏ ଅକ୍ଷର ଯୁଦ୍ଧ) । ନବ କିଶୋର ଶେଷ ସ୍ୱାକ୍ଷର.... । ଇତିହାସ ଲେଖାଯାଏ ରାଜାମାନଙ୍କ ବିଜୟରେ, କିନ୍ତୁ ମନୁଷ୍ୟତା ଲେଖାଯାଏ ନବ କିଶୋର ଭଳି ସାଧାରଣ ପୁରୁଷମାନଙ୍କ ପରାଜୟରେ। ଛବିରାଣୀ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ, ଲଡୁଆ ସ୍ୱାମୀ ନବ କିଶୋର ଆଜି ନାହାନ୍ତି । ସେ ଚାଲିଗଲେ, କିନ୍ତୁ ସେ ଚାଲିଯିବା ଭଳି ଯାଇନାହାନ୍ତି । ସେ ଯାଇଛନ୍ତି ଗୋଟେ ପ୍ରଶ୍ନ ଛାଡ଼ି - 'ଗୋଟିଏ ପୁରୁଷ ନିଜ ସ୍ତ୍ରୀକୁ ନ୍ୟାୟ ଦେବା ପାଇଁ କ'ଣ କରି ନ ପାରେ' ? ଉତ୍ତର ହେଉଛି - ସେ ସବୁକିଛି କରେ ସେ ଏମିତି କି ନିଜକୁ ବି ହାରିଦିଏ ।

ନବ କିଶୋର ଥିଲେ 'ଅନ୍ତିମ ସାକ୍ଷୀ' । ଯେତେବେଳେ ବ୍ୟବସ୍ଥା ଆଖି ବୁଜିଦେଲା, ସେ ଆଖି ଖୋଲିଲେ, ଯେତେବେଳେ ଫାଇଲ୍ ଧୂଳିରେ ପଡ଼ିଲା, ସେ ତା' ଧୂଳି ସଫା କରି କୋର୍ଟର ଚକ୍କର କାଟିଲେ, ଯେତେବେଳେ ସମାଜ କହିଲା 'କିଛି ହେବନି ଭାଇ', ସେ କହିଲେ 'ହେବା ଦରକାର' । ତାଙ୍କ ପାଇଁ ନ୍ୟାୟ ମାନେ ଆଇନର ଧାରା ନଥିଲା, ନ୍ୟାୟ ମାନେ ଥିଲା ତାଙ୍କ ସ୍ତ୍ରୀର ଶେଷ ନିଶ୍ୱାସର ଋଣ ଶୁଝିବା ।

ଲୋକେ କୁହନ୍ତି - ପୁରୁଷ କାନ୍ଦେନି । ନବ କିଶୋର କାନ୍ଦିଲେନି, ସେ ଜଳିଲେ ଏବଂ ତାଙ୍କ ଛାତି ଭିତରେ ଜଳୁଥିଲା ଗୋଟେ 'ଦାୟିତ୍ୱର ଦାବାନଳ' । ସେ ଦାବାନଳ ତାଙ୍କୁ ଖାଇଦେଲା, କିନ୍ତୁ ତା' ପୂର୍ବରୁ ସେ ପୁରା ସମାଜକୁ ଆଲୁଅ ଦେଖାଇ ଗଲେ, ସେ ପ୍ରମାଣ କରିଗଲେ - ପ୍ରେମ ମାନେ କେବଳ ସିନ୍ଦୂର ନୁହେଁ, ପ୍ରେମମାନେ ହେଉଛି ସତ୍ୟ ପାଇଁ ନିଜକୁ ବଳିଦାନ ଦେବା । ଆଜି ଅନେକେ ପଚାରୁଛନ୍ତି - ସେ କାହିଁକି ହାରିଗଲେ ? ମୁଁ କହେ - ସେ ହାରିଲେନି, ସେ ଜିତିଗଲେ । ସେ ଜିତିଗଲେ କାରଣ ସେ ଆମକୁ ଶିଖାଇଗଲେ ଯେ 'ଗୋଟିଏ ପୁରୁଷ ପାଇଁ ତା' ସ୍ତ୍ରୀର ସମ୍ମାନ ହିଁ ତା' ସବୁଠୁ ବଡ଼ ସମ୍ମାନ' । ସେ ହାରିଲେ କାରଣ ଆମ ବ୍ୟବସ୍ଥା ଜିତିଗଲା - ବିଳମ୍ବର ବ୍ୟବସ୍ଥା, ଉଦାସୀନତାର ବ୍ୟବସ୍ଥା, ଫାଇଲ୍‌ର ବ୍ୟବସ୍ଥା, ଆଇନର ବ୍ୟବସ୍ଥା । ଛବିରାଣୀର ହତ୍ୟା ଗୋଟେ ଘଟଣା ନଥିଲା, ସେ ଥିଲା ଗୋଟେ ଆରମ୍ଭ । ଆଉ ନବ କିଶୋର ମୃତ୍ୟୁ ସେ କାହାଣୀର ଶେଷ ନୁହେଁ, ସେ ହେଉଛି ଗୋଟେ ନୂଆ ଅଧ୍ୟାୟର ପ୍ରଥମ ଲାଇନ୍ । ସେ ଲାଇନ୍‌ରେ ଲେଖା ଅଛି - 'ଯେତେବେଳେ ନ୍ୟାୟ ମରେ, ସେତେବେଳେ ସାକ୍ଷୀମାନେ ଜଳନ୍ତି' । ଭାବ ଦେଖ - ଗୋଟିଏ ପୁରୁଷ ନିଜ ସ୍ତ୍ରୀ ପାଇଁ କ'ଣ କରିପାରେ ? ସେ ଦୁନିଆ ସହ ଲଢ଼ିପାରେ । ସେ ଆଇନର ଦ୍ୱାରସ୍ଥ ହୋଇପାରେ। ସେ ରାତିର ନିଦ ହରାଇପାରେ । ସେ ଲୋକଙ୍କ ବ୍ୟଙ୍ଗ ସହିପାରେ । ସେ ପ୍ରଶାସନର ଅଣଦେଖା ହଜମ କରିପାରେ । ଆଉ ଶେଷରେ... ସେ ନିଜ ଜୀବନ ବି ଦେଇପାରେ । କାରଣ ତା' ପାଇଁ ସ୍ତ୍ରୀର ଅପମାନ ମାନେ ନିଜର ଅପମାନ । ସ୍ତ୍ରୀର ମୃତ୍ୟୁ ମାନେ ନିଜର ଅଧା ମୃତ୍ୟୁ । ନବ କିଶୋର ଆମକୁ ଗୋଟେ କଠିନ ସତ୍ୟ ଶିଖାଇଗଲେ - 'ସାକ୍ଷୀ ହେବା ସହଜ, ସାକ୍ଷୀ ରହିବା କଠିନ' । ପ୍ରଥମ ଦିନ ସମସ୍ତେ ସାକ୍ଷୀ, କିନ୍ତୁ ପଞ୍ଚମ ବର୍ଷରେ ସେ ଏକା ଏକା ଲଢ଼ିଲେ, ଏକା କଲେ, ଏକା ମଲେ । ତାଙ୍କ ମୃତ୍ୟୁ ଗୋଟେ ବ୍ୟକ୍ତିର ମୃତ୍ୟୁ ନୁହେଁ, ଏଇଟା ଆମ ସମସ୍ତଙ୍କ ମାନବିକତାର ମୃତ୍ୟୁ ପ୍ରମାଣପତ୍ର । ତେଣୁ ଆଜି ଆମେ କ'ଣ କରିବା ? ମହମବତୀ ଜଳାଇ କାନ୍ଦିବା ? ନା ଆମେ ଏକାଠି ହୋଇ 'ନବ କିଶୋର ଅଧା ଲଢ଼େଇକୁ ଆମେ ସମ୍ପୂର୍ଣ୍ଣ କରିବା' । ଅନେକ ଛବିରାଣୀଙ୍କ ନିଜ ଲୋକ ଆଜି ନ୍ୟାୟ ଅପେକ୍ଷାରେ, ସେମାନଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଆମେ ଚୁପ୍ ରହିବାନି । କାରଣ ଯଦି ଆଜି ଆମେ ଚୁପ୍ ରହିଲୁ, ତେବେ ପୁଣି କାଲି ଆଉ ଗୋଟେ ନୂଆ ଛବିରାଣୀ ମରିବ, ପୁଣି ଆଉ ଗୋଟେ ନବ କିଶୋର ଜଳିବ । ଶେଷ ଅଗ୍ନି-ବାଣୀ - ହେ ନବ କିଶୋର, ତୁମେ ମରିନ । ତୁମେ ମଶାଲ୍ ହୋଇଗଲ । ତୁମ ଶେଷ ନିଃଶ୍ୱାସରେ ତୁମେ ଆମ ବୁକୁ ଭିତରେ ନିଆଁ ଲଗାଇଦେଲ । ସେ ନିଆଁ ନିଆଁ ନୁହେଁ, ସେ ହେଉଛି 'ସତ୍ୟର ସଙ୍କଳ୍ପ'। ଯେତେବେଳେ ସେ ସଂକଳ୍ପ ଲିଭିଯିବ, ସେଦିନ ବୁଝିବ - ଛବିରାଣୀକୁ ନ୍ୟାୟ ମିଳିଗଲା । ହେ ସମାଜ ! ଆଉ କେତେ ନବ କିଶୋର ଜଳିଲେ ତୁ ଜାଗିବୁ ? ଆଉ କେତେ ଛବିରାଣୀ ମରିଲେ ତୁ ମୁଣ୍ଡ ଟେକିବୁ ? ଉତ୍ତର ଦିଅ ମୋର ସ୍ୱାଭିମାନୀ ଓଡ଼ିଆ ଭାଇ ଓ ଭଉଣୀ ।

ଆସ ମୋ ଓଡ଼ିଶାର ଯୁବ ସମାଜ ନ୍ୟାୟ ଦେବା ଅନେକ ଗୁଡ଼ିଏ ଛବିରାଣୀ ଆମ ଅପେକ୍ଷାରେ।

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102, Ph- 0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra